କୌତୂହଳର ବିଷୟ, ଲଣ୍ଡନର ଟାଟେ ମଡର୍ନଠାରେ ମର୍ଯ୍ୟାଦାପୂର୍ଣ୍ଣ ସାହିତ୍ୟ ସମ୍ମାନ ଗ୍ରହଣ କରୁଥିବା ବେଳେ ବାନୁଙ୍କ ହସ ବେଶ୍ ସୁନ୍ଦର ଥିଲା ଓ ତାଙ୍କ ଶାଢ଼ି ମଧ୍ୟ ଝଟକୁଥିଲା। କିନ୍ତୁ ସେ ପରିଧାନ କରିବାକୁ ଯୋଜନା କରିଥିବା ଶାଢ଼ି ତାହା ନ ଥିଲା। କାରଣ ଲଣ୍ଡନଯାତ୍ରା ସମୟରେ ତାଙ୍କ ସୁଟ୍‌କେଶଟି ହଜିଯାଇଥିଲା, ଯେଉଁଥିରେ ଥିଲା ଆବଶ୍ୟକ ଔଷଧ ଓ ପୁରସ୍କାର ଉତ୍ସବ ପାଇଁ ବାଛିଥିବା ରେଶମୀ ଶାଢ଼ି। କାହାଣୀକାର ଯେତେବେଳେ ନିଜ କାହାଣୀର ଚରିତ୍ର ପାଲଟି ଯାଆନ୍ତି, ସେତେବେଳେ ହଜିଯାଇଥିବା ଜିନିଷ ତାଙ୍କ ପାଖକୁ ନ ଆସି 'ଦାବିବିହୀନ ବସ୍ତୁ' ବିକ୍ରୟ କେନ୍ଦ୍ରରେ ନୂଆ ମାଲିକ ପାଇଯିବା ନିଶ୍ଚିତ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ପ୍ରତିକୂଳ ସ୍ଥିତି ଉଲଫତା ବାନୋଙ୍କୁ ତାଙ୍କ କର୍ତ୍ତବ୍ୟରୁ ବିରତ କରିପାରିନାହିଁ। ଦୀର୍ଘ ୩୦ ବର୍ଷ ଧରି କଶ୍ମୀରର ଏହି ୫୫ ବର୍ଷୀୟା ପୋଷ୍ଟଓମେନ ସେବା ଯୋଗାଇ ଆସୁଛନ୍ତି। ଉଲଫତା ରହୁଛନ୍ତି ଦକ୍ଷିଣ କଶ୍ମୀରର ଶୋପିଆନ ଜିଲାର ହିରପୋରା ଗାଁରେ। ସେ ଶୀତଦିନେ ବରଫରେ ଯାଇ ଲୋକଙ୍କ ପାଖରେ ପାର୍ସଲ ପହଞ୍ଚାଇଥାନ୍ତି। ସେ ଦିନକୁ ୨୦–୨୫ ପାର୍ସଲ ଦେଇଥାନ୍ତି। ପ୍ରବଳ ଶୀତରେ ତାଙ୍କ କର୍ତ୍ତବ୍ୟ ଜାରି ରଖିଛନ୍ତି। ଏହି କାର୍ଯ୍ୟ ପାଇଁ ସେ କେବେ ବି ପରିବହନ ବ୍ୟବସ୍ଥାର ସାହାଯ୍ୟ ଲୋଡ଼ି ନାହାନ୍ତି। ଏପରି କି ନିଜ ପାଇଁ ସୁରକ୍ଷା ଚାହିଁନାହାନ୍ତି। ସେ ପ୍ରବଳ ଶୀତରେ ତାଙ୍କ କର୍ତ୍ତବ୍ୟ ଜାରି ରଖିଥାନ୍ତି। ତାଙ୍କ ଗାଁ ଶ୍ରୀନଗରଠାରୁ ପାଖାପାଖି ୭୦ କିଲୋମିଟର ଦୂର। ସେଠାରେ ଶୀତଦିନେ ତାପମାତ୍ରା ମାଇନସ୍ ୧୫ ଡିଗ୍ରୀ ସେଲ୍‌ସିୟସ ରହେ ଓ ଗାଁଟି ବରଫରେ ମାସ ମାସ ଧରି ବୁଡ଼ିରହେ। ଜୀବନଜୀବିକା ବାଧାପ୍ରାପ୍ତ ହୋଇଥାଏ। ତଥାପି ଉଲଫତା ପ୍ରତିଦିନ ହିପୋରା ପୋଷ୍ଟ ଅଫିସ୍‌ରୁ ଚିଠି ଓ ପାର୍ସଲଗୁଡ଼ିକୁ ନେଇ ଲୋକମାନଙ୍କ ନିକଟରେ ପହଞ୍ଚିଯାଆନ୍ତି। ବିଶେଷକରି ହିପୋରାର ଛାତ୍ରୀଛାତ୍ରମାନେ ସେମାନଙ୍କ ପାଠ୍ୟ ଉପକରଣ ଓ ବହି ପାଇବା ଲାଗି ଉଲଫତାଙ୍କୁ ଚାହିଁ ରହିଥାନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୫ ମେ ୧୯୭୬

- ସହଯୋଗ ବୃଦ୍ଧି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବିନିମୟ ନିମନ୍ତେ ଭାରତ ଓ ରୋମାନିଆ ମଧ୍ୟରେ ୨ଟି ଚୁକ୍ତି ସ୍ୱାକ୍ଷରିତ।
- ଅନୁନ୍ନତ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ଛାତ୍ରବୃତ୍ତି, ମାଗଣାରେ ପାଠ୍ୟପୁସ୍ତକ ଓ ଅନ୍ୟାନ୍ୟ ଶିକ୍ଷାଗତ ସୁବିଧା ଯୋଗାଣ ପାଇଁ କେନ୍ଦ୍ର ସରକାର ୨୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ରାସ୍ତାକଡ଼ ଖାଦ୍ୟ କେତେ ସୁରକ୍ଷିତ

ମହାଶୟ,

ରାଜଧାନୀ ଭୁବନେଶ୍ୱରରେ ଗଳିକନ୍ଦିଠାରୁ ଆରମ୍ଭ କରି ଜନଗହଳିପୂର୍ଣ୍ଣ ପର୍ଯ୍ୟନ୍ତ ଯେଉଁଠି ଦେଖ ଜଳଖିଆ ସହଜରେ ମିଳିପାରିବ। ଠେଲାଗାଡ଼ିରେ ହେଉ ଅବା ତଲେଇ ଟାଣି ହେଉ ସବୁଠି ଫାଷ୍ଟଫୁଡ୍‌ର ମଜା ନେଇପାରିବେ ଆପଣ। ମାତ୍ର ତାହା କେତେ ସୁରକ୍ଷିତ ଆପଣ ଜାଣନ୍ତି କି? ସରକାର ସ୍ୱଚ୍ଛ ପରିବେଶ ସାଙ୍ଗକୁ ସ୍ୱାସ୍ଥ୍ୟକର ଖାଦ୍ୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବିକ୍ରି କରିବା ନିମନ୍ତେ ବିଭିନ୍ନ ନିୟମ ପ୍ରଣୟନ କରିଛନ୍ତି, ମାତ୍ର ଦୋକାନୀ ସେ ସବୁକୁ ଖାତିର ନ କରି ଯିଏ ଯେଉଁଠି ପାଇଲା ଦୋକାନ ଖୋଲି ଦେଉଛନ୍ତି। ଅସ୍ୱାସ୍ଥ୍ୟକର ପରିବେଶ ଓ ନିମ୍ନ ମାନର ଉପକରଣ ବ୍ୟବହାର କରି ପାଟିକୁ ସୁଆଦିଆ ଲାଗୁଥିବା ଜିନିଷକୁ ଗ୍ରାହକଙ୍କୁ ଦେଇ ଭଲ ଦି' ପଇସା ରୋଜଗାର କରୁଛନ୍ତି। ଯାହାକୁ ଖାଇ ପେଟ ସମସ୍ୟା ଦେଖାଦେଉଛି। ଡାକ୍ତର ମଧ୍ୟ ବାହାର ଖାଦ୍ୟ ଖାଇବାକୁ ମନା କରୁଛନ୍ତି। ମାତ୍ର ନାଲି, ନେଳି ଦେଖାଯାଉଥିବା ଖାଦ୍ୟକୁ ଆମେ ଆମର ଲୋଭ ସମ୍ବରଣ କରି ନ ପାରି ଖାଇ ଦେଉଛୁ ଆଉ ତାହା ଆମ ଶରୀର ପାଇଁ କେତେ ସୁରକ୍ଷିତ ତାହା ବିଚାର କରିବାର ଆବଶ୍ୟକତା ଅଛି ବୋଲି ମନେହୁଏ।

– ଅଶୋକ ରାଉଳ, ଅଡ଼ଙ୍ଗ, ଅଣଖିଆ, ଜଗତ୍‌ସିଂହପୁର

## ଚିରନ୍ତନୀ

ଏ ଜୀବନେ ଲଭିଛି ଯେ ନିଧି
ତୁଚ୍ଛ କରିଦିଏଁ ସ୍ୱର୍ଗ ସିଦ୍ଧି,
ଭୋଗିବାକୁ ତାହା
ବେଳ ନାହିଁ, ଆହା!
କିବା ଲୋଡ଼ା
ସ୍ୱର୍ଗ ଯୋଡ଼ା?

(ପୁରୀ–ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଭୁଜାଲି ଆକ୍ରମଣରେ ଜଣେ ଗୁରୁତର

ଜମନକିରା,୨୪।୫(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ଅନ୍ତର୍ଗତ ଗୁଣ୍ଡୁରୁଚୁଆଁ ପଞ୍ଚାୟତ କତରକେଲା ଗାଁରେ ଶନିବାର ଜମିବାଡି କଳହକୁ କେନ୍ଦ୍ରକରି ଭୁଜାଲି ଆକ୍ରମଣରେ ଜଣେ ଗୁରୁତର ହୋଇଛନ୍ତି। ଅଭିଯୁକ୍ତ କୁବେର ଭୋଇ (୪୫)ଙ୍କୁ ପୋଲିସ ଗିରଫ କରୁଛି। ପୋଲିସର ସୂଚନା ଅନୁଯାଇ, କତରକେଲା ଗ୍ରାମର ନାରାୟଣ ପଟେଲ ଓ ଗୁଣ୍ଡୁରୁଚୁଆ ସଂହରା ପଡାର କୁବେରଙ୍କ ମଧ୍ୟରେ ପୂର୍ବରୁ ଜମିବାଡି ବିବାଦକୁ ନେଇ ତିକ୍ତତା ଲାଗିରହିଥିଲା। ସକାଳେ ନାରାୟଣ ଜମିରେ ଚାଷ କାର୍ଯ୍ୟ କରୁଥିବାବେଳେ କୁବେର ସେହି ସ୍ଥାନକୁ ଆସି ପାଟିତୁଣ୍ଡ କରିବା ସହିତ ନାରାୟଣଙ୍କୁ ଅତର୍କିତ ଭାବେ ଭୁଜାଲିରେ ଦେହର ବିଭିନ୍ନ ସ୍ଥାନକୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ନାରାୟଣଙ୍କୁ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। କୁଚିଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଏନେଇ କୁଚିଣ୍ଡା ଥାନାରେ ଏକ ମାମଲା (ନଂ.୧୪୦/୨୦୨୫) ରୁଜୁ ହୋଇଛି।

### ପ୍ରାକ୍ ମୌସୁମୀ ବର୍ଷାରେ ଭିଜିଲା ଅମଳ ରବି ଧାନ

ଲୋଇସିଂହା,୨୪।୫(ସୁଶାନ୍ତ ବାରିକ)

ପ୍ରାକ୍ ମୌସୁମୀ ବର୍ଷା ଯୋଗୁ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦୀବାହାଲ ପଞ୍ଚାୟତ ଅଗଲାପାଲି ଗ୍ରାମର ରବି ଧାନ ଚାଷ କରିଥିବା ଅଧିକାଂଶ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ଗ୍ରାମର ଗହଳ ସାହୁ ଧାନ ଅମଳ କରି ଖଳାରେ ରଖିଥିଲେ । ହେଲେ ବର୍ଷାରେ ତାଙ୍କର ୮୦ ପ୍ୟାକେଟ ଧାନ ଭିଜି ଯାଇଛି।ସେହିପରି ତେଜରାଜ ସାହୁଙ୍କ ୧୦୭ ପ୍ୟାକେଟ, ଅଚ୍ୟୁତ ମହାକୁରଙ୍କ ୧୦୭ ପ୍ୟାକେଟ ଧାନ ଭିଜି ଯାଇଛି। ଏହାଛଡା ଲିଙ୍ଗରାଜ ସାହୁଙ୍କ ଦେଢ଼ ଏକର ଧାନ ପେଟା ଓ ଦିଲୀପ ସାହୁଙ୍କ ୨ ଏକର କଟା ଯାଇ ନ ଥିବା ଧାନ ବର୍ଷାରେ ଭିଜି ନଷ୍ଟ ହୋଇଥିବା ଜଣାଯାଇଛି ।

### ପୋଲିସ ହେପାଜତରୁ ଅଭିଯୁକ୍ତ ଫେରାର ଅଭିଯୋଗ

ରାଉରକେଲା,୨୪।୫(ସଙ୍ଗୀତା ଜେନା)

ରାଉଣକେଲା ମାଲଗୋଦାମ ଅଞ୍ଚଳର ଜଣେ ଅଭିଯୁକ୍ତ ଶୁକ୍ରବାର ପୋଲିସ ହେପାଜତରୁ ଫେରାର ହୋଇଥିବା ଚର୍ଚ୍ଚା ହେଉଛି। ତାଙ୍କ ନାମରେ ବିଭିନ୍ନ ଥାନାରେ ପ୍ରାୟ ୫୦ଟି ଛିନ୍ତାଇ ଓ ଚୋରି ମାମଲା ରହିଛି। ବର୍ତ୍ତମାନ ଏକ ଆପରାଧିକ ମାମଲାରେ ତାଙ୍କୁ ପଚରାଉଚୁରା କରାଯାଉଥିବା ବେଳେ ସେ କୁଆଡେ ସୁଯୋଗ ଉଣ୍ଡି ଛାତ ଡେଇଁ ଫେରାର ହୋଇଯାଇଛନ୍ତି। ତାଙ୍କ ସୁରକ୍ଷା ଦାୟିତ୍ୱରେ ଥିବା କିଛି କନଷ୍ଟେବଲ ଓ ଅନ୍ୟ ପୋଲିସ କର୍ମଚାରୀଙ୍କୁ ଏହି ଅଭିଯୋଗରେ ନିଲମ୍ବିତ କରାଯାଇଥିବା ମଧ୍ୟ ଆଲୋଚନା ହେଉଛି। ଅନ୍ୟପକ୍ଷେ ରାଉରକେଲା ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର, ଡିଆଇବି ଡିଏସ୍‌ପି ରାମରାୟ ମୁର୍ମୁ, ଜୋନ୍-୨ ଡିଏସ୍‌ପି ଅମରେନ୍ଦ୍ର ଷଣ୍ଢ, ରିଜର୍ଭ ଇନ୍ସପେକ୍ଟର ଏସ୍. ସାମଲ ଏବଂ ଉଦିତନଗର ଥାନାଧିକାରୀ ଦିଲ୍ଲୀପ ଲାକ୍ରା ଏହି ଘଟଣାକୁ ଅସ୍ୱୀକାର କରିଛନ୍ତି। ତେବେ ଜଣେ ବରିଷ୍ଠ ପୋଲିସ ଅଧିକାରୀ ନିଜ ନାମ ଗୋପନ ରଖି କିଛି ପୋଲିସ କର୍ମଚାରୀଙ୍କ ନିଲମ୍ବନକୁ ସ୍ୱୀକାର କରିଥିବାବେଳେ ତାହା ଅନ୍ୟ କାରଣ ଯୋଗୁ ହୋଇଥିବା କହିଛନ୍ତି।

# ଆମରଣ ଅନଶନରେ ବସିଲେ ଛାତ୍ରୀଛାତ୍ର

- ପରୀକ୍ଷାଫଳ ପ୍ରକାଶ ଦାବି
- ଧାରଣାରେ ସାମିଲ ହେଲେ ବିଧାୟିକା

ପଦ୍ମପୁର,୨୪।୫(ପ୍ରଦୀପ୍ତ ଦାଶ)



ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ ଛାତ୍ରୀଛାତ୍ରଙ୍କ ସହିତ ବିଧାୟିକା।

ଗତ ୧୩ ତାରିଖରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳାଫଳ ପ୍ରକାଶ ପାଇଛି। କିନ୍ତୁ ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ପଦ୍ମପୁର, ପାଇକମାଳ, ଗାଇସିଲଟ, ସୋହେଲା ଆଦର୍ଶ ବିଦ୍ୟାଳୟ ସମେତ ଯେନିଥ ବିଦ୍ୟାଳୟ, ପଦ୍ମପୁର ପବ୍ଲିକ ବିଦ୍ୟାଳୟ ଆଦି ୬ଟି ବିଦ୍ୟାଳୟର ଫଳାଫଳ ପ୍ରକାଶ ପାଇନାହିଁ। ଏ ସମ୍ପର୍କରେ ଅଭିଭାବକମାନେ କେନ୍ଦ୍ରୀୟ ବୋର୍ଡ କର୍ତ୍ତୃପକ୍ଷ, ବରଗଡ ଏମ୍‌ପି, ଜିଲା ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ଏହି ପରିପ୍ରେକ୍ଷୀରେ ଶନିବାର ଉକ୍ତ ୬ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଭିଭାବକ ଫଳାଫଳ ପ୍ରକାଶ ଦାବିରେ ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଆନ୍ଦୋଳନସ୍ଥଳକୁ ପହଞ୍ଚି ଛାତ୍ରୀଛାତ୍ରଙ୍କ ଦାବିକୁ ସମର୍ଥନ ଜଣାଇଛନ୍ତି। ଏହି ପ୍ରସଙ୍ଗରେ ଉପରୋକ୍ତ ସମସ୍ତ ବିଦ୍ୟାଳୟର ଅଭିଭାବକମାନେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶିଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏଥିସହ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହିତ ସମ୍ବଲପୁରରେ ଅଭିଭାବକ ଓ ଛାତ୍ରୀଛାତ୍ରମାନଙ୍କ ଆଲୋଚନା ହୋଇଥିଲା। ମନ୍ତ୍ରୀ ଆସନ୍ତା ମଙ୍ଗଳବାର ସୁଦ୍ଧା ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି କହିଥିଲେ। ଏହା ଶୁଣି ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ଧାରଣା ସ୍ଥଗିତ ରହିଥିଲା। ତେବେ ମଙ୍ଗଳବାର ସୁଦ୍ଧା ଫଳାଫଳ ପ୍ରକାଶ ନ ହେଲେ ବୁଧବାରରୁ ପୁଣି ଆନ୍ଦୋଳନ ହେବ ବୋଲି ସେମାନେ କହିଛନ୍ତି।

# ରାତିସାରା ଗ୍ରାମବାସୀଙ୍କ ସହ ଧାରଣାରେ ବସିଲେ ବିଧାୟକ

ସୁନ୍ଦରଗଡ଼,୨୪।୫(ଜୟ ନାରାୟଣ ମେଣ୍ଡୁଲି)

**ବେଆଇନ କୋଇଲା ସାଇଡିଂକୁ ବିରୋଧ**

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ବରପାଲିଠାରେ ବେଆଇନ କୋଇଲା ସାଇଡିଂକୁ ବିରୋଧ କରି ୪ ମାସ ହେଲା ଗ୍ରାମବାସୀଙ୍କ ଧାରଣା ଜାରି ରହିଛି। ଗ୍ରାମବାସୀଙ୍କ ଏହି ଆନ୍ଦୋଳନରେ ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂହ ମଧ୍ୟ ସାମିଲ ହୋଇଛନ୍ତି। ଶୁକ୍ରବାର ରାତିରେ ପୁଣି କୋଇଲା ବେଆଇନ ଭାବେ ରେଳ ଯୋଗେ ପରିବହନ ପାଇଁ ମସୁଧା ହେଉଥିବା ଖବର ପାଇ ବରପାଲି ଗ୍ରାମବାସୀଙ୍କ ସହ ବିଧାୟକ ସିଂହ ରାତି ସାରା ଧାରଣାରେ ବସିଥିଲେ। ଉଲ୍ଲେଖଯୋଗ୍ୟ, ଗତ ୩ ତାରିଖରେ କୋଇଲା ସାଇଡିଂକୁ ବିରୋଧ କରିବା ସମୟରେ ପୋଲିସ ଦ୍ୱାରା ଗ୍ରାମବାସୀଙ୍କ ସହିତ ବିଧାୟକ ୫ରୁ ୬ ଘଣ୍ଟା ଅଟକ ରହିଥିଲେ। ବରପାଲି ଗ୍ରାମ ନିକଟ ଜନଗହଳି ସ୍ଥାନରେ ଏହି ସାଇଡିଂକୁ ସଂପୂର୍ଣ୍ଣଭାବେ ବନ୍ଦ ପାଇଁ ପୂର୍ବରୁ ଗ୍ରାମବାସୀ ଜିଲାପାଳ ଏବଂ ଏସ୍‌ପିଙ୍କ ନିକଟରେ ଦାବି କରି ଆସୁଛନ୍ତି। ବର୍ତ୍ତମାନ ଏହି ସାଇଡିଂ ନିର୍ମାଣ ନେଇ ହାଇକୋର୍ଟରେ ମାମଲା ବିଚାରାଧୀନ ଅଛି। ହାଇକୋର୍ଟଙ୍କ ରାୟ ନ ଆସିବା ପର୍ଯ୍ୟନ୍ତ ଏଠାରେ କୋଇଲା ପରିବହନ ଓ ଟ୍ରେନରେ ଲୋଡିଂ କରା ନ ଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ବିନା ଗ୍ରାମସଭାରେ ଏହି ସାଇଡିଂ ନିର୍ମାଣକୁ ସମ୍ପୂର୍ଣ୍ଣ ବନ୍ଦ ଘୋଷଣା ନ ହେବା ପର୍ଯ୍ୟନ୍ତ ଗ୍ରାମବାସୀଙ୍କ ପ୍ରତିବାଦ ଜାରି ରହିବ ବୋଲି ବିଧାୟକ ଚେତାବନୀ ଦେଇଛନ୍ତି।

# ଅମନ କୁମାର ନାଏକ ବିଶ୍ୱବିଦ୍ୟାଳୟ ଟପ୍ପର



କୁଳପତିଙ୍କ ସହ ଅନ୍ୟମାନେ ପରୀକ୍ଷାଫଳ ପ୍ରକାଶ କରୁଛନ୍ତି।

ଭବାନୀପାଟଣା,୨୪।୫(ଉତ୍ତମ କୁମାର ଦାଶ)

**ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ସ୍ନାତକ ପରୀକ୍ଷାଫଳ**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ (କଳାହାଣ୍ଡି ବିଶ୍ୱବିଦ୍ୟାଳୟ)ର ସ୍ନାତକ ଶେଷ ସେମିଷ୍ଟର ପରୀକ୍ଷାଫଳ ପ୍ରକାଶିତ ହୋଇଛି। ଏଥିରେ ବିଶ୍ୱବିଦ୍ୟାଳୟର ମୋଟ ୬୮୧୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସେଥିରୁ ୩୬୨୩ ଜଣ ପାସ୍ କରିଛନ୍ତି। ପାସ୍ ହାର ରହିଛି ୫୮.୫୭ ପ୍ରତିଶତ। ୨୧୪୯ ଜଣ ପ୍ରଥମ ଶ୍ରେଣୀ ଓ ୧୪୭୪ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅମନ କୁମାର ନାଏକ ୦୯.୭୪ ଗ୍ରେଡ୍ ରଖି ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି। କଳା ବିଭାଗର ଛଳେନ୍ଦ୍ରୀ ସାହୁ ୦୮.୮୬ ଗ୍ରେଡ୍ (ଶିକ୍ଷା ବିଭାଗ), ବାଣିଜ୍ୟ ବିଭାଗର ସ୍ନେହା ଶର୍ମା ୦୮.୬୯ ଗ୍ରେଡ୍ ଓ ବିଜ୍ଞାନ ବିଭାଗର ଅମନ କୁମାର ନାଏକ ୯.୭୪ ଗ୍ରେଡ୍ (ପଦାର୍ଥ ବିଜ୍ଞାନ) ରଖି ଟପ୍ପର ହୋଇଛନ୍ତି। ସେହିପରି କଳା ବିଭାଗର ଗୁପ୍ତେଶ୍ୱରୀ ଦୁରିଆ (ନୃତତ୍ତ୍ୱ ବିଜ୍ଞାନ), ବିନିତା ଭୋଇ (ଅର୍ଥନୀତି), ଛଳେନ୍ଦ୍ରୀ ସାହୁ (ଶିକ୍ଷା), ରତ୍ନପର୍ଣ୍ଣା ସେଠ (ଇଂରାଜୀ), ଅନନ୍ୟା ଦାସ (ଭୂଗୋଳ), ଭୂପେନ ପଟେଲ (ହିନ୍ଦୀ), ଦୀପାରାଣୀ ନାଗ (ଇତିହାସ), ଶିବାନୀ ରଣା (ଗୃହବିଜ୍ଞାନ), ଅର୍ମିଲ ପୂଜାରୀ (ଓଡ଼ିଆ), ମୁସ୍କାନ ଦେଶମୁଖ (ଦର୍ଶନଶାସ୍ତ୍ର), ଶାଶ୍ୱତ ରଞ୍ଜନ ସାହୁ (ରାଜନୀତି ବିଜ୍ଞାନ), ସବିତା ଭତରା (ସଂସ୍କୃତ), ପ୍ରତୀକ ପୂଜାରୀ (ସମାଜ ବିଜ୍ଞାନ), ବାଣିଜ୍ୟ ବିଭାଗର ସ୍ନେହା ଶର୍ମା ଓ ବିଜ୍ଞାନ ବିଭାଗର ସୋନାଲୀ ଜୋଷୀ (ଉଦ୍ଭିଦବିଜ୍ଞାନ), ଶ୍ରୁତି ମେହେର (ରସାୟନ ବିଜ୍ଞାନ), ସମୀକ୍ଷା ପଣ୍ଡା (କମ୍ପ୍ୟୁଟର ବିଜ୍ଞାନ), ସୌରଭ କୁମାର (ଗଣିତ), ଅମନ କୁମାର ନାଏକ (ପଦାର୍ଥ ବିଜ୍ଞାନ), ଉତ୍କଳିକା ପ୍ରିୟଦର୍ଶିନୀ ଜେନା (ପ୍ରାଣୀବିଜ୍ଞାନ) ଟପ୍ପର ହୋଇ ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ବିଶ୍ୱ ବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଛାତ୍ରୀଛାତ୍ରଙ୍କ ସଫଳତାର ଶ୍ରେୟ ବିଭାଗର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କୁ ଦେଇଛନ୍ତି। ଏହି ଫଳାଫଳରେ ସେ ଖୁସି ବ୍ୟକ୍ତ କରି ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ବିଶ୍ୱବିଦ୍ୟାଳୟ ଟପ୍ପର ଅମନ କୁମାର ନାଏକ।

### ମାଛମାରିବା ବେଳେ ଅଘଟଣ

## ଡିନାମାଇଟ୍ ବିସ୍ଫୋରଣରେ ଯୁବକ ଗୁରୁତର

ହରଭଙ୍ଗା,୨୪।୫(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ଦେଇ ପ୍ରବାହିତ ମହାନଦୀରେ ଡିନାମାଇଟ୍ ବିସ୍ଫୋରଣ କରି ମାଛ ମାରୁଥିବାବେଳେ ଶନିବାର ଅଘଟଣ ଘଟିଛି। ଡିନାମାଇଟ୍ ବିସ୍ଫୋରଣରେ ହରଭଙ୍ଗା ବ୍ଲକ କୁଶାସିଙ୍ଗା ଗ୍ରାମର ଜଣେ ଯୁବକ ସଚ୍ଚିଦାନନ୍ଦ ମହାକୁଡ଼ ଗୁରୁତର ହୋଇଛନ୍ତି। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ଶନିବାର ପୂର୍ବାହ୍ନ ୧୧ଟାରେ ସଚ୍ଚିଦାନନ୍ଦ ସାଙ୍ଗମାନଙ୍କ ସହ ଗ୍ରାମ ନିକଟସ୍ଥ ମହାନଦୀକୁ ମାଛ ମାରିବା ପାଇଁ ଯାଇଥିଲେ। ସେ ମାଛ ମାରିବା ପାଇଁ ହାତରେ ଡିନାମାଇଟ ଧରି ପାଣିକୁ ଫିଙ୍ଗୁଥିବା ବେଳେ ହଠାତ୍ ବିସ୍ଫୋରଣ ହୋଇଥିଲା। ଫଳରେ ସଚ୍ଚିଦାନନ୍ଦଙ୍କ ଡାହାଣ ହାତ ପାପୁଲି, ମୁହଁ ଓ ଦେହରେ ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ହରଭଙ୍ଗା ଏବଂ ବୌଦ୍ଧ ଡାକ୍ତରଖାନାକୁ ପଠାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସଚ୍ଚିଦାନନ୍ଦଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ନିଖୋଜ ଯୁବକଙ୍କ ମୃତଦେହ ଜବତ

ରାଉରକେଲା,୨୪।୫(ସଙ୍ଗୀତା ଜେନା)

ରାଉରକେଲା ସେକ୍ଟର-୧୫ ଥାନା ଅନ୍ତର୍ଗତ ସେକ୍ଟର-୧୬ ଅଞ୍ଚଳର ଜଣେ ଯୁବକ ଶୁଭମ୍ ପ୍ରଧାନ(୧୯) ଶୁକ୍ରବାର ନିଖୋଜ ଥିଲେ। ଏ ନେଇ ତାଙ୍କ ଅଭିଭାବକ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ.୧୧/୨୫) ରୁଜୁ କରିଥିଲା। ତେବେ ବେଦବ୍ୟାସ ମନ୍ଦିର ଓ ବ୍ରାହ୍ମଣୀ ନଦୀ ନିକଟରେ ତାଙ୍କ ସ୍କୁଟି, ଚପଲ ପଡ଼ିଥିବା ଦେଖିବାକୁ ମିଳିଥିଲା। ଓଡ୍ରାଫ୍ ଟିମ୍ ବ୍ରାହ୍ମଣୀ ନଦୀରେ ଖୋଜାଖୋଜି କଲାବେଳେ ଶନିବାର ସନ୍ଧ୍ୟା ୬ଟାରେ ପୁରୁଣାବ୍ରିଜ୍ ନିକଟ ତଥା ଏକ ଘରୋଇ ହସ୍ପିଟାଲ ପଛପାର୍ଶ୍ୱରେ ଉକ୍ତ ଯୁବକଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ତୁରନ୍ତ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ସୂଚନାଯୋଗ୍ୟ, ମୃତ ଯୁବକ ରାଉରକେଲାର ଏକ ପ୍ରତିଷ୍ଠିତ ବୈଷୟିକ ଶିକ୍ଷାନୁଷ୍ଠାନରେ ଡିପ୍ଲୋମା ପଢୁଥିଲେ।

### ପରିତ୍ୟକ୍ତ କୂଅରୁ ଗୋରୁ ଉଦ୍ଧାର

ବୀରମହାରାଜପୁର,୨୪।୫(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ କଳାପଥର ଗାଁର ପରିତ୍ୟକ୍ତ କୂଅରୁ ଏକ ଗୋରୁ ଉଦ୍ଧାର ହୋଇଛି। କଳାପଥର ଗାଁରୁ କଲେଜ ଆଡକୁ ଯାଇଥିବା ରାସ୍ତାର ନାଳ ନିକଟରେ ଥିବା ଏକ ପରିତ୍ୟକ୍ତ କୂଅରେ ଗୋରୁଟି ପଡି ଯାଇଥିଲା। ଏହା ଜଣାପଡିବା ପରେ ବୀରମହାରାଜପୁର ଦମକଳ ବାହିନୀକୁ ଖବର ଦିଆଯାଇଥିଲା। ଦମକଳବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନ ଥିଲେ। ତେବେ କୂଅରୁ ଗୋରୁକୁ କାଢିବା ସମ୍ଭବ ନ ହେବାରୁ ଏକ ଜେସିବି ଅଣାଯାଇଥିଲା। ପ୍ରଥମେ ଜେସିବିରେ ମାଟି ତାଡିବା ପରେ ପରତ୍ୟକ୍ତ କୂଅରୁ ଗୋରୁକୁ ଦମକଳବାହିନୀ ଉଦ୍ଧାର କରିଥିଲେ। ଗୋରୁଟି କଳାପଥର ଗାଁର ସୁରେନ୍ଦ୍ର ଭୋଇଙ୍କର ବୋଲି ଜଣାପଡିଛି।

## ହାତୀ ଶାବକର ମୃତଦେହ ଠାବ



ହାତୀ ଶାବକର ମୃତଦେହ ପଡ଼ିରହିଛି।

ପଡ଼ିଆବାହାଲ,୨୪।୫(ରାଧାମୋହନ ଷଡ଼ଙ୍ଗୀ)

ସମ୍ବଲପୁର ଜିଲା ସଦର ବନରେଞ୍ଜ ଝାଙ୍କରପାଲି ସେକ୍ସନ ଅନ୍ତର୍ଗତ ମୁଣ୍ଡେର ଗାଁର ଏକ ସୋରିଷ ବାଡ଼ିରେ ପଡ଼ିରହିଥିବା ହାତୀ ଶାବକର ମୃତଦେହ ଶନିବାର ସକାଳେ ଠାବ କରାଯାଇଛି। ଗ୍ରାମବାସୀଙ୍କ ନିକଟରୁ ଖବରପାଇ ବନ ବିଭାଗ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରିଛନ୍ତି। ସଦର ରେଞ୍ଜର ହରିଶଙ୍କର ନାୟକ, ଝାଙ୍କରପାଲି ଫରେଷ୍ଟର ସୁଚିତ୍ରା ମେଣ୍ଡୁଲି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ହାତୀ ଶାବକ ପୁରୁଷ ଓ ବୟସ ୬ମାସ ହେବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି। ଯୁଯୁମୁରା, ଭୁବନେଶ୍ୱରରୁ ବିଶେଷଜ୍ଞ ଦଳ ଆସିବା ପରେ ହାତୀ ଶାବକର ମୃତଦେହ ବ୍ୟବଚ୍ଛେଦ କରାଯିବ। ବ୍ୟବଚ୍ଛେଦ ରିପୋର୍ଟରୁ ହାତୀ ଶାବକର ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ରେଞ୍ଜର ନାୟକ କହିଛନ୍ତି।

## କୋଇଲା ବୋଝେଇ ଟ୍ରେନ୍‌ରେ ନିଆଁ



କୋଇଲା ବୋଝେଇ ଟ୍ରେନ୍ ବଗିରେ ନିଆଁ ଲାଗି ଧୂଆଁ ବାହାରୁଛି ।

ସଇଁତଲା,୨୪।୫(ରାଖାଲ ପ୍ରସାଦ ଶତପଥୀ)

**ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ କଲା ଆୟତ୍ତ**

ଶନିବାର ଅପରାହ୍ନରେ ବଲାଙ୍ଗୀର ଜିଲା ବଡ଼ମାଳ ରେଳଷ୍ଟେଶନରେ ରହିଥିବା ଏକ କୋଇଲା ବୋଝେଇ ଟ୍ରେନର ଦୁଇଟି ବଗିରେ ନିଆଁ ଲାଗିଥିବା ଖବର ମିଳିଛି। ପ୍ରକାଶ ଯେ, ଗତ ୧୭ ତାରିଖଠାରୁ ଉକ୍ତ ରେଳ ଷ୍ଟେଶନରେ ଏକ କୋଇଲା ବୋଝେଇ ଟ୍ରେନ ଅଟକି ରହିଥିଲା। ତେବେ କୌଣସି କାରଣରୁ ଉକ୍ତ ଟ୍ରେନର ଦୁଇଟି ବଗିରେ ନିଆଁ ଲାଗିଯାଇଥିଲା। ଏହା ଜାଣିବା ପରେ ଷ୍ଟେଶନ ମାଷ୍ଟର ସଙ୍ଗେ ସଙ୍ଗେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ସଇଁତଲା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଫଳରେ ଏଥିଯୋଗୁ କ୍ଷୟକ୍ଷତି ହୋଇନାହିଁ।

# ବେଆଇନ ଖଣି ଖନନକୁ ପ୍ରଶ୍ରୟ ଦିଆଯିବନି: ମନ୍ତ୍ରୀ



ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ଓ ବିଧାୟକଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର,୨୪।୫(ସ୍ମୃତି ରଞ୍ଜନ ମହାଲିକ)

ସୁନ୍ଦରଗଡ ଜିଲାର ହେମଗିରି ଓ କୋଇଡା ତହସିଲରେ ହୋଇଥିବା ବ୍ୟାପକ ବେଆଇନ ଖଣି ଉତ୍ତୋଳନ ଓ କାରବାରର ତଦନ୍ତ ଭିଜିଲାନ୍ସ ଦ୍ୱାରା କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଭିଜିଲାନ୍ସ ପକ୍ଷରୁ ଏସଆଇଟି ଟିମ ଗଠନ କରାଯାଇଛି ବୋଲି ଶନିବାର ବ୍ରହ୍ମପୁରର ସ୍ୱତନ୍ତ୍ର ସର୍କିଟ ହାଉସଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଜ୍ୟ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ପରିବେଶ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ ଓ ବିଭାଗୀୟ ଅଧିକାରୀଙ୍କ ସହ ଉକ୍ତ ବେଆଇନ ଖଣି ଉତ୍ତୋଳନ ସ୍ଥାନକୁ ସେ ଗସ୍ତ କରି ଦୀର୍ଘ ଦିନ ଧରି ଜଙ୍ଗଲ ମଧ୍ୟରେ ଚାଲିଥିବା ବେଆଇନ ଖଣି ଖନନ ଓ ଚାଲାଣ ସଂପର୍କିତ ରିପୋର୍ଟ ସଂଗ୍ରହ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସହ ମଧ୍ୟ ଆଲୋଚନା କରାଯାଇଛି। ଦୁର୍ନୀତି ବିରୋଧରେ ରାଜ୍ୟ ସରକାର ସର୍ବଦା କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସୁନ୍ଦରଗଡ ଜିଲା ହେମଗିରି ତହସିଲରେ ୨୨ ଖଣିରୁ ବେଆଇନ ଭାବେ ୯୮୪୩ ମେଟ୍ରିକ ଟନରୁ ଅଧିକ ପରିମାଣର କୋଇଲା ଉତ୍ତୋଳନ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୨ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ। ସେହିପରି ହେମଗିରି ଜାମଖାନି ସଂରକ୍ଷିତ ଜଙ୍ଗଲ ଓ ଭୋଗରାକଚର ଗ୍ରାମରେ ବେଆଇନ ଭାବେ କୋଇଲା ଗଚ୍ଛିତ କରାଯାଉଛି। କୋଇଡା ତହସିଲ ଅନ୍ତର୍ଗତ ମାଲଦା, ପଟାବେଡା, ସାନପୁଟୁଲି, କୋଲମଙ୍ଗ ଓ ରୁସିବେଣୁଆଠାରେ ୪୭ ମାଙ୍ଗାନିଜ ଏବଂ ୩ଟି ଲୁହା ଖଣିରୁ ବେଆଇନ ଉତ୍ତୋଳନ କରାଯାଉଛି। ଏହି ଅଂଚଳରେ ରହିଥିବା ୫୦ ଖଣିରୁ ୨୦ ହଜାର ମେଟ୍ରିକ ଟନରୁ ଅଧିକ ମାଙ୍ଗାନିଜ ଏବଂ ୧୨୦୦ ମେଟ୍ରିକ ଟନରୁ ଉର୍ଦ୍ଧ୍ୱ ପରିମାଣର ଲୁହାପଥର ବେଆଇନ ଉତ୍ତୋଳନ ହେଉଥିବା ଦୃଷ୍ଟିଗୋଚର ହୋଇଛି। ଯାହାର ମୂଲ୍ୟ ୩୭ କୋଟିରୁ ଉର୍ଦ୍ଧ୍ୱ ହେବ। ବେଆଇନ ଖଣି ଖନନକୁ ପ୍ରଶ୍ରୟ ଦିଆଯିବନି। ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଭିଜିଲାନ୍ସକୁ ନିର୍ଦ୍ଦେଶ ଦିଆଯାଇଛି। ଘଟଣାରେ ଯେକୌଣସି ବ୍ୟକ୍ତି ଦୋଷୀ ଥିବେ ଖୋଜି ବାହାର କରାଯିବ। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ବିଧାୟକ କେ ଅନୀଲ କୁମାର, ଜିଲା ଭାଜପା ସଭାପତି ସରୋଜ ସାବତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ଆସ୍କା, ବ୍ରହ୍ମପୁର ଓ କନ୍ଧମାଳ ଲୋକସଭା କ୍ଷେତ୍ର ଦାୟିତ୍ୱରେ ଥିବା ବରିଷ୍ଠ ନେତା ସୁନୀଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

केंद्रीय पेट्रोरसायन इंजीनियरिंग और प्रौद्योगिकी संस्थान
CENTRAL INSTITUTE OF PETROCHEMICALS ENGINEERING & TECHNOLOGY (CIPET)-IPT
Department of Chemicals & Petrochemicals, Ministry of Chemicals & Fertilizers, Govt of India
B/25, CNIC, Patia, Bhubaneswar, Odisha 751024, E-mail: bhubaneswar@cipet.gov.in, www.cipet.gov.in

ADMISSIONS - 2025

CIPET: IPT Bhubaneswar, Govt. of India a premier national institution invites online applications for admission in following Under Graduate and Post Graduate programs in Engineering and Science for the Academic Year 2025-26.

| PROGRAMME | QUALIFICATION | DURATION |
|---|---|---|
| B.Tech. (Plastics Engineering) | 12th Science pass with minimum 45% mark (40% mark for SC/ST category) in aggregate with Mathematics, Physics and one more subject. | 4 Years |
| B.Tech. (Manufacturing Engineering & Technology) (Equivalent to Production Engg.) | | |
| Int. M.Sc. (B.Sc. + M.Sc.) (Material Science and Engineering) | 12th Science pass with minimum 45% mark (40% mark for SC/ST category) in aggregate with Mathematics, Physics and one more subject. | 5 Years |
| Lateral Entry for B. Tech (Plastics Engineering) | Passed Diploma with minimum 45% mark (40% mark for SC/ST category) from any branch. or Passed B.Sc. degree with minimum 45% mark (40% mark for SC/ST category) and passed 10+2 examination with Mathematics as a subject. | 3 Years |
| Lateral Entry for B. Tech. (Manufacturing Engineering & Technology) | | |
| M.Sc. (Polymer Science) | Any B.Sc. degree with Chemistry as one of the subject. | 2 Years |
| M.Tech. (Plastics Engineering) | Passed B. Tech in Plastics Engineering or Tech. / Mechanical Engg. / Production Engg./ Polymer Engg. / Chemical Engg. / Manufacturing Engg. / Metallurgical Engg. / Materials Sc. & Engg. / Rubber & Plastcs Tech. / Textile Engg./M.Sc. in Polymer Science / Polymer Chemistry / Polymer Physics / Biopolymer Science / Chemistry / Applied Chemistry. with minimum 50% mark (45% mark for SC/ST category) | 2 Years |
| M.Tech. (Polymer Nanotechnology) | | |

Excellent Placement Track Record

Candidates may apply through the link : https://forms.gle/nUbAXmQFSfpeqe9e8
Last date for filling online application : 26.05.2025
Date of CIPET-Joint Entrance Examination : 30.05.2025
Please visit our website : www.cipet.gov.in for detailed information for Admission
Contact: 8144919800/ 8170044113/ 9348795434
Scan Me

# ଲଣ୍ଡନ ଗଲା ଟିଟିଲାଗଡ଼ ଆମ୍ବ



ଲଣ୍ଡନକୁ ଯିବା ଉଦ୍ଦେଶ୍ୟରେ ଟିଟିଲାଗଡ଼ରୁ ଗାଡ଼ି ଯୋଗେ କୋଲକାତା ଆମ୍ବ ପଠାଯାଉଛି ।



ଟିଟିଲାଗଡ଼ ଷ୍ଟେଶନରେ ରପ୍ତାନୀ ପାଇଁ ରଖାଯାଇଥିବା ଆମ୍ବପେଟି ।

**ଟିଟିଲାଗଡ଼,୨୪।୫ (ଶରତ ମିଶ୍ର)**

ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଏକ ଯୁଗାନ୍ତକାରୀ ପଦକ୍ଷେପ କ୍ରମେ ଟିଟିଲାଗଡ଼ ଉପଖଣ୍ଡ ଅଞ୍ଚଳର ଚାଷୀଙ୍କ ଆମ୍ବ ଶନିବାର ପ୍ରଥମ ଥର ପାଇଁ ଲଣ୍ଡନ ରପ୍ତାନୀ ଆରମ୍ଭ ହୋଇଛି। ଏହି ଐତିହାସିକ ମୁହୂର୍ତ୍ତରେ ସ୍ଥାନୀୟ ଦେଶିଲସ୍ଥିତ ଆଶା କାର୍ଯ୍ୟାଳୟ ପରିସରରେ ଟିଟିଲାଗଡ଼ ଉପଜିଲାପାଳ ରେହାନ ଖତ୍ରୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପୂଜାର୍ଚ୍ଚନା କରିବା ସହ ସବୁଜ ପତାକା ଦେଖାଇ ଆମ୍ବ ରପ୍ତାନୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏଠାରୁ ସଡ଼କ ପଥରେ ୩୦ କୁଇଣ୍ଟାଲ ଆମ୍ବ କୋଲକାତା ଯାଇ ସେଠାରୁ ବିମାନ ଯୋଗେ ଲଣ୍ଡନ ରପ୍ତାନୀ ହେବ । ଏହାଛଡ଼ା ବଲାଙ୍ଗୀର ଜିଲାର ଟିଟିଲାଗଡ଼ ରେଳ ଷ୍ଟେଶନରୁ ୨୦ କୁଇଣ୍ଟାଲ ଆମ୍ବ ଦିଲ୍ଲୀ ମଦର ଡାଇରୀକୁ ଶନିବାର ସମତା ଏକ୍ସପ୍ରେସ୍ ଯୋଗେ ରପ୍ତାନୀ ହୋଇଛି । ସରକାରୀ ସ୍ତରରେ ନାବାର୍ଡ, ଓର୍ମାସ, ଓପେଡା, ଉଦ୍ୟାନ କୃଷି ବିଭାଗ, ପାଲାଡିୟମ ତଥା ଆଶା ସଂସ୍ଥାର ପ୍ରୋତ୍ସାହନରେ ସ୍ଥାନୀୟ ଜାଡେନ ଏଫ୍‌ପିଓ, କୃଷକ ଉନ୍ନୟନ, ଫାର୍ମିଂ ଆଣ୍ଡ ନନ୍‌ଫାର୍ମିଂ ସଂସ୍ଥା ବଲାଙ୍ଗୀର ଉଦ୍ୟମ କ୍ରମେ ଚାଷୀଙ୍କ ଆମ୍ବ ଉଚିତ ମୂଲ୍ୟରେ ଖରିଦ ସହ ବାହାରକୁ ରପ୍ତାନୀ ଉତ୍ସାହ ସୃଷ୍ଟି କରିଛି ।

ଏହି ଅଞ୍ଚଳର ଆମ୍ବଚାଷୀ ଅଭାବୀ ବିକ୍ରି ସହ ଉପଯୁକ୍ତ ଦର ପାଇବାରୁ ବଞ୍ଚିତ ହୋଇଥାଏ। ଏଭଳି ସ୍ଥଳେ ସରକାରୀ ସ୍ତରର ପ୍ରୋତ୍ସାହନ ନେଇ ଅନ୍ତର୍ଜାତୀୟ ବଜାରକୁ ଜୈବିକ ପଦ୍ଧତିରେ ଉତ୍ପାଦିତ ଏହି ଅଞ୍ଚଳର ଆମ୍ବ ରପ୍ତାନୀ ଆରମ୍ଭ ହେବା ଆଗାମୀ ଦିନରେ ଚାଷୀଙ୍କ ମଧ୍ୟରେ ଅନେକ ଆଶା ସଞ୍ଚାର କରିଥିବା କାର୍ଯ୍ୟକ୍ରମର ସଂଯୋଜକ ଟିଟିଲାଗଡ଼ ଉଦ୍ୟାନ କୃଷି ବିଭାଗ ସହକାରୀ ଉପନିର୍ଦ୍ଦେଶକ ଶ୍ରୀୟା ଶାଶ୍ୱତୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ନାବାର୍ଡ ବଲାଙ୍ଗୀର ଡିଡିଏମ୍ ବିବେକ ନାୟକ, ଆଶା ସମ୍ପାଦକ ସଞ୍ଜୀବ ପଟ୍ଟନାୟକ,ଉଦ୍ୟାନ କୃଷି ଅଧିକାରୀ ବଙ୍ଗୋମୁଣ୍ଡା ସୁନୀଲ ମାଝୀ, ମୁରିବାହାଲ ମନବୋଧ ମାଝୀ, ତୁରେକେଲା ତ୍ରିଜକ ଦାଶ, ଜାଡେନ ଏଫ୍‌ପିଓ ଅଧ୍ୟକ୍ଷା ମଧୁମିତା ପଟ୍ଟନାୟକ, ଏମ୍‌ଡି ପ୍ରକାଶ ଉପାଧ୍ୟାୟ, କୃଷକ ଉନ୍ନୟନ ଅଧ୍ୟକ୍ଷ ଗୁପ୍ତେଶ୍ୱର ମାଝୀ, ଫାର୍ମିଂ ଆଣ୍ଡ ନନ୍‌ଫାର୍ମିଂ ସିଇଓ ସୁଖଦେବ ଦାଶ ପ୍ରମୁଖ ସାମିଲ ହୋଇଥିଲେ । ବିନୟ ମହାପାତ୍ର, ମାନସ ପଟ୍ଟନାୟକ, କୁଶ ସାହୁ, ସରୋଜ ସାହୁ, ଅରବିନ୍ଦ ରଣା, ମିଲି ପଟ୍ଟନାୟକ, ଚିତ୍ତ ନାଗ, ଅଜିତ ତରିଆ, ପ୍ରିୟଦର୍ଶୀ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ବିଡିଓଙ୍କୁ ଫେରାଦ ହେଲେ ଗ୍ରାମବାସୀ

**ଦେଓଗାଁ,୨୪।୫(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

## ଉନ୍ନୟନ କାମ ନିମ୍ନମାନର ଅଭିଯୋଗ

ଦେଓଗାଁ ବ୍ଲକ ଲଣ୍ଡାପଥର ପଞ୍ଚାୟତ ଅନ୍ତର୍ଗତ ଝିକେରମାଲଗାଁରେ ବିଭିନ୍ନ ଉନ୍ନୟନ କାମ ଅତି ନିମ୍ନମାନର କରାଯାଉଥିବା ନେଇ ଗ୍ରାମବାସୀ ବିଡିଓଙ୍କ ନିକଟରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି । ଗତ ଦୁଇ ମାସ ତଳେ ଗାଁରେ କରାଯାଇଥିବା କଂକ୍ରିଟ କାମ ଅତିନିମ୍ନମାନର କରାଯାଇଥିବାରୁ ତାହା ବର୍ତ୍ତମାନ ନଷ୍ଟ ହେବାକୁ ବସିଛି । ସେହିପରି ଗାଁର କଲ୍ୟାଣମଣ୍ଡପ କାମର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିସହ ଗାଁ ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ କୋଠରୀ କାମ ଠିକ୍ ଭାବେ ହୋଇ ନ ଥିବା ନେଇ ନିକଟରେ ଗାଁର ରାଜୁ ଅଦାବରିଆ, ଗଣେଶ ସାହୁ, ମଞ୍ଜୁ ପୋଡ଼, ସଞ୍ଜୁ କାଲସାଏ ପ୍ରମୁଖ ବିଡିଓ ପ୍ରିୟ ରଞ୍ଜନ କୁମାରଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ସଂପୃକ୍ତ ଠିକାଦାର ମନମାନୀରେ କାମ କରୁଥିବାରୁ ଉନ୍ନୟନ କାମ ଗୁଡିକ ଅଧାପନ୍ତରିଆ ହୋଇ ପଡିରହୁଛି । ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଓମ୍ ଭ୍ୟାଲି ସ୍କୁଲର ସଫଳତା



ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦେବା ଅବସରରେ ସ୍କୁଲ ଚେୟାରମ୍ୟାନ ଓ ଅନ୍ୟମାନେ ।

**ଟିଟିଲାଗଡ,୨୪।୫(ସନ୍ତୋଷ ପଟ୍ଟନାୟକ)**

## ସିବିଏସ୍ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା

ଟିଟିଲାଗଡ଼ ସହରର ପ୍ରତିଷ୍ଠିତ ଓମ୍ ଭ୍ୟାଲି ସ୍କୁଲର ଛାତ୍ରୀଛାତ୍ରମାନେ ଚଳିତବର୍ଷ ସିବିଏସଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ଚଳିତବର୍ଷ ସିବିଏସଇ ଦ୍ୱାଦଶ ଶ୍ରେଣୀ ବିଜ୍ଞାନରେ ହିମାଂଶୁ ବେହେରା ୮୯ ପ୍ରତିଶତ ମାର୍କ ରଖିଥିବା ବେଳେ ଦ୍ୱାଦଶ ବାଣିଜ୍ୟ ପରୀକ୍ଷାରେ ଅଂଶୁମାନ ମହାନ୍ତ ୯୧.୬ ପ୍ରତିଶତ ମାର୍କ ଓ ଦ୍ୱାଦଶ ଶ୍ରେଣୀ କଳା ପରୀକ୍ଷାରେ ପ୍ରତିଭା ତାଣ୍ଡି ୮୫.୪ ପ୍ରତିଶତ ମାର୍କ ରଖି ସ୍କୁଲ ଟପ୍ପର ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ଚାହାରଭଟାସ୍ଥିତ ଓମ୍ ଭ୍ୟାଲି ସ୍କୁଲଠାରେ ଚିଫ୍ ଆଡଭାଇଜର ଡ. ରୋବିନ ଚନ୍ଦ୍ର ପରମାଣିକଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟଅତିଥି ଭାବେ ଉକ୍ତ ସ୍କୁଲର ଚେୟାରମ୍ୟାନ ଦୀପକ ସାହୁ, କୋର୍ଡିନେଟର ନିଶି ବେରି, ଏକାଡେମିକ ମୁଖ୍ୟ ସିଦ୍ଧାନ୍ତ ମିଶ୍ର ମଞ୍ଚାସୀନ ଥିଲେ। ସିନିୟର କୋର୍ଡିନେଟର ସସ୍ମିତା ଦଳେଇ ସଭା ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁସମ୍ବର୍ଦ୍ଧିତ କରାଯାଇଥିଲା। ସ୍କୁଲ ଚେୟାରମ୍ୟାନ ସାହୁ ଟପ୍ପର ହୋଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ମେଧାବୀ ଛାତ୍ର ବିନାୟକଙ୍କୁ ସମ୍ବର୍ଦ୍ଧନା

**ବଲାଙ୍ଗୀର,୨୪।୫(ବୀରେନ୍ଦ୍ର କୁମାର ଝାଙ୍କର)**

ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ବଲାଙ୍ଗୀର ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟ ଛାତ୍ର ବିନାୟକ ପଣ୍ଡା ଏ-୧ ଗ୍ରେଡ୍ (୫୪୬ ମାର୍କ)ରେ ପାସ୍ କରିଛନ୍ତି। ତାଙ୍କୁ ଶନିବାର ପ୍ରତାପସାଗରପଡାଠାରେ ସମ୍ବର୍ଦ୍ଧିତ କରାଯାଇଛି। ବଲାଙ୍ଗୀର ସହର ପ୍ରତାପସାଗରପଡ଼ା ନିବାସୀ ଅବସରପ୍ରାପ୍ତ ଶିକ୍ଷକ ହୃଦାନନ୍ଦ ଜେନା ତାଙ୍କ ସ୍ତ୍ରୀ ସ୍ୱର୍ଗତା ସୁପ୍ରଭା ମଞ୍ଜରୀ ଜେନାଙ୍କ ସ୍ମୃତି ଉଦ୍ଦେଶ୍ୟରେ ମେଧାବୀ ଛାତ୍ର ବିନାୟକଙ୍କୁ ଉତ୍ତରୀୟ, ମାନପତ୍ର ଓ ନଗଦ ଅର୍ଥରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଜେନା ତାଙ୍କ ଚାକିରିର ପ୍ରାରମ୍ଭ ଓ ଶେଷ ବଲାଙ୍ଗୀର ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟରେ କରିଥିବାରୁ ଏହି ବିଦ୍ୟାଳୟର ମେଧାବୀ ଛାତ୍ରଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଏଭଳି ସମ୍ବର୍ଦ୍ଧନା ପ୍ରଦାନ କରିଥିବା କହିଛନ୍ତି। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଦ୍ମଲୋଚନ ଆଚାର୍ଯ୍ୟଙ୍କ ସହ ପରିବାର ସଦସ୍ୟ ଉପସ୍ଥିତ ରହି ଛାତ୍ର ବିନାୟକଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଥିଲେ।



ମେଧାବୀ ଛାତ୍ର ବିନାୟକ ପଣ୍ଡାଙ୍କୁ ପ୍ରତାପସାଗରପଡା ଠାରେ ସମ୍ବର୍ଦ୍ଧିତ କରାଯାଉଛି।

# ସଫଳତା ପାଇଁ ଉତ୍ସାହ ଓ ଏକାଗ୍ରତା ବଜାୟ ରଖ




ଅତିଥି ଓ ବିଦ୍ୟାଳୟର ଶିକ୍ଷକଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭା ।

**ଲୋଇସିଂହା,୨୪।୫(ସୁଶାନ୍ତ ବାରିକ)**

## ଝାରମୁଣ୍ଡା ଆଦର୍ଶ ବିଦ୍ୟାଳୟର ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ଶୁକ୍ରବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ଆଦର୍ଶ ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଉପଜିଲାପାଳ ଆଲୋକ ପଟେଲ ଯୋଗ ଦେଇଥିଲେ । ଚଳିତବର୍ଷ ଦଶମ ଓ ଦ୍ୱାଦଶ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସେ କହିଥିଲେ, ତୁମେ ଜଣେ ଜଣେ ସମାଜର ଉଜ୍ଜ୍ୱଳ ତାରକା । ଲକ୍ଷ୍ୟକୁ ଛୁଇଁବା ପାଇଁ ତୁମ ନିକଟରେ ସମୟ ଓ ସାମର୍ଥ୍ୟ ଅଛି। ଜୀବନରେ ସଫଳତା ପାଇଁ ଉତ୍ସାହ ଓ ଏକାଗ୍ରତାକୁ ବଜାୟ ରଖ । ଆଗକୁ କିପରି ଉନ୍ନତି କରିବ ସେଥିପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି ବୋଲି ମୁଖ୍ୟଅତିଥି ପଟେଲ କହିଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ ଧନଞ୍ଜୟ ବରିହା ସଂଯୋଜନା କରିଥିବା ବେଳେ ବିଦ୍ୟାଳୟର ପ୍ରିନ୍ସିପାଲ ଜ୍ୟୋତିର୍ମୟୀ ପଧାନ ଅଧ୍ୟକ୍ଷତା କରିଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ଲୋଇସିଂହା ବିଡିଓ ଅକ୍ଷୟପାଣି ଉଦ୍ଗୁ, ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ଶରତ ରାଉତ, ଆୟୁଷ ଡା. ସଞ୍ଜୀବ ବିଶ୍ୱାଳ ଯୋଗ ଦେଇଥିଲେ । ଏହି ଅବସରରେ ଚଳିତ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ୧୦ ଜଣ ଛାତ୍ରୀଛାତ୍ର ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ୫ ଜଣ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ତରଫରୁ ମାନପତ୍ର ଦେଇ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏହାବ୍ୟତୀତ ଶିକ୍ଷକ ଧନଞ୍ଜୟ ବରିହା, ଟିଜିଟି ଏସଏସଟି ଶିକ୍ଷକ ରାଜକୁମାର ଭୋଇ, ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ବେହେରା, ଆର୍ଟ ଓ ପେଣ୍ଟିଂ ଶିକ୍ଷକ ମନୋଜ କୁମାର ମୁଦୁଲିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶିକ୍ଷକ ପ୍ରଶାନ୍ତ ଟେଲା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକ ଉପସ୍ଥିତ ଥିଲେ।

# ଗଞ୍ଜେଇ ଜବତ: ୨ ଅଭିଯୁକ୍ତ ଗିରଫ

**ଦେଓଗାଁ,୨୪।୫(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**



ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ତୁଷୁରା ଛକ ନିକଟରେ ଗଞ୍ଜେଇ ଚାଲାଣ ଅଭିଯୋଗରେ ବାହାର ରାଜ୍ୟର ୨ଜଣ ଙ୍କୁ ସ୍ଥାନୀୟ ପୋଲିସ ଶନିବାର ଗିରଫ କରିଛି। ସେମାନେ ହେଲେ ମଧ୍ୟପ୍ରଦେଶ ରାଜ୍ୟ ଦେମୋହ ଜିଲା ସିକରାମପୁରର ରାହୁଲ ବାଲ୍ମିକ(୨୮) ଓ କଟନି ଜିଲା ବଚାୟା ଗାଁର ଦୁର୍ଗା ଗଦର(୨୦)। ସେମାନଙ୍କ ଠାରୁ ଗଞ୍ଜେଇ ଓ ୨ଟି ମୋବାଇଲ ଫୋନ ଜବତ କରାଯାଇଛି। ଏନେଇ ଥାନାରେ ନଂ ୧୬୫ /୨୦୨୫ରେ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ ବଲାଙ୍ଗୀର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଦୁଇ ଅଭିଯୁକ୍ତ କଣ୍ଟାମାଳରୁ ଏକ ବ୍ୟାଗରେ ଗଞ୍ଜେଇ ନେଇ ଟ୍ରେନରେ ବିଲାସପୁର ଯିବା ପାଇଁ ତୁଷୁରାଛକଠାରେ ଅଟକିଥିଲେ। ଖବରପାଇ ପୋଲିସ ଏସ୍‌ଆଇ ଦିପକ ଡୁଙ୍ଗଡୁଙ୍ଗଙ୍କ ସମେତ ଅନ୍ୟ କର୍ମଚାରୀମାନେ ଚଢ଼ାଉ କରି ଉଭୟଙ୍କୁ ସନ୍ଦେହରେ ଧରି ଯାଞ୍ଚ କରିଥିଲେ। ସେମାନଙ୍କ ଠାରୁ ୭କେଜି ୯୦ଗ୍ରାମ ଓଜନର ଗଞ୍ଜେଇ ଜବତ କରାଯାଇଥିଲା। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ନର୍ମଦା ନାୟକଙ୍କ ଉପସ୍ଥିତିରେ ଘଟଣାସ୍ଥଳରେ ଜବତ ଗଞ୍ଜେଇକୁ ଓଜନ କରାଯାଇଥିଲା।

# ଜବରଦଖଲରେ ସରକାରୀ ନଳକୂପ

**ଲାଠୋର,୨୪।୫(ଭୁବନେଶ୍ୱର ବାରିକ)**

## ଲୋକେ ପାଣି ମୁନ୍ଦେ ପାଇଁ ହଟହଟା

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ପଞ୍ଚାୟତ ଜଲପାଙ୍କେଲ ଗ୍ରାମର ଉପରପଡ଼ାରେ ଥିବା ଏକ ସରକାରୀ ନଳକୂପକୁ ଜଣେ ବ୍ୟକ୍ତି ନିଜ କବ୍‌ଜାରେ ରଖିଥିବା ୱାର୍ଡ଼ ମେମ୍ବର ତିଲୋତ୍ତମା ପୁଟେଲ,ବୈକୁଣ୍ଠ ପୁଟେଲ, ରାଜୁ ରଣାଙ୍କ ସମେତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ପାଣି ମୁନ୍ଦେ ପାଇଁ ନଳକୂପ ଉପରେ ନିର୍ଭର କରୁଥିବା ଲୋକେ ହନ୍ତସନ୍ତ ହେଉଛନ୍ତି ।

ସୂଚନା ଅନୁଯାୟୀ, ଗ୍ରାମର ଉପରପଡ଼ାରେ ଏକ ସରକାରୀ ନଳକୂପ ରହିଛି। ଏହି ନଳକୂପ ଉପରେ ପ୍ରାୟ ୨୦ ପରିବାର ନିର୍ଭର କରି ଚଳନ୍ତି। ହେଲେ ଏକ ପରିବାର ଗତ ୪ ମାସ ହେବ ସେହି ନଳକୂପରେ ମୋଟର ଫିଟ କରି ପାଣି ଟାଣି ନେଉଛନ୍ତି। ଫଳରେ ନଳକୂପରୁ ଆବଶ୍ୟକ ପରିମାଣର ପାଣି ବାହାରୁ ନାହିଁ। ଏହାଛଡା ପଡ଼ାର ମହିଳାମାନେ ସେହି ନଳକୂପକୁ ପାଣି ଆଣିବା ପାଇଁ ଗଲେ ବିଭିନ୍ନ କଥାକୁ ନେଇ ଝାମେଲା ସୃଷ୍ଟି ହେଉଛି। ଏନେଇ ମାଲପଡ଼ା ସରପଞ୍ଚ ଗୋପାଲ ମେହେରଙ୍କୁ ପଚାରିବାରେ ସେଠାକାର ଦୁଇ ପରିବାର ମଧ୍ୟରେ ମନୋମାଳିନ୍ୟ ରହିଥିବା ବେଳେ ଉକ୍ତ ନଳକୂପକୁ ପାଣି ନେବାକୁ ଆସୁଥିବା ମହିଳା ସମସ୍ୟାରେ ପଡୁଛନ୍ତି । ଯଥାଶୀଘ୍ର ନଳକୂପରୁ ମୋଟର ହଟାଇବା ପାଇଁ ସଂପୃକ୍ତ ବ୍ୟକ୍ତିଙ୍କୁ କହିବୁ ବୋଲି ସରପଞ୍ଚ ମେହେର କହିଥିଲେ। ସେହିପରି ଖପ୍ରାଖୋଲ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଶ୍ୟାମ କୁମାରଙ୍କୁ ପଚାରିବାରେ ସରପଞ୍ଚ ଏବଂ ପିଇଓଙ୍କ ସହ ଯୋଗାଯୋଗ କରିବା ପରେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।



ଜଲପାଙ୍କେଲ ଗ୍ରାମର ଉପରପଡ଼ା ସରକାରୀ ନଳକୂପରେ ମୋଟର ଲଗାଯାଇଛି।

# ଗଣମାଧ୍ୟମ ପ୍ରତିନିଧିଙ୍କ ହାତବାନ୍ଧି ଘୋଷାଡ଼ି ପିଟିଲେ

**ବଲାଙ୍ଗୀର,୨୪।୫(ବୀରେନ୍ଦ୍ର କୁମାର ଝାଙ୍କର)**



ବଲାଙ୍ଗୀର ଆଡିଶନାଲ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ ଉଦ୍ଦେଶ୍ୟରେ ଯାଇଥିବା ଗଣମାଧ୍ୟମ ପ୍ରତିନିଧି ।

- ଦୁର୍ନୀତି ଖବର ପ୍ରସାରଣ କରିବାରୁ ଠିକାଦାର ଗୁଣ୍ଡା ଲଗାଇଥିବା ଅଭିଯୋଗ
- ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧି

ଏକ ରାସ୍ତାକାମ ଦୁର୍ନୀତିର ଖବର ପରିବେଷଣ କରିବାରୁ ଜଣେ ଗଣମାଧ୍ୟମ ପ୍ରତିନିଧିଙ୍କୁ ରାସ୍ତାକାମ କରୁଥିବା ଠିକାଦାର ଜଣକ ଗୁଣ୍ଡା ଲଗାଇ ନିସ୍ତୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏପରିକି ଠିକାଦାରଙ୍କ ଗୁଣ୍ଡାମାନେ ଗାଁ ଲୋକଙ୍କ ସମ୍ମୁଖରେ ସମ୍ପୃକ୍ତ ଗଣମାଧ୍ୟମ ପ୍ରତିନିଧିଙ୍କ ହାତବାନ୍ଧି ଦେଇ ଗାଁ ରାସ୍ତାରେ ଘୋଷାଡ଼ି ଘୋଷାଡ଼ି ମାଡ଼ ମାରିଥିବା ପୁଇଁତଲା ଥାନାରେ ଅଭିଯୋଗ ହୋଇଛି। ଏଭଳି ଘଟଣାକୁ ନେଇ ବଲାଙ୍ଗୀର ଜିଲାର କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶକରି ଶନିବାର ବଲାଙ୍ଗୀର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ।

ଅଭିଯୋଗ ଅନୁଯାୟୀ, ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅନ୍ତର୍ଗତ କୁଲଥିପାଲି ଗାଁରେ ସୂଚନା ଫଳକ ନ ଲଗାଇ ଏକ ରାସ୍ତାର ଗାର୍ଡୱାଲ କାମ ଚାଲିଥିବା ନେଇ ବିଜୟ ପ୍ରଧାନ ନାମକ ଜଣେ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ଖବର ପରିବେଷଣ କରିଥିଲେ। ଶୁକ୍ରବାର ସେ ଉକ୍ତ ରାସ୍ତାକାମର ଭିଡିଓ ଉତ୍ତୋଳନକରି ଲୋକଙ୍କ ପ୍ରତିକ୍ରିୟା ନେବାକୁ ଯାଉଥିବା ବେଳେ ସେଠାରେ ଥିବା ଠିକାଦାରଙ୍କ ଗୁଣ୍ଡାମାନେ ବିଜୟଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ବିଜୟଙ୍କ ହାତବାନ୍ଧି ଦେଇ ତାଙ୍କୁ ଘୋଷାଡ଼ି ଘୋଷାଡ଼ି ଗାଁ ମଝିକୁ ନେଇଥିଲେ। ଗାଁ ଦାଣ୍ଡରେ ସର୍ବସମ୍ମୁଖରେ ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ମନ୍ଦିରକୁ ନେଇ ଖବର ପରିବେଷଣ ନ କରିବା ପାଇଁ ଶପଥ କରିବାକୁ ବାଧ କରିଥିଲେ। ତାଙ୍କ ହାତବନ୍ଧା ଫଟୋ ଓ ଭିଡିଓ ଉଠାଇ ତାହା ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଥିବା ବିଜୟ ଅଭିଯୋଗ କରିଛନ୍ତି। ଗୁଣ୍ଡାମାନେ ଖବରଦାତାଙ୍କୁ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିବା ସେ ପୁଇଁତଲା ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣା ପରେ ଷ୍ଟେଟ୍ ୟୁନିୟନ ଅଫ୍ ଜର୍ନାଲିଷ୍ଟ(ଏସ୍‌ୟୁଜେ) ଏବଂ ବଲାଙ୍ଗୀରର କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିମାନେ ଏସ୍‌ପି ଅଫିସକୁ ଯାଇ ଦାବିପତ୍ର ଦେଇଥିଲେ। ତୁରନ୍ତ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଆଡିସନାଲ ଏସ୍‌ପି ଆଲୋକ ଜେନା ଦାବିପତ୍ର ଗ୍ରହଣକରି ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଏହି ଘଟଣାକୁ ନେଇ ସମ୍ବଲପୁର ପୋଲିସ ଆଇଜିଙ୍କ ମଧ୍ୟ ଦୃଷ୍ଟି ଆକର୍ଷଣ କରାଯାଇଥିବା ଜଣାପଡ଼ିଛି।

# ଶ୍ରମିକ ବଦଳରେ ମେଶିନ ଖୋଳୁଛି ପୋଖରୀ, ବନ୍ଧ



ଡୁଲୁଣ୍ଡୁପାଲି ଗୟାସାଗର ବନ୍ଧକୁ ମେଶିନ ଦ୍ୱାରା ଖୋଳାଯାଉଥିଲା।



ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ପ୍ରକଳ୍ପ ସ୍ଥଳକୁ ଯାଇ ମେଶିନ୍‌କୁ ଜବତ କରିବା ପାଇଁ ନିର୍ଦ୍ଦେଶ ଦେଉଛନ୍ତି।

**ସୋନପୁର,୨୪।୫(ମୃତ୍ୟୁଞ୍ଜୟ ଶତପଥୀ)**

ଦାଦନ ପାଇଁ ବେଶ ଜଣାଶୁଣା ସୁବର୍ଣ୍ଣପୁର ଜିଲା। କାମ ଧନ୍ଦା ଅଭାବରୁ ପ୍ରତିବର୍ଷ ହଜାର ହଜାର ଲୋକ ରାଜ୍ୟ ବାହାରକୁ ଦାଦନ ଖଟି ଯାଇଥାନ୍ତି। ବିଭିନ୍ନ ସମୟରେ ନିର୍ଯ୍ୟାତନାର ଶିକାର ହୋଇ ଗାଁକୁ ଫେରିଥାନ୍ତି। ଏପରିକି ଦାଦନ ଶ୍ରମିକଙ୍କ କର୍ମ କ୍ଷେତ୍ରରେ ମୃତ୍ୟୁ ହେବା ସହ ମୃତଦେହ ଘରକୁ ଫେରୁଥିବାର ଅନେକ ନଜିର ରହିଛି। ଗ୍ରାମାଞ୍ଚଳର ଲୋକଙ୍କୁ ନିଜ ଅଞ୍ଚଳରେ କାମ ଧନ୍ଦା ଯୋଗାଇ ଦେବା ପାଇଁ କେନ୍ଦ୍ର ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିସ୍) ପ୍ରଣୟନ କରିଛନ୍ତି। ହେଲେ ସୁବର୍ଣ୍ଣପୁର ଜିଲାରେ ମୂଳ ଉଦ୍ଦେଶ୍ୟ ଠାରୁ ଦୂରେଇ ଯାଇଛି ଏହି ଯୋଜନା। ଶ୍ରମିକ ବଦଳରେ ମେଶିନ କରୁଛି ପୋଖରୀ ଓ ବନ୍ଧ ଖୋଳା କାମ। ଜିଲାର ଅଧିକାଂଶ ପଞ୍ଚାୟତରେ ଏଭଳି ବେଆଇନ କାମ ଚାଲିଛି। ବିନିକା ବ୍ଲକ ସେଲେଡି ପଞ୍ଚାୟତ ଡୁଲୁଣ୍ଡୁପାଲି ଗାଁର ଗୟାସାଗର ପୋଖରୀ ପ୍ରୋକ୍ଲିନ ମେଶିନ ଦ୍ୱାରା ଖୋଳା ଯାଉଥିଲା। ସୋନପୁର-ବିନିକା ରାସ୍ତା ପାର୍ଶ୍ୱରେ ଖୁଲମଖୋଲା ଭାବେ ଏହି କାମ ଚାଲିଥିଲା ବେଳେ ଶୁକ୍ରବାର ସନ୍ଧ୍ୟାରେ ବିନିକା ଯାଉଥିବା ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ଦୃଷ୍ଟିକୁ ତାହା ଆସିଥିଲା।

ମନ୍ତ୍ରୀ ଗାଡିକୁ ପଛକୁ ଫେରାଇ ତାଙ୍କ ସହ ଯାଉଥିବା ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା, ଜିଲାପାଳ ଅନ୍ୟା ଦାସ ଓ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେରଙ୍କ ସହିତ ପୋଖରି ନିକଟକୁ ଯାଇଥିଲେ। ସୂଚନାଫଳକରୁ ପଞ୍ଚାୟତ ପକ୍ଷରୁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ୯ଲକ୍ଷ ଟଙ୍କା ବ୍ୟୟରେ ପୋଖରୀ ଖୋଳା ଯାଉଥିବା ଜଣା ପଡିଥିଲା। ମନ୍ତ୍ରୀ ଏ ସମ୍ପର୍କରେ ଗ୍ରାମବାସୀ ଓ ଶ୍ରମିକଙ୍କ ଠାରୁ

**■ମନ୍ତ୍ରୀ ଧରିଲେ, ପ୍ରଶାସନ ଜାଣି ଅଜଣା**

**■ସୁବର୍ଣ୍ଣପୁରରେ ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟରେ ଅନିୟମିତତା**

ପଚାରି ବୁଝିବା ପରେ ବିରକ୍ତି ପ୍ରକାଶ କରିଥିଲେ। ତୁରନ୍ତ ଉକ୍ତ ମେଶିନକୁ ଜବତ କରିବାକୁ ମନ୍ତ୍ରୀ ନାଏକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶ୍ରମିକମାନେ କାମ ପାଉ ନଥିବା ଅଭିଯୋଗ କରୁଥିବା ବେଳେ ପଞ୍ଚାୟତ ପକ୍ଷରୁ ସେମାନଙ୍କ ପେଟରେ ଲାତ ମାରି ମେଶିନ ଦ୍ୱାରା କାମ କରାଯିବା ନିନ୍ଦନୀୟ କାର୍ଯ୍ୟ ବୋଲି ମନ୍ତ୍ରୀ କହିଥିଲେ। ଘଟଣା ପରେ ବିନିକା ପୋଲିସ ମେଶିନ୍‌କୁ ଜଗି ରହିଛି। ତେବେ ଘଟଣା ପରେ ଜିଲାର ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାସ୍ତା ପାର୍ଶ୍ୱରେ ଏମ୍‌ଜିଏନଆରଇଜିଏସ୍ କାମ ମେଶିନ ଦ୍ୱାରା ହେଉଥିବା ଜିଲା ଗସ୍ତ ସମୟରେ ମନ୍ତ୍ରୀଙ୍କ ଦୃଷ୍ଟିକୁ ଆସିଲା, ମାତ୍ର ଏଭଳି କାର୍ଯ୍ୟ ଜିଲାପାଳ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, ଉପଜିଲାପାଳ ଓ ବିଡିଓଙ୍କ ନଜରକୁ କିଭଳି ଆସୁନି ସେ ନେଇ ଜିଲାରେ ଚର୍ଚ୍ଚା ଜୋର ଧରିଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୧୫ ତାରିଖରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଆୟୋଜିତ ସିଡିଓ ଓ ବିଡିଓଙ୍କ ସମ୍ମିଳନୀରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ମାନବ ଶକ୍ତିର ଅଧିକ ଉପଯୋଗ କରିବାକୁ କହିଥିଲେ। ଏପରିକି ମେଶିନ୍ ସମ୍ପୂର୍ଣ୍ଣ ଭାବେ ନିଷେଧ ବୋଲି ତାଗିଦ୍ କରିଥିଲେ। ଏହାଦ୍ୱାରା ଗ୍ରାମାଞ୍ଚଳର ଲୋକମାନେ ରୋଜଗାର ପାଇବା ସହିତ ଦାଦନ ସମସ୍ୟା ଦୂର ହୋଇପାରିବ ବୋଲି କହିଥିଲେ। ତେବେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶକୁ ସୁବର୍ଣ୍ଣପୁର ଜିଲାର ପ୍ରଶାସନିକ ଅଧିକାରୀମାନେ ଗୁରୁତ୍ୱ ଦେଇନଥିବା ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହୋଇଛି। ଜବକାର୍ଡଧାରୀଙ୍କୁ କାମ ସମ୍ପର୍କରେ ସାମାନ୍ୟ ସୂଚନା ଦିଆଯାଇନି। ଶ୍ରମିକମାନେ ସ୍ଥାନୀୟ ଅଞ୍ଚଳରେ କାମ ନପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଯେଉଁ ଉଦ୍ଦେଶ୍ୟ ନେଇ ଏହି ଯୋଜନା ହୋଇଛି, ତାର ସୁଫଳ ଗାଁର ଲୋକଙ୍କୁ ମିଳୁନାହିଁ। କିଛି କୁଜି ନେତା ଓ ନିର୍ବାଚିତ ଲୋକ ପ୍ରତିନିଧିଙ୍କ ପାଇଁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଉନ୍ନତିକରଣ ନାଁରେ ହରିଲୁଟ୍ ଚାଲିଛି। ଜିଲାର ସୋନପୁର, ଉଲୁଣ୍ଡା, ବୀରମହାରାଜପୁର, ବିନିକା, ଡୁଙ୍ଗୁରିପାଲି ଓ ତରଭା ବ୍ଲକର ଅଧିକାଂଶ ପଞ୍ଚାୟତରୁ ଏଭଳି ଗୁରୁତର ଅଭିଯୋଗ ଆସିଛି। ଏ ସମ୍ପର୍କରେ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେରଙ୍କୁ ପଚାରିବାରେ ମେଶିନ୍‌ରେ ଏମ୍‌ଜିଏନଆର୍‌ଇଜିଏସ୍ କାର୍ଯ୍ୟ ନ କରିବାକୁ ବିଡିଓମାନଙ୍କୁ କୁହା ଯାଇଥିଲା। ଯେଉଁଠି ବେଆଇନ ଭାବେ ଏଭଳି କାର୍ଯ୍ୟ ହୋଇଥିବ ସେଗୁଡିକର ବିଲ୍ ପ୍ରଦାନ କରାଯିବ ନାହିଁ ବୋଲି ସେ କହିଥିଲେ।

# ମାଗଣା ଚିକିତ୍ସା ଶିବିର: ୧୦୫ ମହିଳା ଉପକୃତ

**ବିନିକା,୨୪।୫(ରାମ ଗୋପାଳ ବାଘ)**

ବିନିକା ସହରାଞ୍ଚଳ ନୂଆଁବଜାରସ୍ଥିତ ଅଭିଜିତ ପୂଜାହାରୀ ସ୍ମୃତି କମିଟି କାର୍ଯ୍ୟାଳୟ ପରିସରରେ ଶନିବାର ମାଗଣା ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୁର୍ଲା ଭିମସାରର ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗର ପ୍ରଫେସର ବେଣୁଧର ପାଣ୍ଡେ ଯୋଗଦେଇ ବିନିକାର ୬୫ ଜଣ ଓ ସଂସାମୁରା ଗ୍ରାମର ୪୦ ଜଣଙ୍କୁ ମିଶାଇ ମୋଟ ୧୦୫ଜଣ ମହିଳାଙ୍କୁ ମାଗଣା ଚିକିତ୍ସା ସେବା ଯୋଗାଇ ଦେଇଥିଲେ । ମାନବ ସେବା ହିଁ ମାଧବ ସେବା ମନେ କରି ପ୍ରଫେସର ପାଣ୍ଡେ ଗତ ୩ ବର୍ଷ ହେବ ନିଜ ଜନ୍ମ ମାଟିକୁ ପ୍ରତ୍ୟେକ ମାସ ଚତୁର୍ଥ ଶନିବାର ଦିନ ଛୁଟିରେ ଆସି ସେବା ଯୋଗାଇ ଦେଇଥାନ୍ତି । ଏହି କାର୍ଯ୍ୟକ୍ରମରେ ଅନନ୍ତରାମ ଷାଣ୍ଢ, ବୃନ୍ଦାବନ ମିଶ୍ର, ସୋମିତ୍ରୀ ପତି,ଅଶ୍ୱିନୀ ପଣ୍ଡା, ଅଶୋକ ପାଣ୍ଡେ, ପୀତାମ୍ବର କର୍ଣ୍ଣ, ବିଶ୍ୱନାଥ ହୋତା, ସରୋଜ କୁମାର ମିଶ୍ର, ହରସିତ ପତି , ବାଳଗୋପାଳ ପୁରୋହିତ, ନୀଳମଣି ସାହୁ, ଶେଷଦେବ ମଣ୍ଡଳ, ରାଜ୍ୟସ୍ତରୀୟ ଅଭିଜିତ ପୂଜାରୀ ସ୍ମୃତି କମିଟି ସଭାପତି ଅର୍ଚ୍ଚନା ପୂଜାହାରୀ। କାର୍ଯ୍ୟକାରୀ ସଭାପତି ବାଳଗୋପାଳ ପଣ୍ଡା, ସମ୍ପାଦକ ପ୍ରିୟରଞ୍ଜନ ହୋତା, ଅକ୍ଷୟ ପୂଜାହାରୀ, ଗୀତାଞ୍ଜଳି ପୂଜାହାରୀ ପ୍ରମୁଖ ସହଯୋଗ କରିଥିଲେ।

# ଜର୍ମାନୀରେ ବିଶ୍ୱବିଦ୍ୟାଳୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଭାଗନେବେ ଏହେସାସ୍

**ସୂଚନା ଦେଲା ଓଡ଼ିଶା ଉଚ୍ଚ ଶିକ୍ଷା ବିଭାଗ**

**ବୀରମହାରାଜପୁର,୨୪।୫(ଯୁଗଳ କିଶୋର ମିଶ୍ର)**

ଜର୍ମାନୀରେ ବିଶ୍ୱବିଦ୍ୟାଳୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଭାରତରୁ ପ୍ରତିନିଧିତ୍ୱ କରିବେ ଏହେସାସ୍ ହୋତା। ଏନେଇ ସୋସିଆଲ ମିଡିଆରେ ଉଚ୍ଚ ଶିକ୍ଷା ବିଭାଗ ସୂଚନା ଦେଇଛି। ଗତ ୫ ନଭେମ୍ବରରୁ ୧୧ ନଭେମ୍ବର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ସର୍ବଭାରତୀୟ ପ୍ରତିଯୋଗିତାରେ ଦେଶର ୨୦୭ ଗୋଟି ବିଶ୍ୱବିଦ୍ୟାଳୟରୁ ବିଭିନ୍ନ ବର୍ଗରେ ୧୮୦୦ ଜଣ କ୍ରୀଡ଼ାବିତ୍ ଭାଗନେଇଥିବା ବେଳେ ଏହେସାସ୍ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ପ୍ରତିନିଧିତ୍ୱକରି ସଫଳତା ପାଇଥିଲେ। ଟାଏକୋଣ୍ଡୋର ପୁମ୍‌ସେ ବର୍ଗରେ ସଫଳତା ପାଇଥିବା ଏହେସାସ୍ ଆସନ୍ତା ଜୁଲାଇରେ ଜର୍ମାନୀରେ ହେବାକୁ ଥିବା ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଭାରତରୁ ପ୍ରତିନିଧିତ୍ୱ କରିବାକୁ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ ହୋଇସାରିଛି। ଟାଏକୋଣ୍ଡୋ ଇଭେଣ୍ଟରେ ପ୍ରଥମ ଓଡ଼ିଆ ଭାବେ ସେ ଏହି ପ୍ରତିଯୋଗିତାରେ ଭାଗ ନେବେ। ଆସନ୍ତା ଜୁନ୍‌ରେ ୧ମାସ ଧରି ଅମୃତସର ଗୁରୁନାନକ ବିଶ୍ୱବିଦ୍ୟାଳୟରେ ଭାରତୀୟ ଟିମ୍ ସହ ଏହେସାସ୍ ତାଲିମ ନେବା ପାଇଁ ଚିଠି ଆସିସାରିଛି। ୨୦୧୯ରେ ମଧ୍ୟ ସର୍ବଭାରତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ପ୍ରତିନିଧିତ୍ୱକରି ସେ ସଫଳତା ହାସଲ କରିଥିଲେ। ସେ ଅନେକ ଥର ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣକରି ଦେଶ, ରାଜ୍ୟ ତଥା ସୁବର୍ଣ୍ଣପୁର ଜିଲା ପାଇଁ ଗୌରବ ସାଉଁଟିସାରିଛନ୍ତି। ଏହେସାସ୍‌ଙ୍କ ଏହି ସଫଳତା ପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଦ୍ୟୁଭୂଷଣ ମିଶ୍ର, ରେଜିଷ୍ଟ୍ରାର ନୃପରାଜ ସାହୁ, ସ୍ପୋର୍ଟ୍ସ ଡାଇରେକ୍ଟର ଅବିନାଶ କର, ସ୍ପୋର୍ଟ୍ସ



ଏହେସାସ୍ ହୋତା।

କାଉନସିଲ ସେକ୍ରେଟାରି ଡ. ଦେବେନ୍ଦ୍ର ମହାଲିକ, ସିଡିସି ଅଧକ୍ଷ ଡ. ସଂଯୁକ୍ତା ଦାଶ, କୋଚ ରାମକୁମାର ସାହୁ, ବରଗଡ଼ ଇମ୍ପିରିଆଲ କଲେଜର ମ୍ୟାନେଜିଂ ଡାଇରେକ୍ଟର ଦୀପକ ଗୋଏଲ, ଅଧକ୍ଷ ଦୁର୍ଗେଶ ଶତପଥୀ, ରାଜ୍ୟ ଟାଏକୋଣ୍ଡୋ ସଂଘ ସମ୍ପାଦକ ମନମୋହନ ଭଞ୍ଜ, ଜିଲା କ୍ରୀଡ଼ା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ବମୀରମହାରାଜପୁର ବ୍ଲକ୍ ଉପାଧକ୍ଷ ନାରାୟଣ ଲୁହା, ସୁବର୍ଣ୍ଣପୁର ଜିଲା ଟାଏକୋଣ୍ଡୋ ସଂଘ ସଭାପତି ରବୀନ୍ଦ୍ର ହୋତା ଏବଂ ଜିଲା ଟାଏକୋଣ୍ଡୋ ସଂଘର ଆଇନ ପରାମର୍ଶଦାତା ଶେଷଦେବ ବାରିକ ପ୍ରମୁଖ ଶୁଭେଚ୍ଛା ଜଣାଇବା ସହ ଏହେସାସ୍‌ଙ୍କ ସଫଳତା କାମନା କରିଛନ୍ତି।

## ସଂକ୍ଷେପରେ

### ସୁରେନ୍ଦ୍ର ମେହେର ବୀରମହାରାଜପୁର ଉପଜିଲାପାଳ

**ସୋନପୁର,୨୪।୫(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁରର ଅତିରିକ୍ତ ଉପଜିଲାପାଳ ସୁରେନ୍ଦ୍ର ମେହେରଙ୍କୁ ବୀରମହାରାଜପୁର ଉପଜିଲାପାଳ ଭାବେ ବଦଳି ହୋଇଛି। ସେହିପରି ବୀରମହାରାଜପୁର ଉପଜିଲାପାଳ ଥିବା ଲଲାଟେନ୍ଦୁ ସିଙ୍କୁ ବାରିପଦା ଲକ୍ଷ୍ମୀପୋଷସ୍ଥିତ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ ଭାବେ ବଦଳି କରାଯାଇଛି। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ଏହି ଆଦେଶନାମା ପ୍ରକାଶ ପାଇଛି।

# ଲଣ୍ଡନ ଗଲା ଟିଟିଲାଗଡ଼ ଆମ୍ବ

**ଟିଟିଲାଗଡ଼,୨୪।୫ (ଶରତ ମିଶ୍ର)**

ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଏକ ଯୁଗାନ୍ତକାରୀ ପଦକ୍ଷେପ କ୍ରମେ ଟିଟିଲାଗଡ଼ ଉପଖଣ୍ଡ ଅଞ୍ଚଳର ଚାଷୀଙ୍କ ଆମ୍ବ ଶନିବାର ପ୍ରଥମ ଥର ପାଇଁ ଲଣ୍ଡନ ରପ୍ତାନୀ ଆରମ୍ଭ ହୋଇଛି। ଏହି ଐତିହାସିକ ମୁହୂର୍ତ୍ତରେ ସ୍ଥାନୀୟ ଦେଶିଲସ୍ଥିତ ଆଶା କାର୍ଯ୍ୟାଳୟ ପରିସରରେ ଟିଟିଲାଗଡ଼ ଉପଜିଲାପାଳ ରେହାନ ଖତ୍ରୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପୂଜାର୍ଚ୍ଚନା କରିବା ସହ ସବୁଜ ପତାକା ଦେଖାଇ ଆମ୍ବ ରପ୍ତାନୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏଠାରୁ ସଡ଼କ ପଥରେ ୩୦ କୁଇଣ୍ଟାଲ ଆମ୍ବ କୋଲକାତା ଯାଇ ସେଠାରୁ ବିମାନ ଯୋଗେ ଲଣ୍ଡନ ରପ୍ତାନୀ ହେବ । ଏହାଛଡ଼ା ବଲାଙ୍ଗୀର ଜିଲାର ଟିଟିଲାଗଡ଼ ରେଳ ଷ୍ଟେଶନରୁ ୨୦ କୁଇଣ୍ଟାଲ ଆମ୍ବ ଦିଲ୍ଲୀ ମଦର ଡାଇରୀକୁ ଶନିବାର ସମତା ଏକ୍ସପ୍ରେସ୍ ଯୋଗେ ରପ୍ତାନୀ ହୋଇଛି । ସରକାରୀ ସ୍ତରରେ ନାବାର୍ଡ, ଓର୍‌ମାସ, ଓପେଡା, ଉଦ୍ୟାନ କୃଷି ବିଭାଗ, ପାଲାଡିୟମ ତଥା ଆଶା ସଂସ୍ଥାର ପ୍ରୋତ୍ସାହନରେ ସ୍ଥାନୀୟ ଜାଡେନ ଏଫ୍‌ପିଓ, କୃଷକ ଉନ୍ନୟନ, ଫାର୍ମିଂ ଆଣ୍ଡ ନନ୍‌ଫାର୍ମିଂ ସଂସ୍ଥା ବଲାଙ୍ଗୀର ଉଦ୍ୟମ କ୍ରମେ ଚାଷୀଙ୍କ ଆମ୍ବ ଉଚିତ ମୂଲ୍ୟରେ ଖରିଦ ସହ ବାହାରକୁ ରପ୍ତାନୀ ଉତ୍ସାହ ସୃଷ୍ଟି କରିଛି ।



ଲଣ୍ଡନକୁ ଯିବା ଉଦ୍ଦେଶ୍ୟରେ ଟିଟିଲାଗଡ଼ରୁ ଗାଡ଼ି ଯୋଗେ କୋଲକାତା ଆମ୍ବ ପଠାଯାଉଛି।

ଏହି ଅଞ୍ଚଳର ଆମ୍ବଚାଷୀ ଅଭାବୀ ବିକ୍ରି ସହ ଉପଯୁକ୍ତ ଦର ପାଇବାରୁ ବଞ୍ଚିତ ହୋଇଥାଏ। ଏଭଳିସ୍ଥଳେ ସରକାରୀ ସ୍ତରର ପ୍ରୋତ୍ସାହନ ନେଇ ଅନ୍ତର୍ଜାତୀୟ ବଜାରକୁ ଜୈବିକ ପଦ୍ଧତିରେ ଉତ୍ପାଦିତ ଏହି ଅଞ୍ଚଳର ଆମ୍ବ ରପ୍ତାନୀ ଆରମ୍ଭ ହେବା ଆଗାମୀ ଦିନରେ ଚାଷୀଙ୍କ ମଧ୍ୟରେ ଅନେକ ଆଶା ସଞ୍ଚାର କରିଥିବା କାର୍ଯ୍ୟକ୍ରମର ସଂଯୋଜକ ଟିଟିଲାଗଡ଼ ଉଦ୍ୟାନ କୃଷି ବିଭାଗ ସହକାରୀ ଉପନିର୍ଦ୍ଦେଶକ ଶ୍ରୀୟା ଶାଶ୍ୱତୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ନାବାର୍ଡ ବଲାଙ୍ଗୀର ଡିଡିଏମ୍ ବିବେକ ନାୟକ, ଆଶା ସମ୍ପାଦକ ସଞ୍ଜୀବ ପଟ୍ଟନାୟକ,ଉଦ୍ୟାନ କୃଷି ଅଧିକାରୀ ବଙ୍ଗୋମୁଣ୍ଡା ସୁନୀଲ ମାଝୀ, ମୁରିବାହାଲ ମନବୋଧ ମାଝୀ, ତୁରେକେଲା ତ୍ରିଜକ ଦାଶ, ଜାଡେନ ଏଫ୍‌ପିଓ ଅଧକ୍ଷା ମଧୁମିତା ପଟ୍ଟନାୟକ, ଏମ୍‌ଡି ପ୍ରକାଶ ଉପାଧ୍ୟାୟ, କୃଷକ ଉନ୍ନୟନ ଅଧକ୍ଷ ଗୁପ୍ତେଶ୍ୱର ମାଝୀ, ଫାର୍ମିଂ ଆଣ୍ଡ ନନ୍‌ଫାର୍ମିଂ ସିଇଓ ସୁଖଦେବ ଦାଶ ପ୍ରମୁଖ ସାମିଲ ହୋଇଥିଲେ । ବିନୟ ମହାପାତ୍ର, ମାନସ ପଟ୍ଟନାୟକ, କୁଶ ସାହୁ, ସରୋଜ ସାହୁ, ଅରବିନ୍ଦ ରଣା, ମିଲି ପଟ୍ଟନାୟକ, ଚିତ୍ତ ନାଗ, ଅଜିତ ତରିଆ, ପ୍ରିୟଦର୍ଶୀ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ୧୦ କଫ୍ ସିରପ୍, ୨୩୪ ନିଶା ବଟିକା ସହ ମୋବାଇଲ ଜବତ

**ଯୁବକଙ୍କୁ କୋର୍ଟ ଚାଲାଣ**

**ଡୁଙ୍ଗୁରିପାଲ,୨୪।୫(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଚଢାଉ କରି ୧୦ଟି କଫ ସିରଫ, ୨୩୪ ଗୋଟି ନିଶା ବଟିକା ଓ ଗୋଟିଏ ମୋବାଇଲ ଜବତ କରଛି। ଏହି ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ସତ୍ୟନାରାୟଣ ପଧାନ କହିଛନ୍ତି । ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ଥାନା ଅଧିକାରୀ ପଧାନ ଓ ତାଙ୍କ ଟିମ୍ ସନ୍ଧ୍ୟାରେ ପାଟ୍ରୋଲିଂ କରୁଥିବା ବେଳେ ଗମ୍ଭାରୀପାଲି -ମାଝୀମୁଣ୍ଡା ରାସ୍ତା ମଝିରେ ଗମ୍ଭାରୀପାଲି ଗ୍ରାମର ରମେଶ ସାହୁଙ୍କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲେ । ଏହି ସମୟରେ ରମେଶଙ୍କ ପାଖରୁ କଫ୍ ସିରପ୍, ନିଶା ବଟିକା ମିଳିଥିଲା। ଏହି ଘଟଣାରେ ରମେଶଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସୂଚନାଯୋଗ୍ୟ, ଡୁଙ୍ଗୁରିପାଲି ଅଞ୍ଚଳରେ କଫ୍ ସିରପ୍ ଚୋରା କାରବାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ପୋଲିସ ଏ ଦିଗରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ଗଞ୍ଜେଇ ଜବତ: ୨ କୋର୍ଟ ଚାଲାଣ

**ତରଭା,୨୪।୫(ମାନଭଞ୍ଜନ ମିଶ୍ର)**

ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ତରଭା ପୋଲିସ ୨ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ଘଣ୍ଟାପଡ଼ା ଥାନା ମାଣିକପୁରର ଚନ୍ଦ୍ରଶେଖର ରଣା ଓ ମନମୁଣ୍ଡା ଥାନା ଅଧୀନ ରୁଗୁଡ଼ିପାଲିର ସୀତାକାନ୍ତ ରଣା । ଉଭୟଙ୍କ ଠାରୁ ଦୁଇଟି ବାଇକ୍ (ନଂ ଓଡ଼ି୧୫ ସି ୦୦୮୨ ଓ ନଂ ଓଡ଼ି ୨୭ ସି ୮୨୪୫) ଜବତ ହୋଇଛି । ତରଭା ଥାନାର ଏସ୍‌ଆଇ ମାରୁତ ଚନ୍ଦ୍ର ପ୍ରଧାନ ଓ ଟିମ୍ ଶୁକ୍ରବାର ଅପରାହ୍ନରେ ପାଟ୍ରୋଲିଂ କରୁଥିବା ସମୟରେ ଠକପାଲି ବ୍ରିଜ ଅଞ୍ଚଳରେ ବାଇକ୍ ଯାଞ୍ଚ କରିଥିଲେ। ଏହି ସମୟରେ ସନ୍ଦେହରେ ଦୁଇ ଜଣଙ୍କୁ କାବୁ କରି ଯାଞ୍ଚ କରିଥିଲେ। ସେମାନଙ୍କ ନିକଟରୁ ଦୁଇଟି ଜରି ବସ୍ତାରେ ଥିବା ୮ କେଜି ୯୬ ଗ୍ରାମ ଗଞ୍ଜେଇ ଜବତ ହୋଇଥିଲା ।ଏନେଇ ତରଭା ଥାନାରେ ନଂ ୧୨୬/୨୦୨୫ ରେ ମାମଲା ରୁଜୁ ହୋଇଛି । ଏହାର ତଦନ୍ତ ଭାର ଏସ୍‌ଆଇ ରବୀନ୍ଦ୍ର ସାହୁ ନେଇ ଅଧିକ ତଦନ୍ତ କରୁଥିବା ଆଇଆଇସି ଅନିତା କିଡୋ ପ୍ରକାଶ କରିଛନ୍ତି।





ଗିରଫ ୨ ଗଞ୍ଜେଇ ବେପାରୀ।

# ଉଲୁଣ୍ଡାକୁ ହରାଇ ଖୁଣ୍ଟୁଲାପାଲି ଚାମ୍ପିୟନ

**୧୫ତମ କୋଟସମଲେଇ ପ୍ରିମିୟର ଲିଗ୍ କ୍ରିକେଟ**

**■ବୁଲୁ ବାରିକ ମ୍ୟାନ ଅଫ୍ ଫାଇନାଲ**

**■ଭୀମ ନାଏକ ମ୍ୟାନ ଅଫ୍ ସିରିଜ**

**ଅମରପାଲି,୨୪।୫(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଟସମଲେଇରେ ହେଉଥିବା ୧୫ତମ କୋଟସମଲେଇ ପ୍ରିମିୟର ଲିଗ୍ କ୍ରିକେଟ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଖେଳା ଯାଇଥିବା ଫାଇନାଲ ମ୍ୟାଚରେ ଉଲୁଣ୍ଡାକୁ ହରାଇ ଖୁଣ୍ଟୁଲାପାଲି ଦଳ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚରେ ଖୁଣ୍ଟୁଲାପାଲି ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ହରାଇ ୧୧୨ ରନ କରିଥିଲା। ଦଳର ଦୀପକ ୨୨ ଓ ଶଙ୍କର ୨୦ ରନ କରିଥିଲେ। ବିପକ୍ଷ ବିକାଶ ୩ ଟି ଓ ସୁମନ୍ତ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ଉଲୁଣ୍ଡା ଦଳ ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ ହରାଇ ୧୦୭ ରନ କରି ପରାସ୍ତ ହୋଇଥିଲା। ଫଳରେ ଖୁଣ୍ଟୁଲାପାଲି ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଦଳର ଆଶୁତୋଷ ୧୭ ଓ ସୁମନ୍ତ ୧୬ ରନ କରିଥିଲେ। ବିପକ୍ଷ ଶ୍ରବଣ ୩ ଓ ବୁଲୁ ୨ ଉଇକେଟ ନେଇଥିଲେ। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବଲାଙ୍ଗୀର ଏସଡିଓ ଖଗେଶ୍ୱର ରାଉତ ,ତରଭା ଆରଆଇ ପଞ୍ଚାନନ ନାଏକ, ଉଲୁଣ୍ଡା ଫରେଷ୍ଟର ରଘୁମଣି ଭୋଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବୁଲୁ ବାରିକଙ୍କୁ ମ୍ୟାନ ଅଫ ଫାଇନାଲ ଓ ଭୀମ ନାଏକଙ୍କୁ ମ୍ୟାନ ଅଫ ସିରିଜ ଭାବେ ପୁରସ୍କୃତ କରିବା ସହିତ ଚାମ୍ପିୟନ ଖୁଣ୍ଟୁଲାପାଲି ଦଳକୁ ନଗଦ ୧୦ ହଜାର ଟଙ୍କା ସହିତ ଟ୍ରଫି ଏବଂ ଉପବିଜେତା ଉଲୁଣ୍ଡା ଦଳକୁ ନଗଦ ୬ ହଜାର ଟଙ୍କା ସହିତ ଟ୍ରଫି ଦିଆଯାଇ ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚ ରେ ଶେଷଦେବ ବାରିକ ଓ ପ୍ରେମାନନ୍ଦ ହୋତା ଅମ୍ପାୟର ଭାବେ ଖେଳ ପରିଚାଳନା କରିଥିଲେ। ବିଶ୍ୱନାଥ ବାରିକ ଓ ତେଜଶ୍ରୀ ସାହୁ ସ୍କୋରର ଏବଂ ମହେଶ ଦେହୁରୀ ଓ ନିତ୍ୟାନନ୍ଦ ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିଲେ।





ଅତିଥିଙ୍କ ଗହଣରେ ଚାମ୍ପିୟନ ଖୁଣ୍ଟୁଲାପାଲି ଦଳ।

# ଯୌତୁକ ପାଇଁ ପତ୍ନୀଙ୍କୁ ହତ୍ୟା ଅଭିଯୋଗ

## ଜେଲ୍ ଗଲେ ସ୍ୱାମୀ

ସମ୍ବଲପୁର,୨୩ା୫(ପ୍ରମୋଦ ବହିଦାର)

ସମ୍ବଲପୁର ସଦରଥାନା ଅନ୍ତର୍ଗତ ତାଲପାଲି ଗ୍ରାମରେ ଯୌତୁକ ପାଇଁ ହତ୍ୟା କରିଥିବା ଅଭିଯୋଗରେ ପୋଲିସ ସ୍ୱାମୀଙ୍କୁ ଗିରଫ କରିଛି। ଏନେଇ ମୃତା ମହିଳାଙ୍କ ଭାଇ କୁନୁ ସେଠ୍‌ଙ୍କ ଲିଖିତ ଅଭିଯୋଗ କ୍ରମେ ସମ୍ବଲପୁର ସଦର ଥାନାରେ ଏକ କେସ୍ (ନଂ.୧୨୮/୨୦୨୫) ରୁଜୁ ହୋଇଛି। ପୋଲିସ ଅଭିଯୁକ୍ତ ସ୍ୱାମୀ କିଶୋର ପାଣ୍ଡେଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସମ୍ବଲପୁର ଏସ୍‌ଡିଜେଏମ୍ କୋର୍ଟରେ ଅଭିଯୁକ୍ତ କିଶୋରଙ୍କ ଜାମିନ ଆବେଦନ ଖାରଜ୍ ହେବା ପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି।

ସୂଚନା ଅନୁସାରେ ଗତ ଶୁକ୍ରବାର କିଶୋରଙ୍କ ସ୍ତ୍ରୀ ଆତ୍ମହତ୍ୟା କରିଥିଲେ। ତେବେ ମାନସୀଙ୍କ ପରିବାର ଲୋକ ତାଙ୍କ ଝିଅକୁ ହତ୍ୟା କରାଯାଇଛି ବୋଲି ସଦର ଥାନାରେ ଏତଲା ଦେଇଥିଲେ। ସେମାନେ ଅଭିଯୋଗ କରିଛନ୍ତି, ଦୁଇ ବର୍ଷ ପୂର୍ବେ ଉଭୟଙ୍କ ବିବାହ ହୋଇଥିଲା। ମାତ୍ର ବିବାହ ପରଠାରୁ ଉଭଙ୍କ ମଧ୍ୟରେ ସମ୍ପର୍କ ଭଲ ନ ଥିଲା। ମାନସୀଙ୍କୁ ତାଙ୍କ ସ୍ୱାମୀଙ୍କ ସହ ଶଶୁର ଘର ଲୋକ ମିଶି ଯୌତୁକ ପାଇଁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଶୁକ୍ରବାର ମଧ୍ୟ ଉଭୟ ସ୍ୱାମୀ, ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ ହୋଇଥିଲା। ସ୍ୱାମୀ ତାଙ୍କୁ ହତ୍ୟା କରିଛନ୍ତି ବୋଲି ପରିବାର ଲୋକ ଅଭିଯୋଗ କରିଛନ୍ତି।



ଜଙ୍ଗଲ ଜମି ଜବରଦଖଲକୁ ନେଇ ଗ୍ରାମବାସୀ ଏକାଠି ହୋଇଛନ୍ତି।

# ଜଙ୍ଗଲ ଜମି ଜବରଦଖଲକୁ ନେଇ ବିବାଦ

**ପଦକ୍ଷେପ ଗ୍ରହଣ ନ ହେଲେ ଆନ୍ଦୋଳନ ଚେତାବନୀ**

ଲହୁଣୀପଡା,୨୪ା୫(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ଉରୁମକେଲା ଗ୍ରାମରେ ଶୁକ୍ରବାର ଜଙ୍ଗଲ ଜମି ଜବରଦଖଲକୁ ନେଇ ବିବାଦ ଦେଖାଦେବା ସହିତ ଉତ୍ତେଜନା ପ୍ରକାଶ ପାଇଛି।

ସୂଚନାରୁ ପ୍ରକାଶ ଯେ, ଅନ୍ୟ ଗ୍ରାମର କେତେଜଣ ଲୋକ ଉରୁମକେଲା ଗ୍ରାମ କିସାନ ସାହିରେ ପ୍ରଥମେ ମାଟିଘର ତିଆରି କରି ରହିଲେ। କିଛିବର୍ଷ ହେବ ବେନିୟମ ଭାବେ ପକ୍କା ଘର ତିଆରି କରି ରହିବା ଏବଂ ଗ୍ରାମବାସୀଙ୍କ ଅଜାଣତରେ ଏକର ଏକର ଜଙ୍ଗଲ ଜମି ହାତେଇ ନେଇଛନ୍ତି। ଏହାକୁ ମୂଳ ବାସିନ୍ଦା ବିରୋଧ କରିବା ସହିତ ଜିଲାପାଳ, ଉପଜିଲାପାଳ, ଲହୁଣୀପଡା ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ପୁନର୍ବାର, ଜିଲାପାଳ, ଡିଡବ୍ଲ୍ୟୁଓ, ପିଏଆଇଟିଡିଏ, ରାଜସ୍ୱ ମନ୍ତ୍ରୀ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ, ଉପବାଚସ୍ପତି, କେନ୍ଦ୍ରମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଗତ ମାସରେ ସମ୍ବଲପୁରଠାରେ ହୋଇଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିରେ ମଧ୍ୟ ଅଭିଯୋଗ କରିଥିଲେ। ହେଲେ କୌଣସି ସୁଫଳ ମିଳିଲା ନାହିଁ। କୌଣସି କାରଣରୁ ଶୁକ୍ରବାର ଉକ୍ତ ବିବାଦୀୟ ଜମିକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ବେଆଇନ ଭାବେ ଜବରଦଖଲ କରିଥିବା ଲୋକଙ୍କୁ ଯଦି ଜଙ୍ଗଲ ଜମି ମିଳିଛି ତା'ହେଲେ ଆରଆଇ, ଅମିନମାନେ ଦିନରେ ଜମି ଚିହ୍ନଟ ନ କରି ସନ୍ଧ୍ୟାରେ କାହିଁକି ଚିହ୍ନଟ କଲେ। ଗ୍ରାମବାସୀମାନେ ଏ ସମ୍ପର୍କରେ ପଚାରିବାରୁ ଅଧପନ୍ତରିଆ କରି କାହିଁକି ଚାଲିଗଲେ ବୋଲି ପ୍ରଶ୍ନ କରିଛନ୍ତି। ଯଦି ପ୍ରଶାସନ ପକ୍ଷରୁ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରା ନ ଯାଏ ତା'ହେଲେ ଉରୁମକେଲା ଗ୍ରାମର ମୂଳବାସିନ୍ଦାମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏଥିପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀମାନେ ଦାୟୀ ରହିବେ। ଏ ସମ୍ପର୍କରେ ଲହୁଣୀପଡା ତହସିଲଦାର ବାବୁଲ ପେରେଇଙ୍କୁ ପଚାରିବାରୁ, ଖୁବ୍‌ଶୀଘ୍ର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି।

# କାର୍- ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

ଲହୁଣୀପଡା,୨୪ା୫(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥ କମାରପୋଷ ରେଲୱେ ଓଭର ବ୍ରିଜ ଉପରେ ଶୁକ୍ରବାର ସନ୍ଧ୍ୟାରେ କାର୍ ବାଇକ ମୁହାଁମୁହିଁ ଧକ୍କା ହେବା ଯୋଗୁ ଜଣଙ୍କ ମୃତ୍ୟୁ ଘଟିଛି। ମୃତକହେଲେ ବାଇକ୍ ଆରୋହୀ ଦଶୁର ମୁଣ୍ଡା(୨୫)। ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି। କେ. ବଲାଙ୍ଗ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଦୁର୍ଘଟଣାଗ୍ରସ୍ତ ୨ଟି ଗାଡିକୁ ଜବତ କରି ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରୁଛି। ସୂଚନାରୁ ପ୍ରକାଶ ଯେ, ଓଡି -୧୪ବି-୩୬୭୨ କାର କେ. ବଲାଙ୍ଗ ପଟରୁ ଆସୁଥିବା ବେଳେ ଓଡି -୧୪ଡବ୍ଲ୍ୟୁ-୦୯୩୮ ବାଇକରେ କେ. ବଲାଙ୍ଗ ଥାନା ଅନ୍ତର୍ଗତ ଡାଲିମଡ଼ିହି ଗ୍ରାମର ୩ଜଣ ଯୁବକ ଲହୁଣୀପଡା ପଟରୁ ଯାଉଥିବା ବେଳେ କାର ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ଦଶୁରଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କର ୨ ସାଙ୍ଗ ଲଦର ମୁଣ୍ଡା ଓ ଅଜୟ ମୁଣ୍ଡା ଗୁରୁତର ଆହତ ହୋଇଥିଲେ। ଖବରପାଇ କେ. ବଲାଙ୍ଗ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଚିକିତ୍ସା ପାଇଁ ଲହୁଣୀପଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ୨ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ସ୍ଥାନାନ୍ତର କରିଥିବା ଜଣାପଡିଛି।

# ବିଦେଶକୁ ରପ୍ତାନୀ ହେଲା ସମ୍ବଲପୁର ଆମ୍ବ

ସମ୍ବଲପୁର,୨୪ା୫(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜେଲ ଛକ ସ୍ଥିତ ଆହାର କେନ୍ଦ୍ର ପରିସରରେ ଓରମାସ ଏବଂ ଜିଲା ପ୍ରଶାସନର ସହଯୋଗରେ ଶନିବାର ଗାଁ ଆମ୍ବ ପସରା ଆରମ୍ଭ କରାଯାଇଛି। ଏହି ଆମ୍ବ ପସରାରେ ୧୮ଟି ଷ୍ଟଲ ଖୋଲାଯାଇଛି। ଯେଉଁଥିରେ ୩୬ ଜଣ କୃଷକ ଅଂଶଗ୍ରହଣ କରିଛନ୍ତି। ଏହି ଷ୍ଟଲ ଗୁଡିକରେ ଜମନକିରା, ନାକଟିଦେଉଳ, ଯୁଯୋମୁରା, ଧନକଉଡା, ରେଙ୍ଗାଲି, ରେଢାଖୋଲ, କୁଚିଣ୍ଡା ମାନେଶ୍ୱର ଆଦି ଅଞ୍ଚଳର ଚାଷୀଙ୍କ ଆମ୍ବ ସ୍ଥାନ ପାଇଛି। ଆମ୍ବ ପସରାରେ ମିୟାଜାକି, ଆଲ୍ଫାଞ୍ଜୋ, ଲେଙ୍ଗେଡା, ନୀଳାଚଳ କେଶରୀ, ଦସେରା, ବାଦାମ କେଶରୀ, ମଲ୍ଲିକା ଆମପାଲି, ତୋଟାପୁରି, ମହମ୍ମଦବାହାର, ଗୁଲାବ ଖାସ, ମାଲପୁଆ, ସିନ୍ଧୁ, ପ୍ରଭାଶଙ୍କର, ସୁନ୍ଦରୀ, ହେମସାଗର, ଫଜଲି, ରତନା, ବାଇଗଣପଲି ଭଳି ୧୯ ପ୍ରକାର ଆମ୍ବ ବିକ୍ରୀ ପାଇଁ ଉପଲବ୍ଧ ରହିଛି। ଏହି ଆମ୍ବ ପସରା ଆସନ୍ତା ଜୁନ ୨ ତାରିଖ ଯାଏଁ ସକାଳ ୮ ଟାରୁ ରାତି ୮ଟା ପର୍ଯ୍ୟନ୍ତ ଆୟୋଜନ କରାଯିବ ।

# ଶିବିରରେ ୧୫୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ସୁନ୍ଦରଗଡ଼,୨୪ା୫(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସହରର ବିଶିଷ୍ଟ ବ୍ୟବସାୟୀ ସ୍ୱର୍ଗତ ଶଙ୍କରଲାଲ ଅଗ୍ରୱାଲଙ୍କ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ଶନିବାର ଶଙ୍କର ମ୍ୟାରେଜ ହଲ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଆୟୋଜିତ ହୋଇଯାଇଛି। ଛତିଶଗଡ଼ ରାଜଧାନୀ ରାୟପୁରର ଏକ ହସ୍ପିଟାଲରୁ ମେରୁଦଣ୍ଡ ଓ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ବିମଲ ଅଗ୍ରୱାଲ ଓ ତାଙ୍କର ଟିମ୍ ଆସି ଶିବିରରେ ବିଭିନ୍ନ ଅସ୍ଥି ସମ୍ପର୍କିତ ରୋଗ ତଥା ବାତ ରୋଗର ଚିକିତ୍ସା କରିବା ସହିତ ଅତ୍ୟାଧୁନିକ ଅସ୍ଥି ରୋଗ ନିରୂପଣ ଯନ୍ତ୍ର ଦ୍ୱାରା ବିଭିନ୍ନ ପ୍ରକାର ନିଃଶୁଳ୍କ ପରୀକ୍ଷା କରିଥିଲେ। ଏଥିସହିତ ରକ୍ତ ପରୀକ୍ଷା, ଶର୍କରା ସ୍ତର, ରକ୍ତଚାପ ପରୀକ୍ଷା ସହିତ ସମସ୍ତ ରୋଗର ନିଃଶୁଳ୍କ ଔଷଧ ବିତରଣ କରାଯାଇଥିଲା। ଏହି ଶିବିରକୁ ସୁନ୍ଦରଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ନିର୍ମଳ ମହାପାତ୍ର ଉଦ୍‌ଘାଟନ କରିବା ସହିତ ଅଗ୍ରୱାଲ ପରିବାରଙ୍କ ଏହି ମହତ ଉଦ୍ୟମକୁ ପ୍ରଶଂସା କରିଥିଲେ। ଶ୍ମଶାନ ବନ୍ଧୁ ସିଦ୍ଧାନ୍ତ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଯେଉଁ ରୋଗୀମାନେ ଏହି ଶିବିରରେ ପଞ୍ଜୀକରଣ କରିଛନ୍ତି ଏବଂ ଜଟିଳ ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ସମ୍ପୂର୍ଣ୍ଣ ସହଯୋଗ କରାଯିବ ବୋଲି ଡାକ୍ତର ବିମଲ ଅଗ୍ରୱାଲ କହିଛନ୍ତି। ସ୍ୱର୍ଗତ ଶଙ୍କରଲାଲ ଅଗ୍ରୱାଲଙ୍କ ସହଧର୍ମିଣୀ ସରୋଜଦେବୀ ଅଗ୍ରୱାଲ ଉପସ୍ଥିତ ଥିବାବେଳେ ତାଙ୍କର ପୁତ୍ର ଦୀପକ ଅଗ୍ରୱାଲ, କହ୍ନେୟାଲାଲ ଅଗ୍ରୱାଲ, ଓ ନାରାୟଣ ଅଗ୍ରୱାଲ, କମଲେଶ ଯୋଗୀ ଓ ତାଙ୍କର ପରିବାର ସଦସ୍ୟମାନେ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏହି ଶିବିରରେ ୧୫୦ରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ନିଃଶୁଳ୍କ ଚିକିତ୍ସା ସେବା ଔଷଧ ଯୋଗାଇ ଦିଆଯାଇଥିଲା। ଉପଖଣ୍ଡ ପୋଲିସ ଅଧିକାରୀ ମହାପାତ୍ର, ସମାଜସେବୀ ତଥା ଶ୍ମଶାନ ବନ୍ଧୁ ପଣ୍ଡା ଓ ଡାକ୍ତର ଅଗ୍ରୱାଲଙ୍କୁ ଅଗ୍ରୱାଲ ପରିବାର ତରଫରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।



ଡାକ୍ତରମାନେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

# ସରକାରଙ୍କ ନିଷ୍ପତ୍ତିକୁ ଭାଜପା ପଛୁଆ ବର୍ଗ ମଞ୍ଚ ପକ୍ଷରୁ ସ୍ୱାଗତ

ସୁନ୍ଦରଗଡ଼,୨୪ା୫(ଜୟ ନାରାୟଣ ମେଣ୍ଡୁଲି)

ଭାଜପା ପଛୁଆ ବର୍ଗ ମଞ୍ଚ ସୁନ୍ଦରଗଡ଼ ଜିଲା ଶାଖାର ଏକ ବୈଠକ ଶନିବାର ସ୍ଥାନୀୟ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ଜିଲା ଆବାହକ ଯଶୋବନ୍ତ ନାଏକଙ୍କ ଦ୍ୱାରା ପରିଚାଳିତ ଭାଜପାର ବରିଷ୍ଠ ନେତା ରଞ୍ଜନ ପଟେଲ ସଭାପତିତ୍ୱ କରିଥିଲେ। ଏହି ବୈଠକରେ ଓଡିଶାରେ ଭାଜପା ଶାସନ କ୍ଷମତାକୁ ଆସିଲା ପରେ ରାଜ୍ୟରେ ପଛୁଆ ବର୍ଗଙ୍କ ପାଇଁ ଶିକ୍ଷାନୁଷ୍ଠାନ ଗୁଡିକରେ ୧୧.୨୫ ପ୍ରତିଶତ ସଂରକ୍ଷଣ ଘୋଷଣାକୁ ସ୍ୱାଗତ କରାଯାଇଥିଲା। ଏହା ରାଜ୍ୟ ସରକାରଙ୍କ ଐତିହାସିକ ନିଷ୍ପତ୍ତି ବୋଲି କୁହାଯାଇଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଧନ୍ୟବାଦ ଦିଆଯାଇଥିଲା। ଏହି ବୈଠକରେ ଦିଲିପ ପଟେଲ, ସୁରେନ୍ଦ୍ର ସ୍ୱର୍ଣ୍ଣକାର,ଭୋଜରାଜ ମହାପାତ୍ର, ବସନ୍ତ ବେହେରା, ଫକୀର ମୋହନ ପୃଷେଠ, ଶିଶିର ଚୌଧୁରୀ, ପରୀକ୍ଷିତ ସାହୁ, ସଞ୍ଜୟ ଦାନୀ, ଅମୂଲ୍ୟ ନାଏକ, ବିପିନବିହାରୀ ନାଏକ, ଜୟନ୍ତ ନାଏକ, ଅରକ୍ଷିତ ସାହୁ ପ୍ରମୁଖ ବିଭିନ୍ନ ପଛୁଆ ବର୍ଗର ନେତା ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ ଜଣାଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା।

# ଜନ ଆରୋଗ୍ୟ ସମିତି ବୈଠକ




ବରଗଙ୍କଛାର ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୋଜିତ ବୈଠକରେ ଉପସ୍ଥିତ ଅତିଥିମାନେ।

ବଡ଼ଗାଁ,୨୪ା୫(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବରଗାଁକଛାର ଓ ଜରଙ୍ଗଲୋଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ଜନ ଆରୋଗ୍ୟ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉଭୟ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବୈଠକରେ ବଡ଼ଗାଁ ସ୍ୱାସ୍ଥ୍ୟ ଅଧିକାରୀ ଦାୟିତ୍ୱରେ ଥିବା ଡ. କୁଲଦୀପ କିଷନଲାଲ ନାଏକ, ବିପିଏମ୍ ଅରୁଣ ବେହେରା, ପିଏଚ୍‌ଇଓ ଚିତ୍ରସେନ ସାହୁ ଅଂଶ ଗ୍ରହଣ କରିଥିଲେ। ଜରଙ୍ଗଲୋଇଠାରେ ସ୍ୱାସ୍ଥ୍ୟ ଅଧିକାରୀ ଡା. କଲ୍ୟାଣୀ ଦଣ୍ଡସେନା ବୈଠକ ପରିଚାଳନା କରିଥିଲାବେଳେ ଜନ ଆରୋଗ୍ୟ ସମିତି ସଦସ୍ୟ ଦିଲୀପ ସେନାପତି, ଅଖିଳ ବେହେରା ଯୋଗଦେଇଥିଲେ। ବରଗାଁକଛାରଠାରେ ସ୍ୱାସ୍ଥ୍ୟ ଅଧିକାରୀ ଡା. ଲିଙ୍ଗରାଜ ବୋଇତାଇ ବୈଠକ ପରିଚାଳନା କରିଥିବାବେଳେ ସ୍ଥାନୀୟ ସରପଞ୍ଚ ରାଜେଶରୀ କାଲୋ, ଜନ ଆରୋଗ୍ୟ ସମିତି ସଦସ୍ୟ ପରମାନନ୍ଦ ବାଗ, ସତ୍ୟବାନ୍ ବିଶି, ଭୁବନେଶର ପୃଷେଟ ଅଂଶ ଗ୍ରହଣ କରିଥିଲେ। ବରଗାଁକଛାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଯାଇଥିବା ଏଚ୍‌ଟି ବିଦ୍ୟୁତ୍ ତାର ହଟାଇବା ସହ ପାନୀୟ ଜଳ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ସେହିଭଳି ଜରଙ୍ଗଲୋଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ଟ୍ରାନ୍ସଫରମର ବସାଇବାକୁ ଆଲୋଚନା ହୋଇଥିଲା।

# ଲେଫ୍ରିପଡା ବନାଞ୍ଚଳରେ ଯୋଗ, ବୃକ୍ଷ ରୋପଣ ଅଭିଯାନ

ସୁନ୍ଦରଗଡ,୨୪ା୫(ଜୟ ନାରାୟଣ ମେଣ୍ଡୁଲି)

ବିଶ୍ୱ ଯୋଗ ଦିବସର ୧୦ ବର୍ଷ ପୂର୍ତ୍ତି ଅବସରରେ ସୁନ୍ଦରଗଡ ବନଖଣ୍ଡର ଲେଫ୍ରିପଡା ବନାଞ୍ଚଳରେ ବିଭିନ୍ନ ବନ ସୁରକ୍ଷା ସମିତିର ସହଯୋଗରେ ଯୋଗ ଅଭ୍ୟାସ ସହ ସାମୂହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଛି। ଯୋଗ ମଣିଷର ଶାରୀରିକ, ମାନସିକ ତଥା ଆଧ୍ୟାତ୍ମିକ ବିକାଶ କରିଥାଏ। ୨୦୧୫ ଜୁନ ୨୧କୁ ବିଶ୍ୱଯୋଗ ଦିବସ ଭାବେ ଘୋଷଣା କରାଯାଇଥିଲା। ଚଳିତ ବର୍ଷ ଏହା ୧୦ ବର୍ଷ ପୂରଣ କରିଛି। ସୁନ୍ଦରଗଡ ବନ ଖଣ୍ଡ ଅଧିକାରୀ ପ୍ରଦୀପ ମିରାଶେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଲେଫ୍ରିପଡା ବନାଞ୍ଚଳର ପ୍ରତ୍ୟେକ ବନ ସୁରକ୍ଷା ସମିତିରେ ଯୋଗ ଅଭ୍ୟାସ କରାଯାଉଛି ଓ ଲୋକଙ୍କୁ ଯୋଗ ଶିକ୍ଷା ସଙ୍ଗେ ସଙ୍ଗେ ବୃକ୍ଷ ରୋପଣ ପାଇଁ ପ୍ରେରଣା ଦିଆଯାଉଛି । ଲେଫ୍ରିପଡା ବନାଞ୍ଚଳ ଅଧିକାରୀ ଅଶିନୀ କୁମାର ପଟେଲଙ୍କ ତତ୍ତ୍ୱାବଧାନରେ ଶନିବାର ହାଣ୍ଡିପାନି, ସାତଝୁରିଆ, ଠିଠେଇଟାଙ୍ଗର, ତିଳପଡା, ବୈରାଗୀବାହାଲ, ସାଲେଟିକ୍ରା, କାପୁଟିକ୍ରା, ଝୁଲେନ ଆଦି ବନସୁରକ୍ଷା ସମିତିରେ ଯୋଗ ଅଭ୍ୟାସ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବନସୁରକ୍ଷା ସମିତିର ସଭ୍ୟାସଭ୍ୟ, ଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷା କେନ୍ଦ୍ର ଝୁଲେନ ଛାତ୍ରୀଛାତ୍ର, ବନ ବିଭାଗର କର୍ମକର୍ତ୍ତା, ସହଯୋଗୀ ଅନୁଷ୍ଠାନ ସେବକର କର୍ମକର୍ତ୍ତା ଓ କ୍ଷେତ୍ର ପରିଚାଳନା ଏକକର କର୍ମକର୍ତ୍ତା ଉପସ୍ଥିତ ଥିଲେ।



ପିଲାମାନେ ଯୋଗ କରୁଛନ୍ତି।

# ଆଇଆଇଏମ୍ ସମ୍ବଲପୁରରେ ଆଇସିଏଆଇର ୨ଦିନିଆ ସମ୍ମିଳନୀ

ସମ୍ବଲପୁର,୨୪ା୫(ଭବାନୀ ଶଙ୍କର ଭୋଇ)

ଆଇଆଇଏମ ସମ୍ବଲପୁରରେ ଶନିବାର ଇନଷ୍ଟିଚ୍ୟୁଟ ଅଫ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅଫ ଇଣ୍ଡିଆ (ଆଇସିଏଆଇ)ର ଦୁଇଦିନିଆ ଉପ-ଆଞ୍ଚଳିକ ସମ୍ମିଳନୀ 'ସକ୍ଷମ--୨୦୨୫'ର ଉଦଘାଟିତ ହୋଇଯାଇଛି। ଦେଶର ଅର୍ଥବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଚାଟାର୍ଡ ଆକାଉଣ୍ଟାଣ୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅଭିଜ୍ଞ ବ୍ୟକ୍ତିମାନଙ୍କର ଯୋଗଦାନ ଭାରତକୁ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥବ୍ୟବସ୍ଥାରେ ପରିଣତ କରିଛି । ଆଗାମୀ ଦିନରେ ଭାରତ ତୃତୀୟ ଅର୍ଥବ୍ୟବସ୍ଥା ହେବାକୁ ଲକ୍ଷ୍ୟ ରଖାଯାଇଛି। ଭାରତର ଏହି ଯାତ୍ରାରେ ସିଏମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ପଞ୍ଚାୟତିରାଜ ଏବଂ ପାନିୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାୟକ, ଆଇଆଇଏମର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ପ୍ରସାଦ ଜୟସୱାଲ ଏବଂ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥଲେ ।

# ଆଇଜିଏଚ୍‌ରେ ଜଟିଳ ମେରୁଦଣ୍ଡ ରୋଗର ସଫଳ ଅସ୍ତ୍ରୋପଚାର



ରୋଗୀଙ୍କ ସହ ଆଇଜିଏଚ୍ ଶଲ୍ୟ ବିଭାଗୀୟ ଡାକ୍ତରୀ ଦଳ।

ରାଉରକେଲା,୨୪ା୫(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ଇସ୍ପାତ ଜେନେରାଲ ହସ୍ପିଟାଲ ଜଣେ ଗୁରୁତର ମେରୁଦଣ୍ଡ ଆଘାତ ପାଇଥିବା ୫୯ ବର୍ଷୀୟ ରୋଗୀଙ୍କ ଉନ୍ନତ ଶଲ୍ୟ ଚିକିତ୍ସାରେ ଆଉ ଏକ ମାଇଲଖୁଣ୍ଟ ହାସଲ କରିଛି। ଗତ ୩ତାରିଖରେ ଜଣେ ରୋଗୀ ଖସିପଡିବାରୁ ମେରୁଦଣ୍ଡ ଜନିତ ରୋଗରେ ଆକ୍ରାନ୍ତ ହୋଇ ୭ ତାରିଖରେ ଆଇଜିଏଚ୍‌ରେ ଭର୍ତ୍ତି ହୋଇ ୪ଦିନ ପ୍ରାରମ୍ଭିକ ଚିକିତ୍ସା ପାଇଥିଲେ। ଏହାପରେ ଆୟୁଷ୍ମାନ ଭାରତ ଯୋଜନାରେ ନ୍ୟୁରୋସର୍ଜରୀ ବିଭାଗର ବରିଷ୍ଠ ପରାମର୍ଶଦାତା ଡାକ୍ତର ମନୋଜ କୁମାର ଦେଓଙ୍କ ତତ୍ତ୍ୱାବଧାନରେ ରୋଗୀଙ୍କ ସର୍ଭିକାଲ ମେରୁଦଣ୍ଡର ଏମ୍‌ଆର୍‌ଆଇ୍ ଏବଂ ଏକ୍ସ-ରେ ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ପରୀକ୍ଷା କରାଗଲା। ପରୀକ୍ଷାରେ ରୋଗୀଙ୍କ ସର୍ଭିକାଲ ଭର୍ଟିବ୍ରାର ଅସ୍ୱାଭାବିକ ଗତିଶୀଳତା ଚିହ୍ନଟ ହୋଇଥିଲା। ପ୍ରକାଶ ଥାଉକି, ରୋଗୀ ଆଇଜିଏଚ୍‌ରେ ଭର୍ତ୍ତି ହେବା ସମୟରେ ଛିଡା ହେବା, ଚାଲିବା, ବିଛଣାରୁ ଉଠିବା, ପୋଷାକ ପିନ୍ଧିବା ଓ ଖାଇବାରେ ସମ୍ପୂର୍ଣ୍ଣ ଅସମର୍ଥ ଥିଲେ। ମାତ୍ର ପରୀକ୍ଷା ପରେ ରୋଗୀଙ୍କ ପରିବାର ବର୍ଗଙ୍କ ସହମତି ପରେ ଡାକ୍ତର ଦେଓଙ୍କ ନେତୃତ୍ୱରେ ଆଇଜିଏଚ୍ ଶଲ୍ୟ ଚିକିତ୍ସା ଦଳ ସଫଳତାର ସହ ଶଲ୍ୟ ଚିକିତ୍ସା ସମ୍ପାଦିତ କରିଥିଲେ। ଆନାସ୍ଥେସିଆ ଓ ଆଇସିୟୁ ଅତିରିକ୍ତ ସିଏମ୍‌ଓ ଡକ୍ଟର ସଂଯୁକ୍ତା ପାଣିଗ୍ରାହୀ ଆନାସ୍ଥେସିଆ କେୟାର ପରିଚାଳନା କରିଥିଲେ। ପ୍ରଥମେ ରୋଗୀଙ୍କ ଚାଲିବା ପାଇଁ ଦୁଇଜଣ ବ୍ୟକ୍ତିଙ୍କ ସହାୟତା ଆବଶ୍ୟକ ହେଉଥିଲା। ମାତ୍ର ଧୀରେ ଧୀରେ ଜଣେ ବ୍ୟକ୍ତିଙ୍କ ସହଯୋଗରେ ସେ ଚାଲିବା ଆରମ୍ଭ କଲେ। ସାମଗ୍ରିକ ଭାବେ ଆଇଜିଏଚ୍‌ରେ ରୋଗୀଙ୍କ ମେରୁଦଣ୍ଡ ଜନିତ ସମସ୍ୟା ୪୦ ପ୍ରତିଶତ ଉନ୍ନତି ସାଧିତ ହୋଇଥିବା ବେଳେ ଧୀରେ ଧୀରେ ସ୍ୱାସ୍ଥ୍ୟରେ ଉନ୍ନତି ବୃଦ୍ଧି ପାଇଛି। ଏହି ଚିକିତ୍ସା ୧୦ମାସ ମଧ୍ୟରେ ଆଇଜିଏଚ୍‌ରେ ସମ୍ପନ୍ନ କରାଯାଇଥିବା ବେଳେ ଅନୁରୂପ ଷଷ୍ଠ ଜଟିଳ ସର୍ଭାଇକାଲ ସ୍ପାଇନ ଅସ୍ତ୍ରୋପଚାର ଅଟେ। ପୂର୍ବରୁ ଏଭଳି ପ୍ରକ୍ରିୟାର ବିରଳ ସମ୍ପାଦନା ହୋଇଥିବା ଦୃଷ୍ଟିକୋଣରୁ ଏହା ଏକ ଉଲ୍ଲେଖନୀୟ ସଫଳତା ସାବ୍ୟସ୍ତ ହୋଇଛି।

# ଶୀତଳ ଷଷ୍ଠୀ ଯାତ୍ରା ଦିବ୍ୟ, ଭବ୍ୟ ହେବ

- ଶୋଭାଯାତ୍ରାରେ ସାମିଲ ହେବେ ୮ହଜାର ଲୋକ କଳାକାର
- ୧ କୋଟି ୭୫ ଲକ୍ଷ ବ୍ୟୟ ଅଟକଳ

**ସମ୍ବଲପୁର,୨୪।୫(ବି.ଶଙ୍କର/ ଭବାନୀଶଙ୍କର ଭୋଇ)**

ସମ୍ବଲପୁର ଶୀତଳ ଷଷ୍ଠୀ ଯାତ୍ରାର ସ୍ୱତନ୍ତ୍ରତା ରହିଛି। ଦେବ ଦେବ ମହାଦେବ ଓ ଜଗତ ଜନନୀ ମାତା ପାର୍ବତୀଙ୍କ ବିବାହ ସମ୍ପୂର୍ଣ୍ଣ ରିତିନିତି, ପରମ୍ପରା ଓ ଲୋକାଚାରାରେ ହେବ । ଚଳିତ ବର୍ଷ ଶିତଳଷଷ୍ଠୀ ଯାତ୍ରା ଭବ୍ୟ ଓ ଦିବ୍ୟ କରିବାକୁ ସ୍ଥିର ହୋଇଛି । ୩୧ ତାରିଖ ମଧ୍ୟ ରାତ୍ରିରେ ମହାଦେବଙ୍କ ବର ଯାତ୍ରୀ ଶୋଭାଯାତ୍ରା ଏବଂ ବ୍ରହ୍ମମୁହୂର୍ତ୍ତରେ ବିବାହ ସମ୍ପନ୍ନ ହେବାକୁ ଲଗ୍ନ ଧାର୍ଯ୍ୟ ହୋଇଛି । ସେହିପରି ଜୁନ ୧ରେ ଦେବ ଦମ୍ପତିଙ୍କ ନଗର ପରିକ୍ରମା ଓ ଶିତଳଷଷ୍ଠୀ ଯାତ୍ରା ଏବଂ ୨ରେ ସ୍ୱମନ୍ଦିର ପ୍ରବେଶ ନିତି ରହିଛି। ଯାତ୍ରାରେ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରାୟ ୮ହଜାର କଳାକାର ସାମିଲ ହୋଇ ନୃତ୍ୟ ଗୀତ ପରିବେଷଣ କରିବେ। ପ୍ରକୃତ ପକ୍ଷେ ଶିତଳଷଷ୍ଠୀ ଯାତ୍ରା ଲୋକ କଳାକାରମାନଙ୍କର ମହାକୁମ୍ଭ ହେବ । ନଗର ପରିକ୍ରମରେ ଶିବ ପାର୍ବତୀ ରୌପ୍ୟ ଖଚିତ ସୁସଜ୍ଜିତ ବିମାନରେ ଆରୁଢ଼ ହୋଇ ଭକ୍ତଙ୍କୁ ଦର୍ଶନ ଦେବେ। ତେଣୁ ଯାତ୍ରାକୁ ଅଧିକ ଆକର୍ଷଣୀ କରିବାକୁ ସମ୍ବଲପୁର ଶିତଳଷଷ୍ଠୀ ଯାତ୍ରା ସମନ୍ୱୟ ସମିତି ୧କୋଟି ୭୫ ଲକ୍ଷ ଟଙ୍କ ଖର୍ଚ୍ଚ କରିବାକୁ ବ୍ୟୟ ଅଟକଳ କରିଛି । ଶନିବାର ରାତି ୮ଟାରେ ସମ୍ବଲପୁର ରିଭର ଇନ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶିତଳଷଷ୍ଠୀ ଯାତ୍ର ସମନ୍ୱୟ ସମିତି କାର୍ଯ୍ୟକାରୀ ସଭାପତି ଅମୂଲ୍ୟ କୁମାର ମିଶ୍ର ଓ ସଭାପତି ସୁଶାନ୍ତ କୁମାର ପୁରୋହିତ ଉପରୋକ୍ତ ସୂଚନା ଦେଇଛନ୍ତି।



ସମ୍ବଲପୁର ରିଭର ଇନ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶୀତଳଷଷ୍ଠୀ ଯାତ୍ରା ସମନ୍ୱୟ ସମିତି କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

# ସମ୍ବଲପୁରରେ ହେବ ଶାସ୍ତ୍ରୀୟ, ଲୋକନୃତ୍ୟ ପ୍ରତିଯୋଗିତା



ଖବରଦାତା ସମ୍ମିଳନୀରେ ଉପସ୍ଥିତ ରୋଟାରୀ କ୍ଲବ ଅଫ ସମ୍ବଲପୁର ସିଟିର ସଦସ୍ୟ।

**ସମ୍ବଲପୁର,୨୪।୫(ଭବାନୀ ଶଙ୍କର ଭୋଇ)**

ଭାରତୀୟ ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଜୁନ ୮ ତାରିଖରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଷ୍ଟେପ ଅପ ନାମରେ ଏକ ଜାତୀୟ ପ୍ରତିଯୋଗିତା ଆୟୋଜିତ ହେବ। ଶନିବାର ସାମ୍ବାଦିକ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦିଆଯାଇଛି। ସମ୍ବଲପୁରରେ ଏଭଳି ଜାତୀୟ ପ୍ରତିଯୋଗିତା ପ୍ରଥମ ଥର ଆୟୋଜନ କରାଯିବ ବୋଲି ଆୟୋଜକ ରୋଟାରୀ କ୍ଲବ ଅଫ ସମ୍ବଲପୁର ସିଟି ପକ୍ଷରୁ କୁହାଯାଇଛି। ଶାସ୍ତ୍ରୀୟ ଏବଂ ଲୋକନୃତ୍ୟ କ୍ଷେତ୍ରରେ ଉଦୀୟମାନ କଳାକାରମାନଙ୍କୁ ଏକ ପ୍ଲାଟଫର୍ମ ପ୍ରଦାନ କରିବା ଏହି ପ୍ରତିଯୋଗତାର ଲକ୍ଷ୍ୟ ବୋଲି କୁହାଯାଇଛି । ପ୍ରତିଯୋଗିତା ଜରିଆରେ ଲୁକ୍କାୟିତ ପ୍ରତିଭାକୁ ଅନୁସନ୍ଧାନ କରିବା ସହ ଦେଶର ସମୃଦ୍ଧ ଏବଂ ବିବିଧ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶନ କରିବା ପାଇଁ ଲକ୍ଷ୍ୟ ରଖିଛି। ଏହି ପ୍ରତିଯୋଗିତାରେ ଦେଶର ବିଭିନ୍ନ ଅଞ୍ଚଳରୁ ଅନଲାଇନରେ ଆବେଦନ କରିଥିବା ମୋଟ ୨୩୦ ଜଣ ପ୍ରତିଯୋଗୀଙ୍କୁ ଏକକ ଏବଂ ଦଳଗତ ଭାବେ ସୁଯୋଗ ପ୍ରଦାନ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ରୋଟାରୀ କ୍ଲବ ସମ୍ବଲପୁର ସିଟିର ପ୍ରକଳ୍ପ ସଂଯୋଜକ ଯତିନ୍ଦର କୁମାର ଶର୍ମା, ସହ ସଂଯୋଜକ ଲଳିତ ରୋହିଦାସ, କ୍ଲବ ସଭାପତି ହେମନ୍ତା କୁମାର ପାଣିଗ୍ରାହି (ଦୁର୍ଗା), ସମ୍ପାଦକ ରାଘବ ଗର୍ଗ, ଗଣମାଧ୍ୟମ ସଂଯୋଜକ ସୂର୍ଯ୍ୟ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

# ଯୌତୁକ ପାଇଁ ପତ୍ନୀଙ୍କୁ ହତ୍ୟା ଅଭିଯୋଗ

### ଜେଲ୍ ଗଲେ ସ୍ୱାମୀ

**ସମ୍ବଲପୁର,୨୪।୫(ପ୍ରମୋଦ ବହିଦାର)**

ସମ୍ବଲପୁର ସଦରଥାନା ଅନ୍ତର୍ଗତ ତାଲପାଲି ଗ୍ରାମରେ ଯୌତୁକ ପାଇଁ ହତ୍ୟା କରିଥିବା ଅଭିଯୋଗରେ ପୋଲିସ ସ୍ୱାମୀଙ୍କୁ ଗିରଫ କରିଛି। ଏନେଇ ମୃତା ମହିଳାଙ୍କ ଭାଇ କୁନୁ ସେଠ୍‌ଙ୍କ ଲିଖିତ ଅଭିଯୋଗ କ୍ରମେ ସମ୍ବଲପୁର ସଦର ଥାନାରେ ଏକ କେସ୍ (ନଂ.୧୨୮/୨୦୨୫) ରୁଜୁ ହୋଇଛି। ପୋଲିସ ଅଭିଯୁକ୍ତ ସ୍ୱାମୀ କିଶୋର ପାଣ୍ଡେଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସମ୍ବଲପୁର ଏସ୍‌ଡିଜେଏମ୍ କୋର୍ଟରେ ଅଭିଯୁକ୍ତ କିଶୋରଙ୍କ ଜାମିନ ଆବେଦନ ଖାରଜ୍ ହେବା ପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି।

ସୂଚନା ଅନୁସାରେ ଗତ ଶୁକ୍ରବାର କିଶୋରଙ୍କ ସ୍ତ୍ରୀ ଆତ୍ମହତ୍ୟା କରିଥିଲେ। ତେବେ ମାନସୀଙ୍କ ପରିବାର ଲୋକ ତାଙ୍କ ଝିଅକୁ ହତ୍ୟା କରାଯାଇଛି ବୋଲି ସଦର ଥାନାରେ ଏତଲା ଦେଇଥିଲେ। ସେମାନେ ଅଭିଯୋଗ କରିଛନ୍ତି, ଦୁଇ ବର୍ଷ ପୂର୍ବେ ଉଭୟଙ୍କ ବିବାହ ହୋଇଥିଲା। ମାତ୍ର ବିବାହ ପରଠାରୁ ଉଭଙ୍କ ମଧ୍ୟରେ ସମ୍ପର୍କ ଭଲ ନ ଥିଲା। ମାନସୀଙ୍କୁ ତାଙ୍କ ସ୍ୱାମୀଙ୍କ ସହ ଶଶୁର ଘର ଲୋକ ମିଶି ଯୌତୁକ ପାଇଁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଶୁକ୍ରବାର ମଧ୍ୟ ଉଭୟ ସ୍ୱାମୀ, ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ ହୋଇଥିଲା। ସ୍ୱାମୀ ତାଙ୍କୁ ହତ୍ୟା କରିଛନ୍ତି ବୋଲି ପରିବାର ଲୋକ ଅଭିଯୋଗ କରିଛନ୍ତି।

# ବୁର୍ଲା ଜିରୋ ପଏଣ୍ଟ ଅଞ୍ଚଳକୁ ପ୍ଲାଷ୍ଟିକ ମୁକ୍ତ ଅଭିଯାନ



ବୁର୍ଲା ଜିରୋ ପଏଣ୍ଟକୁ ପ୍ଲାଷ୍ଟିକ ମୁକ୍ତ କରିବା ଅଭିଯାନରେ ସାମିଲ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା।

**ସମ୍ବଲପୁର,୨୪।୫(ପ୍ରମୋଦ ବହିଦାର)**

ଓଡ଼ିଶା ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଏନ୍‌ଏସ୍‌ଏସ୍ ବ୍ୟୁରୋ ଓ ଚଢ଼େଇ କ୍ଲବ୍, ସମ୍ବଲପୁରର ମିଳିତ ଉଦ୍ୟମରେ ହୀରାକୁଦ ଜଳଭଣ୍ଡାର ବୁର୍ଲାସ୍ଥିତ ନେହେରୁ ମିନାର ସଂଲଗ୍ନ ଜିରୋ ପଏଣ୍ଟ ଅଞ୍ଚଳକୁ ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ ଆରମ୍ଭ ହୋଇଛି। ଏଠାରେ ଥିବା ପର୍ଯ୍ୟଟନ ସ୍ଥଳି ଓ ବଣଭାଜି ପାଇଁ ଉଦ୍ଦିଷ୍ଟ ସ୍ଥାନକୁ ପ୍ଲାଷ୍ଟିକ ଜନିତ ପ୍ରଦୂଷଣ ମୁକ୍ତ ଓ ଅଞ୍ଚଳରେ ପକ୍ଷୀଙ୍କୁ ସୁରକ୍ଷା ଦିଗରରେ ଜନସାଧାରଣଙ୍କ ମଧ୍ୟରେ ସଚେତନ ଜାଗ୍ରତ କରିବା ଏହି ଅଭିଯାନର ଉଦ୍ଦେଶ୍ୟ ବୋଲି ଚଢ଼େଇ କ୍ଲବ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ସିଏଚ୍‌ଏସ୍‌ଇ ଏନ୍‌ଏସ୍‌ଏସ୍ ବ୍ୟୁରୋର ସଂଯୋଜକ ଡ. ବିଶ୍ୱମୋହନ ଜେନା ଓ ଚଢ଼େଇ କ୍ଲବ୍, ସମ୍ବଲପୁରର ସଂସ୍ଥାପକ ପ୍ରଶାନ୍ତ କୁମାର ପ୍ରଧାନ, ଶିକ୍ଷକ ବିଶ୍ୱଜିତ ମହାନ୍ତି, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ମାସୁଦ ଆଲମଙ୍କ ସମେତ କ୍ଲବ୍‌ର ବହୁ ସଦସ୍ୟ ତଥା ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ।

# ଆଇଆଇଏମ୍ ସମ୍ବଲପୁରରେ ଆଇସିଏଆଇର ୨ଦିନିଆ ସମ୍ମିଳନୀ

**ସମ୍ବଲପୁର,୨୪।୫(ଭବାନୀ ଶଙ୍କର ଭୋଇ)**

ଆଇଆଇଏମ ସମ୍ବଲପୁରରେ ଶନିବାର ଇନଷ୍ଟିଚ୍ୟୁଟ ଅଫ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅଫ ଇଣ୍ଡିଆ (ଆଇସିଏଆଇ)ର ଦୁଇଦିନିଆ ଉପ-ଆଞ୍ଚଳିକ ସମ୍ମିଳନୀ 'ସକ୍ଷମ-୨୦୨୫'ର ଉଦଘାଟିତ ହୋଇଯାଇଛି। ଦେଶର ଅର୍ଥବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଚାଟାର୍ଡ ଆକାଉଣ୍ଟାଣ୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅଭିଜ୍ଞ ବ୍ୟକ୍ତିମାନଙ୍କର ଯୋଗଦାନ ଭାରତକୁ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥବ୍ୟବସ୍ଥାରେ ପରିଣତ କରିଛି । ଆଗାମୀ ଦିନରେ ଭାରତ ତୃତୀୟ ଅର୍ଥବ୍ୟବସ୍ଥା ହେବାକୁ ଲକ୍ଷ୍ୟ ରଖାଯାଇଛି। ଭାରତର ଏହି ଯାତ୍ରାରେ ସିଏମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ପଞ୍ଚାୟତିରାଜ ଏବଂ ପାନିୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାୟକ, ଆଇଆଇଏମର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ପ୍ରସାଦ ଜୟସୱାଲ ଏବଂ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥଲେ । ସମ୍ବଲପୁରକୁ ଏକ ଷ୍ଟାର୍ଟଅପର ପେଣ୍ଠସ୍ଥଳୀ କରିବା ପାଇଁ ସମସ୍ତ ପ୍ରକାର ସମ୍ଭାବନା ରହିଥିବା ଆଇସିଏଆଇ ଅଧ୍ୟକ୍ଷ ବିଷ୍ଣୁ ତୁଲଶ୍ୟାନ କହିଥିଲେ । ଏହି କର୍ମଶାଳା ଆଇସିଏଆଇକୁ ସ୍ଥାନୀୟ ପ୍ରତିଭାଶାଳୀ ଯୁବବର୍ଗ ଏବଂ ପ୍ରତିଭାଙ୍କୁ ଖୋଜିବାରେ ସହାୟକ ହେବ ବୋଲି ଆଇସିଏଆଇର କେନ୍ଦ୍ରୀୟ କମିଟି ସଦସ୍ୟ ରବି କୁମାର ପଟୱା କହିଥିଲେ। ପ୍ରାରମ୍ଭରେ ସିଏ ରବି କିଶୋର କାର୍ଯ୍ୟକ୍ରମର ଲକ୍ଷ୍ୟ ବିଷୟରେ ସୂଚନା ଦେଇଥିଲେ। ଶେଷରେ ଆଇସିଏଆଇର ସମ୍ବଲପୁର ଅଧ୍ୟକ୍ଷ ଅଙ୍କିତ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ମହାନଗର ନିଗମ ନିର୍ବାଚନ ଅବିଳମ୍ବେ କରାଯାଉ

### ପ୍ରଗତିଶୀଳ ନାଗରିକ ମଞ୍ଚର ଦାବି

**ସମ୍ବଲପୁର,୨୪।୫(ବି.ଶଙ୍କର)**

ସମ୍ବଲପୁରର ଗଣ ସଙ୍ଗଠନ ତଥା ବିଭିନ୍ନ ବର୍ଗର ନାଗରିକଙ୍କୁ ନେଇ ଗଠିତ ପ୍ରଗତିଶୀଳ ନାଗରିକ ମଞ୍ଚର ବୈଠକ ଶନିବାର ରାତି ୭ଟାରେ ସାମ୍ବାଦିକ ଭବନରେ ଅନୁଷ୍ଠିତ ହୋଇଯାଇଛି। ସମାଜବାଦୀ କର୍ମୀ ରାଧାକାନ୍ତ ବହିଦାରଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ବୈଠକରେ ଉଭୟ ଅପରେସନ ସିନ୍ଦୁରର ଉପଲବ୍ଧି ଓ ସମ୍ବଲପୁର ସହରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହେଇଯାଇଛି। ଦଶ ବର୍ଷରୁ ଅଧିକ ହେଲା ସମ୍ବଲପୁର ମହାନଗର ନିଗମ ଗଠନ ହୋଇଛି । କିନ୍ତୁ ରାଜନୈତିକ ଇଚ୍ଛା ଶକ୍ତି ଅଭାବରୁ ନିଗମ ନିର୍ବାଚନ ହେଉନାହିଁ। ଯଦ୍ୱାରା ସହରର ଅନେକ ସମସ୍ୟା ଓ ସଙ୍କଟର ନିବାରଣ ହୋଇ ପାରୁନାହିଁ। ତେଣୁ ନିଗମ ନିର୍ବାଚନ ଦିଗରେ ଥିବା ଅନ୍ତରାୟକୁ ଦୂର କରାଯିବା ସହ ଯଥାଶୀଘ୍ର ଓଡ଼ିଶା ସରକାର ନିର୍ବାଚନ ଘୋଷଣା କରୁ ବୋଲି ସଭିଏଁ ଜୋର ଦେଇଥିଲେ। ଗଙ୍ଗାଧର ମେହେର ହାୟର ସେକେଣ୍ଡାରୀ ସ୍କୁଲର ନିଜସ୍ୱ ପରିସର ପ୍ରତିଷ୍ଠା ପାଇଁ ତୁରନ୍ତ ପଦକ୍ଷେପ, ଅଇଁଠାପାଲି ଜାତୀୟ ରାଜପଥରେ ଫ୍ଲାଇ ଓଭର ନିର୍ମାଣ କାର୍ଯ୍ୟରେ ଆବଶ୍ୟକ ସୁରକ୍ଷା ନିୟମ ଉଲ୍ଲଂଘନ ପରିପ୍ରେକ୍ଷୀରେ ଘଟୁଥିବା ଜୀବନହାନି ନେଇ ବୈଠକରେ ଉଦବେଗ ପ୍ରକାଶ କରାଯିବ ସହ ଜନଜୀବନର ସୁରକ୍ଷା ଦିଗରେ ନିର୍ମାଣ କାର୍ଯ୍ୟରେ ସଠିକ ନୀତି ଓ ସାବଧାନତା ଅବଲମ୍ବନ ପାଇଁ ଜୋର ଦିଆ ଯାଇଥିଲା। ଏ ଦିଗରେ ଜିଲାପ୍ରଶାସନ, ଏନ୍‌ଏଚଏଆଇ କର୍ତ୍ତୃପକ୍ଷ ଜରୁରୀ ପଦକ୍ଷେପ ନେବା ପାଇଁ ଦାବି କରାଯାଇଥିଲା । ଆସନ୍ନ ମୌସୁମୀ ବର୍ଷା ପୂର୍ବରୁ ପୋତି ହେଇଯାଇଥିବା ନାଳ ଗୁଡ଼ିକୁ ସଫା କରିବା ପାଇଁ ମହାନଗର ନିଗମ ପକ୍ଷରୁ ତ୍ୱରିତ ପଦକ୍ଷେପ ନେବା ଦାବି କରାଯାଇଥିଲା। ବୈଠକର ଆଲୋଚନାରେ ଗଦାଧର କୁଁଅର, ଗୋକୁଳ ମେହେର, ଶିବ ନନ୍ଦ, ସରୋଜ ମହାନ୍ତି, ଏନ. ଗୋପାଳ, ପ୍ରଣୟ ନାୟକ, ରୂପେଶ ବାଗ, ସଞ୍ଜିତ ମହାନ୍ତି, ଚୁମନ ପ୍ରଧାନ, ମହେଶ ସାଇତା , ଆଶିଷ ମହାପାତ୍ର, ସଞ୍ଜୟ ତିୱାରୀ, ମହମ୍ମଦ ସନାଉଲ୍ଲା, ମହେଶ୍ୱର ଷଣ୍ଢ, ରାହାସ ବିହାରି ପଣ୍ଡା, ସନ୍ତୋଷ ନାଥ, ଭି. ରାମଛରାଓ, ବ୍ରଜକିଶୋର ବିଶ୍ୱାଳ, ସଙ୍ଗୀତା ବେହେରା, ସପ୍ନେଶ୍ୱର ସେନାପତି, ବୀରକିଶୋର ନାୟକ, ସୁଶିଲ ପାଢ଼ୀ, ଦିବ୍ୟଜ୍ୟୋତି ପଟ୍ଟନାୟକ, ହେରମ୍ବଚନ୍ଦ୍ର ଦାନୀ, ଗୌତମ ସିଂ, ରମେଶ ସାହୁ, ଅରୁଣ ଖୁଣ୍ଟିଆ ଏବଂ ସହ ଅନ୍ୟମାନେ ଭାଗ ନେଇଥିଲେ ।

# କେନ୍ଦୁପତ୍ର ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନ

**ସମ୍ବଲପୁର,୨୪।୫(ପ୍ରମୋଦ ବହିଦାର)**

ସମ୍ବଲପୁର ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ଶ୍ରମ ବିଭାଗର ମିଳିତ ଆନୁକୂଲ୍ୟରେ ଶନିବାର ମଧ୍ୟାହ୍ନରେ କେନ୍ଦୁପତ୍ର ଶ୍ରମିକ ସଶକ୍ତିକରଣ ଅଧିକାର, ସୁଯୋଗ ଓ କଲ୍ୟାଣ' ଶୀର୍ଷକ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପାର ବିଭିନ୍ନ ମନ୍ତ୍ରୀ ଯୋଗଦେଇ କେନ୍ଦୁପତ୍ର ଶ୍ରମିକଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ସହିତ ସେମାନଙ୍କ ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ସରକାରଙ୍କ ବିଗତ ୧୧ ମାସ ମଧ୍ୟରେ ହାସଲ କରିଥିବା ବିଭିନ୍ନ ଉପଲବ୍ଧି ବର୍ଣ୍ଣନା କରିଥିଲେ। ସେଥିମଧ୍ୟରେ ରାଜ୍ୟର ଚାଷୀଙ୍କୁ ଧାନ କୁଇଣ୍ଟାଲ ପିଛା ୮ ଶହ ଟଙ୍କା ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନ, ରାଜ୍ୟର ପ୍ରାୟ ୮ ହଜାର କୋଟି ଟଙ୍କା ମୂଲ୍ୟର ୭ ଲକ୍ଷ ମାଟ୍ରିକ୍ ଟନ ଖରିଫ ଧାନ ସଂଗ୍ରହ, ବିଭିନ୍ନ ଯୋଜନାର ହୀତାଧିକାରୀମାନଙ୍କୁ ଡିବିଟି ମାଧ୍ୟମରେ ସିଧାସଳଖ ସହାୟତା ରାଶି ପ୍ରଦାନ, ଶ୍ରମିକଙ୍କ ସାମାଜିକ ସୁରକ୍ଷା ପାଇଁ ପଦକ୍ଷେପ, ରାଜ୍ୟର ପ୍ରାୟ ଏକ କୋଟି ମା' ଭଉଣୀମାନଙ୍କୁ ଅର୍ଥିକ ସଶକ୍ତ ଓ ସ୍ୱାବଲମ୍ବୀ କରିବାରେ ସୁଭଦ୍ରା ଯୋଜନାର ସଫଳତା ଆଦି ବିଭିନ୍ନ କଲ୍ୟାଣକାରୀ ଯୋଜନାର ସଫଳ କାର୍ଯ୍ୟକାରିତା ଉପରେ ଆଲୋକପାତ କରାଯାଇଥିଲା। ସେହିପରି ଆଗାମୀ ଦିନରେ କାର୍ଯ୍ୟକାରୀ ହେବାକୁ ଥିବା ସରକାରୀ ବିଦ୍ୟାଳୟର ଅଟଳ ଟିଙ୍କରିଂ ଲ୍ୟାବ୍ ପ୍ରତିଷ୍ଠା, ପଞ୍ଚାୟତ ସ୍ତରରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା, ରାଜ୍ୟରେ ଡ୍ରପ୍ ଆଉଟ୍ ହାର ହ୍ରାସ ପାଇଁ ଲାଗୁ ହୋଇଥିବା ମାଧୋସିଂ ହାତଖର୍ଚ୍ଚ ଯୋଜନାର ସଫଳତା ଉପରେ ଆଲୋଚନା କରାଯାଇଥିଲା। ଏହି ଆବସରରେ ସମ୍ବଲପୁର ଜିଲାର କେନ୍ଦୁପତ୍ର ତୋଳାଳୀ ଓ ଶ୍ରମିକ ତଥା ନିର୍ମାଣ ଶ୍ରମିକଙ୍କୁ ଶିକ୍ଷାବୃତ୍ତି, ମୃତ୍ୟୁକାଳୀନ ସହାୟତା ଆଦି ବିଭିନ୍ନ ଅନୁକମ୍ପାମୂଳକ ସହାୟତା ରାଶି ବଣ୍ଟନ କରାଯାଇଥିଲା। ଏଥିରେ ରାଜ୍ୟ ଗ୍ରାମ୍ୟ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।

# କୁସୁମୀରେ ଯୋଗ ଶିବିର ଉଦ୍‌ଘାଟିତ

**କୁଚିଣ୍ଡା,୨୪।୫(ବିରଞ୍ଚି ଦର୍ଜୀ)**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର କୁସୁମୀଠାରେ ଶନିବାର ଯୋଗ ଶିବିର ଉଦଘାଟିତ ହୋଇଯାଇଛି। ଏହାକୁ ଯୋଗ ଶିକ୍ଷକ ପ୍ରବୀଣ ପଟେଲ, ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷକ ଭବାନୀପାଟଣା ଶଙ୍କର ନାୟକ, ଶକୁନ୍ତଳା କଲେଜ ସଂସ୍କୃତ ଅଧ୍ୟାପକ ତରୁଣକାନ୍ତ ପୃଷ୍ଟେଠ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଆଦିତ୍ୟ ପଟେଲ, ସୁଲୋଚନା ଦାସ ଓ ଜ୍ୟୋତି ପଟେଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଅତିଥିମାନେ ଯୋଗର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରି ସୁସ୍ଥ ଜୀବନ ଯାପନ ସହ ମାନସିକ ସନ୍ତୁଳନ ପାଇଁ ଏହା ଅତ୍ୟନ୍ତ ଉପାଦେୟ ବୋଲି କହିଥିଲେ। ଏହାଛଡା ସୂର୍ଯ୍ୟ ନମସ୍କାର,ବଜ୍ରାସନ ଏବଂ ଅନ୍ୟାନ୍ୟ ଆସନ ସମ୍ପର୍କରେ ଅବଗତ କରାଯାଇଥିଲା। ପୁରୀର ସଦାଶିବ କ୍ୟାମ୍ପସର କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଛାତ୍ରୀ ବୈଷ୍ଣବ ପଟେଲଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହେବାକୁ ଥିବା ବେଳେ ଏହା ୭ଦିନ ଧରି ଚାଲିବ ଓ ଆସନ୍ତା ୩୦ରେ ଉଦଯାପିତ ହେବ।

# ବିଦେଶକୁ ରପ୍ତାନି ହେଲା ସମ୍ବଲପୁର ଆମ୍ବ

**ସମ୍ବଲପୁର,୨୪।୫(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଜେଲ ଛକ ସ୍ଥିତ ଆହାର କେନ୍ଦ୍ର ପରିସରରେ ଓରମାସ ଏବଂ ଜିଲା ପ୍ରଶାସନର ସହଯୋଗରେ ଶନିବାର ଗାଁ ଆମ୍ବ ପସରା ଆରମ୍ଭ କରାଯାଇଛି। ଏହି ଆମ୍ବ ପସରାରେ ୧୮ଟି ଷ୍ଟଲ ଖୋଲାଯାଇଛି। ଯେଉଁଥିରେ ୩୬ ଜଣ କୃଷକ ଅଂଶଗ୍ରହଣ କରିଛନ୍ତି। ଏହି ଷ୍ଟଲ ଗୁଡିକରେ ଜମନକିରା, ନାକଟିଦେଉଳ, ଯୁଯୋମୁରା, ଧନକଉଡା, ରେଙ୍ଗାଲି, ରେଢାଖୋଲ, କୁଚିଣ୍ଡା ମାନେଶ୍ୱର ଆଦି ଅଞ୍ଚଳର ଚାଷୀଙ୍କ ଆମ୍ବ ସ୍ଥାନ ପାଇଛି। ଆମ୍ବ ପସରାରେ ମିୟାଜାକି, ଆଲ୍ଫାଞ୍ଜୋ, ଲେଙ୍ଗେଡା, ନୀଳାଚଳ କେଶରୀ, ଦସେରା, ବାଦାମ କେଶରୀ, ମଲ୍ଲିକା ଆମପାଲି, ତୋଟାପୁରି, ମହମ୍ମଦବାହାର, ଗୁଲାବ ଖାସ, ମାଲପୁଆ, ସିନ୍ଧୁ, ପ୍ରଭାଶଙ୍କର, ସୁନ୍ଦରୀ, ହେମସାଗର, ଫଜଲି, ରତନା, ବାଇଗଣପଲି ଭଳି ୧୯ ପ୍ରକାର ଆମ୍ବ ବିକ୍ରୀ ପାଇଁ ଉପଲବ୍ଧ ରହିଛି। ଏହି ଆମ୍ବ ପସରା ଆସନ୍ତା ଜୁନ ୨ ତାରିଖ ଯାଏଁ ସକାଳ ୮ ଟାରୁ ରାତି ୮ଟା ପର୍ଯ୍ୟନ୍ତ ଆୟୋଜନ କରାଯିବ । ଏହି ପରିପ୍ରେକ୍ଷୀରେ ଓଡ଼ିଶାର କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ଉଦ୍ୟାନ ନିର୍ଦ୍ଦେଶାଳୟର ପକ୍ଷରୁ ସମ୍ବଲପୁର ଜିଲାର ଆମ୍ବ ବିଦେଶକୁ ରପ୍ତାନୀ କରାଯାଇଛି। ସମ୍ବଲପୁର ଆମ୍ବ ପସରାରୁ ଦୁବାଇକୁ ୧୦ କୁଇଣ୍ଟାଲ ଆମ୍ବ ପଠାଯାଇଥିବା ବେଳେ ଇଂଲଣ୍ଡକୁ ୨୫ କୁଇଣ୍ଟାଲ ଆମ୍ବ ରପ୍ତାନୀ କରାଯାଇଛି। ଆମ୍ବ ପସରା ଜରିଆରେ ସମ୍ବଲପୁରବାସୀ କମ ଦରରେ ସିଧାସଳଖ ଚାଷୀଙ୍କଠାରୁ ଆମ୍ବ କିଣିବାର ସୁଯୋଗ ପାଇବେ। ତାଙ୍କ ସହ ଆଲୋଚନା କରି ଜିଲାର ଫଳଚାଷ ବିଷୟରେ ଜାଣିପାରିବେ।



ଆମ୍ବ ପସରାରେ ସାମିଲ ଯୁଯୁମୁରା ଅଞ୍ଚଳର ଆମ୍ବ ଚାଷୀ।

# ଶିକ୍ଷକ ବଦଳି ବାତିଲ ଲାଗି ଗ୍ରାମବାସୀଙ୍କ ଦାବି

**ନାକଟିଦେଉଳ,୨୪।୫(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସାଲେଭଟା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବୁଢାକଟା ଥୁଣ୍ଟିବାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ବର୍ତ୍ତମାନ ଜଣେ ବିଜ୍ଞାନ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯିବାକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏନେଇ ଶିକ୍ଷା କମିଟିର ସଭ୍ୟା, ସଭ୍ୟମାନେ ଶନିବାର ପୂର୍ବାହ୍ନରେ ନାକଟିଦେଉଳ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ)ଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିବା ଜଣାପଡିଛି। ପ୍ରାପ୍ତ ସୂଚନା ଅନୁସାରେ ବୁଢାକଟା ଥୁଣ୍ଟିବାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ସମୁଦାୟ ୫ ଜଣ ଶିକ୍ଷକ ନିୟୋଜିତ ଅଛନ୍ତି। ତେବେ ବର୍ତ୍ତମାନ ଏହି ୫ ଜଣ ଶିକ୍ଷକଙ୍କ ମଧ୍ୟରୁ ରମାକାନ୍ତ ଧଳ ନାମକ ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରି ଦିଆଯାଇଛି। ଯାହାକୁ କି ବିରୋଧ କରିଛନ୍ତି ଗ୍ରାମବାସୀ। ଗ୍ରାମବାସୀ କରିଥିବା ଅଭିଯୋଗ ଅନୁସାରେ ଶିକ୍ଷକ ରମାକାନ୍ତ ଧଳ ଜଣେ ଭଲ ଶିକ୍ଷକ ଥିବା ବେଳେ ବିଦ୍ୟାଳୟରେ ଗଣିତ ଏବଂ ବିଜ୍ଞାନ ବିଷୟ ପାଠ ପଢାଉ ଥିଲେ। ତାଙ୍କ ବଦଳିକୁ ବାତିଲ କରାଯାଇ ଥୁଣ୍ଟିବାର ବିଦ୍ୟାଳୟରେ ପୁନଃ ଅବସ୍ଥାପିତ କରାଯିବାକୁ ଦାବିକରି ନାକଟିଦେଉଳ ବିଡ଼ିଓ କ୍ଷମାନିଧି ଭୋଇଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥି ସହିତ ନାକଟିଦେଉଳ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଶ୍ୟାମସୁନ୍ଦର ଦାସଙ୍କୁ ମଧ୍ୟ ଶିକ୍ଷା କମିଟି ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଯଦି ଏହି ଶିକ୍ଷକଙ୍କ ବଦଳି ବାତିଲ କରା ନ ଯାଏ, ତା'ହାଲେ ଆଗାମୀ ଦିନରେ ଅଭିଭାବକମାନେ ବିଦ୍ୟାଳୟକୁ ସେମାନଙ୍କ ପିଲାମାନଙ୍କୁ ପାଠ ପଢିବାକୁ ଛାଡ଼ିବେ ନାହିଁ। ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି । ବିଦ୍ୟାଳୟ ପରିଚାଳନା କମିଟିର ସଭାନେତ୍ରୀ ଅନ୍ନପୂର୍ଣ୍ଣା ଶତପଥୀ, ଉପସଭାପତି ଦେବରାଜ ପଣ୍ଡା, ସଦସ୍ୟ ଦିବାକର ସାମଲ, ଲକ୍ଷ୍ମଣ ରାଉତ, ପୀତବାସ ପଣ୍ଡା, ମନୋଜ ସେଠୀ, ଧିରେନ ସେଠୀ, ମନୋଜ ରାଉତ ଏବଂ ତପନ କୁମାର ଶତପଥୀଙ୍କ ସମେତ ଅଭିଭାବକ ଦାବିପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।



ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି ବାତିଲ ପାଇଁ ଦାବିପତ୍ର ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ଉତ୍କଳ ବାଳାଶ୍ରମ ଛାତ୍ରୀଙ୍କ ସଫଳତା

**ଖଡ଼ିଆଳ,୨୪।୫ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ଉତ୍କଳ ବାଳାଶ୍ରମ ଛାତ୍ରୀମାନେ ବିଶ୍ୱ ସ୍କିଲ୍ ସେଣ୍ଟର ପ୍ରବେଶିକା ପରୀକ୍ଷାରେ ସଫଳତ ହାସଲ କରିଛନ୍ତି। ବାଳାଶ୍ରମ ଛାତ୍ରୀ ତରୁଣୀ ନିଆଁଳ ପ୍ରବେଶିକା ପରୀକ୍ଷାରେ ୭୮ ର୍‍ୟାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ନୀଳେନ୍ଦ୍ରୀ ରଣା ୧୨୨ ର୍‍ୟାଙ୍କ ରଖିଥିବା ବେଳେ ଅଗରବତୀ ଭୋଇ ୧୩୩ ର୍‍ୟାଙ୍କ ରଖି ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ଅନୁରୂପ ଭାବେ ଉତ୍କଳ ବାଳାଶ୍ରମ ଛାତ୍ରୀ କାଜଲ ସାହୁ ଚଳିତ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ୪୭୬ (୭୯.୩%) ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ସଫଳତା ପାଇଁ ଜିଲାପାଳ ମଧୁସୂଦନ ଦାଶ ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

### ଟ୍ରକ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

**ଜୁନାଗଡ଼,୨୪।୫(ସୁନୀଲ କୁମାର ସିଂହ):** କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ବଲଦିଆମାଳ ଛକଠାରେ ଶନିବାର ଟ୍ରକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ କକ୍ଳେଶ୍ୱର ମେହେର (୭୦)। ମିଳିଥିବା ସୂଚନା ଅନୁଯାୟୀ, ଶନିବାର ସକାଳେ ବଲଦିଆମାଳ ଛକଠାରେ ଥିବା ନିଜ ଦୋକାନକୁ କକ୍ଳେଶ୍ୱର ଆସୁଥିବାବେଳେ ବାଟରେ ଜୟପୁର ଆଡ଼କୁ ଯାଉଥିବା ଏକ ଟ୍ରକ୍ (ଟି ଏସ୦୮ୟୁଇ-୮୮୩୮) ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ଥାନୀୟ ପୋଲିସ ଟ୍ରକ୍ ସହ ଚାଳକଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

### ଶୀତଳଷଷ୍ଠୀ ମହୋତ୍ସବ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ

**ପଦ୍ମପୁର,୨୪।୫(ପ୍ରଦୀପ୍ତ ଦାଶ)**

ଚଳିତବର୍ଷ ତୃତୀୟ ସାର୍ବଜନୀନ ଶୀତଳଷଷ୍ଠୀ କମିଟି ପଦ୍ମପୁର ତରଫରୁ ଶନିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପୁରୁଣାବସ୍ତିସ୍ଥିତ କଣ୍ଟାବନ୍ଧ ସଂଲଗ୍ନ ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ମହାଦେବ ବାବା ଏବଂ ଜଗଜ୍ଜନନୀ ମାତା ପାର୍ବତୀଙ୍କର ବିବାହ ଉତ୍ସବ ପାଇଁ ପ୍ରସ୍ତୁତି ନେଇ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା। ପ୍ରତି ବର୍ଷ ଭଳି ଚଳିତବର୍ଷ ମଧ୍ୟ ପାରମ୍ପରିକ ରୀତି ନୀତି ଓ ବୈଦିକ ସଂସ୍କାର ସହ ବାବା ସ୍ୱପ୍ନେଶ୍ୱର ଏବଂ ମାତା ଗୌରୀଙ୍କର ବିବାହ ଉତ୍ସବ ସମ୍ପନ୍ନ କରିବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତବର୍ଷ କନ୍ୟା ମାତା ପିତା ଭାବରେ ସର୍ଣକାନ୍ତି ସାହୁ ଓ କେଦାର ସାହୁ ଦାୟିତ୍ୱ ବହନ କରୁଥିବା ବେଳେ ବର ମାତା ପିତା ଭାବରେ ତାରାବତୀ ମେହେର ଓ ଶ୍ରୀ ଚନ୍ଦନ ମେହେର ଦାୟିତ୍ୱ ବହନ କରୁଥିବା କମିଟି ତରଫରୁ ସୂଚନା ଦିଆଯାଇଥିଲା। ଏହି ସମ୍ମିଳନୀରେ ସଭାପତି ପ୍ରୀତମ କୁମାର ମେହେର ଅଧ୍ୟକ୍ଷତା କରିଥିଲେ। କମିଟିର ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ପରିଚୟ ପ୍ରଦାନ କରିଥିଲେ। ସେହିପରି କମିଟିର ସଦସ୍ୟ ସନ୍ତୋଷ କୁମାର ମହାନ୍ତି କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଶୀତଳଷଷ୍ଠୀର ମୁଖ୍ୟ ପୂଜକ ଅତ୍ରାହି ଭଞ୍ଜନ ପାଣିଗ୍ରାହୀ ଓ ମନ୍ଦିର ପୂଜକ ଟଙ୍କଧର ମହାପାତ୍ର ପୂଜା ବିଧି ବିଷୟରେ ବିବରଣୀ ଦେଇଥିଲେ। କମିଟିର ସହ ସମ୍ପାଦକ ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।



ବୈଠକରେ ଯୋଗଦେଇଥିବା ଅଧିକାରୀ ଓ ଲୋକପ୍ରତିନିଧି।

# ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ

**ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକ**

**ନୂଆପଡ଼ା,୨୪।୫ (ମକାରୁ ବେମାଲ)**

ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଶନିବାର ଜିଲାସ୍ତରୀୟ ବୈଠକ ସଦ୍‌ଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଉପରେ ଆଲୋଚନା କରିଥିଲେ। ବିଭାଗ ଦ୍ୱାରା ପ୍ରଦତ୍ତ ତଥ୍ୟଗୁଡ଼ିକର ପ୍ରତ୍ୟେକ ବିନ୍ଦୁ ଉପରେ ବିଷଦ ଭାବରେ ଆଲୋଚନା ହୋଇଥିଲା। ସାମ୍ଭାବ୍ୟ ବନ୍ୟାର ସଫଳ ମୁକାବିଲା ପାଇଁ ସମସ୍ତେ ପ୍ରସ୍ତୁତ ରହିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଠିକ୍ ସମୟ ପୂର୍ବରୁ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ, ଔଷଧ, ଖାଦ୍ୟ, ପଶୁ ଖାଦ୍ୟ ଇତ୍ୟାଦି ମହଜୁଦ ରଖିବା ପାଇଁ ପରାମର୍ଶ ଦେଇଥିଲେ। ସମସ୍ତ ନାଳନର୍ଦ୍ଦମା ତୁରନ୍ତ ସଫା କରିବା ସହ ବନ୍ୟା ସମ୍ବନ୍ଧୀୟ ଯେ କୌଣସି ପୂର୍ବ ସୂଚନାର ଜନ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ତଥା ବ୍ଲକ, ତହସିଲ ଓ ଏନ୍‌ଏସି କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲରୁମ ସୁନିଶ୍ଚିତ କରିବାକୁ ଅଧିକାରୀ ତଥା ବିଡିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଭିନ୍ନ ବିଭାଗ ଜୁନ ୧୦ ସୁଦ୍ଧା ନିଜ ସ୍ତରରେ ପ୍ରାକ ପ୍ରସ୍ତୁତି ସୁନିଶ୍ଚିତ କରିବେ। ତୃଣମୂଳ ସ୍ତରରେ ସମସ୍ତ ପିଆର୍‌ଆଇ ସଦସ୍ୟ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସିଭିଲ ସୋସାଇଟି ସଦସ୍ୟଙ୍କୁ ସାମିଲ କରିବା ସହ ଯୋଗାଯୋଗ ପୂର୍ବକ କାର୍ଯ୍ୟ କରିବାକୁ ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି ପରାମର୍ଶ ଦେଇଥିଲେ। ବୈଠକରେ ଜିଲା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଲା ରେଡ୍ଡୀ ରାଘବେନ୍ଦ୍ର, ଅତିରିକ୍ତ ଜିଲାପାଳ ଭୀମସେନ ଶବର, ସୁବାସ ଚନ୍ଦ୍ର ରଉତ, ଉପ ଜିଲାପାଳ ଯୋଗେନ୍ଦ୍ର ମାଝି, ଏମ୍‌ପି ପ୍ରତିନିଧି ପ୍ରେମ ଅଗ୍ରୱାଲ, ଜିଲା ପରିଷଦ ସଦସ୍ୟ ଅବନୀ ରଞ୍ଜନ ଯୋଷୀ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଡେପୁଟି କଲେକ୍ଟର ଶେଖ ନସିମ କାର୍ଯ୍ୟଖସଡ଼ା ଉପସ୍ଥାପନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଜିଲା ସ୍ତରୀୟ ଅଧିକାରୀ, ସମସ୍ତ ବିଡିଓ, ତହସିଲଦାର, କାର୍ଯ୍ୟନିର୍ବାହୀ ଅଧିକାରୀ, ଏନ୍‌ଏସି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ଅତିରିକ୍ତ ଜିଲାପାଳ ରଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ସମନ୍ୱିତ କୃଷି, କୃଷି ଉଦ୍ୟୋଗ ଉପରେ ଗୁରୁତ୍ୱ

**କୃଷି ସମ୍ବନ୍ଧୀୟ ସମୀକ୍ଷା ବୈଠକ**

**ନୂଆପଡ଼ା,୨୪।୫ (ମକାରୁ ବେମାଲ)**

ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ କୃଷି ସମ୍ବନ୍ଧୀୟ ସମୀକ୍ଷା ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଜିଲା କୃଷି ଅଧିକାରୀ ପ୍ରଦୀପ କୁମାର ବେଉରା, ଜିଲା ମୁଖ୍ୟ କୃଷି କାର୍ଯ୍ୟାଳୟ ଓ ବ୍ଲକସ୍ତରୀୟ ସମସ୍ତ କୃଷି ଅଧିକାରୀ ଯୋଗଦାନ କରିଥିଲେ। କୃଷି ପ୍ରଧାନ ଜିଲାରୁ କୃଷି ଉଦ୍ୟୋଗୀ ଜିଲାରେ ରୂପାନ୍ତରିତ କରିବା ପାଇଁ ବିଭାଗ ପଦକ୍ଷେପ ନେଉ ବୋଲି ଜିଲାପାଳ କହିଥିଲେ। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର କୃଷକମାନଙ୍କ ଉନ୍ନତି ପାଇଁ ଯେଉଁସବୁ କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି ତାହା ଜିଲାରେ ଠିକ ଭାବରେ ରୂପାୟନ ଉପରେ ସେ ଗୁରୁତ୍ୱ ଦେଇଥିଲେ। ଜିଲାରେ ସମନ୍ୱିତ କୃଷି ଉପରେ ଗୁରତ୍ୱ ଦେଲେ ଚାଷୀମାନେ ଲାଭବାନ ହେବା ସହିତ ଅନ୍ୟମାନଙ୍କୁ ମଧ୍ୟ କାମ ମିଳିପାରିବ। ଏହାଦ୍ୱାରା ଜିଲାରୁ ପ୍ରବାସୀ ଶ୍ରମିକ ପ୍ରଥାର ବିଲୋପ ହୋଇପାରିବ ବୋଲି ଜିଲାପାଳ କହିଥିଲେ। ପରେ କୃଷି ବିଭାଗ ଗ୍ରହଣ କରିଥିବା ବିଭିନ୍ନ ଯୋଜନା ଓ ସଫଳତାର କାହାଣୀ ପାୱାର୍ ପଏଣ୍ଟ ମାଧ୍ୟମରେ ଉପସ୍ଥାପିତ କରାଯାଇଥିଲା। ସଭାର ଅନ୍ତିମ ପର୍ଯ୍ୟାୟରେ କୃଷକ ରେଜିଷ୍ଟ୍ରୀ ଯୋଜନାରେ ସର୍ବାଧିକ ପଞ୍ଜିକରଣ କରିଥିବା ସିନାପାଲି ବ୍ଲକ ଓ ଅପରେଟର ମୋଡ୍‌ରେ ସର୍ବାଧିକ ପଞ୍ଜୀକରଣ କରିଥିବା ବେଦବ୍ୟାସ ଶବର (ଭିଏଡବ୍ଲ୍ୟୁ କୋମନା ବ୍ଲକ)ଙ୍କୁ ଜିଲାପାଳ ସମ୍ମାନିତ କରିଥିଲେ।



ଜିଲାପାଳ ସମ୍ମାନିତ କରୁଛନ୍ତି।

### ଷ୍ଟ୍ରିଟ୍ ଲାଇଟ ଆର୍ଥିଙ୍ଗ୍ ସଂସ୍ପର୍ଶରେ ଆସି ଷଣ୍ଢ ମୃତ

**ବଲାଙ୍ଗୀର, ୨୪।୫ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସର୍କିଟ୍ ହାଉସ ରାସ୍ତାକଡରେ ଥିବା ଷ୍ଟ୍ରିଟ୍ ଲାଇଟ ଆର୍ଥିଙ୍ଗ୍ ସଂସ୍ପର୍ଶରେ ଆସି ଶନିବାର ସନ୍ଧ୍ୟାରେ ଏକ ଷଣ୍ଢର ମୃତ୍ୟୁ ଘଟିଛି। କିଭଳି ପରିସ୍ଥିତିରେ ଆର୍ଥିଙ୍ଗ୍ ପଏଣ୍ଟକୁ ବିଦ୍ୟୁତ୍ ସଂଯୋଗ ହେଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହା ଏକ ବ୍ୟସ୍ତବହୁଳ ରାସ୍ତା ହୋଇଥିବା ଏବଂ ନିକଟସ୍ଥ ପଡାବାସୀ ଯିବା ଆସିବା କରୁଥିବାରୁ ବଡଧରଣର ଅଘଟଣ ଘଟିବା ଆଶଙ୍କା ଉପୁଜିଥିଲା। ତେବେ ଶେଷରେ ଷଣ୍ଢର ମୃତ୍ୟୁ ଘଟିଛି। ବଲାଙ୍ଗୀର ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଏଭଳି ଅଘଟଣ ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଖବର ପାଇ ବଜରଙ୍ଗ ଦଳ ଜିଲା ଗୋରକ୍ଷା ପ୍ରମୁଖ ଅମିର ତ୍ରିପାଠୀ ଓ ଅନ୍ୟମାନେ ଘଟଣାସ୍ଥଳକୁ ଆସିଥିବା ଜଣାପଡିଛି।

# ଚମକିଲେ ପ୍ରଗତି ମହାବିଦ୍ୟାଳୟର ୩ ଛାତ୍ରୀ

**ଭବାନୀପାଟଣା,୨୪।୫(ଉତ୍ତମ କୁମାର ଦାଶ)**

**ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ସ୍ନାତକ ପରୀକ୍ଷା ଫଳ**



ସୋନାଲି ଜୋଷୀ



ଉତ୍କଳିକା ପ୍ରିୟଦର୍ଶିନୀ ଜେନା



ସମୀକ୍ଷା ପଣ୍ଡା

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଶେଷବର୍ଷ ସ୍ନାତକ ପରୀକ୍ଷା ଫଳାଫଳ ଶନିବାର ପ୍ରକାଶ ପାଇଛି। ଏଥିରେ ଭବାନୀପାଟଣା ପ୍ରଗତି ମହାବିଦ୍ୟାଳୟର ୩ ଛାତ୍ରୀ ନିଜ ବିଭାଗରେ ଟପ୍ପର ହୋଇ ଜିଲା ପାଇଁ ଗୌରବ ଆଣିଛନ୍ତି। ଛାତ୍ରୀ ସୋନାଲି ଯୋଶୀ ଉଦ୍ଭିଦ ବିଜ୍ଞାନ ବିଭାଗରେ (୯.୨୮) ସିଜିପିଏ, ପ୍ରାଣୀ ବିଜ୍ଞାନ ବିଭାଗରେ ଉତ୍କଳିକା ପ୍ରିୟଦର୍ଶିନୀ ଜେନା (୯.୪୭) ସିଜିପିଏ ଓ ସମୀକ୍ଷା ପଣ୍ଡା କମ୍ପ୍ୟୁଟର ସାଇନ୍ସ ବିଭାଗରେ (୯.୦୬) ସିଜିପିଏ ମାର୍କ ରଖି ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି। ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପ୍ରଚେଷ୍ଟା ଓ ଅଧ୍ୟାପକ/ଅଧ୍ୟାପିକାମାନଙ୍କ ଉଦ୍ୟମରେ ପ୍ରଗତି ଶିକ୍ଷାନୁଷ୍ଠାନ ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇପାରିଛି। ବର୍ତ୍ତମାନ ସମୟରେ ମହାବିଦ୍ୟାଳୟର ଅନେକ ଛାତ୍ରୀଛାତ୍ର ରାଜ୍ୟ ଓ ଜାତୀୟ ସ୍ତରରେ ଅନୁଷ୍ଠିତ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସରକାରୀ ଓ ବେସରକାରୀ ସଂସ୍ଥାରେ କାର୍ଯ୍ୟରତ ଅଛନ୍ତି। ଚଳିତବର୍ଷର ଏହି ଫଳାଫଳକୁ ନେଇ ପ୍ରଗତି ଅନୁଷ୍ଠାନର ମୁଖ୍ୟ ଅଜୟ କୁମାର ପଣ୍ଡା, ଚେୟାର ପର୍ସନ ସୁଶ୍ରୀ ସଙ୍ଗୀତା ପଣ୍ଡା, ପରିଚାଳନା ସମିତି ସଭାପତି ଲକ୍ଷ୍ମୀକାନ୍ତ ବେହେରା ଓ ଅଧ୍ୟକ୍ଷ ତାପସ ପରମାଣିକ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଶ୍ରୀ ଏଜୁକେଶନର ଯୁକ୍ତ ୨ ବିଜ୍ଞାନ ପାସ୍ ହାର ୯୮%

**ଏମ୍. ରାମପୁର,୨୪।୫ (ଶଶି ଭୂଷଣ ପ୍ରହରାଜ)**



ଆଶୁତୋଷ ଜୋଷୀ



ରାକେଶ ଷଡଙ୍ଗୀ

କଳାହାଣ୍ଡି ଜିଲା ମ. ରାମପୁରସ୍ଥିତ ଶ୍ରୀ ଏଜୁକେଶନ ଯୁକ୍ତ ୨ ବିଜ୍ଞାନ କଲେଜ ପାସ୍ ହାର ୯୮ ପ୍ରତିଶତ ରହିଛି। ଚଳିତବର୍ଷ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ଶ୍ରୀ ଏଜୁକେଶନର ଆଶୁତୋଷ ଜୋଷୀ ୫୫୫ (୯୨.୫%) ମାର୍କ ରଖି ପ୍ରଥମ, ରାକେଶ ଷଡଙ୍ଗୀ ୫୪୨ (୯୦.୪%) ମାର୍କ ରଖି ଦ୍ୱିତୀୟ ଓ ରମାକାନ୍ତ ଦିପ ୫୩୦ (୮୮.୪%) ମାର୍କ ରଖି ତୃତୀୟ ସ୍ଥାନ ହାସଲ କରିଛନ୍ତି। ଚଳିତ ବର୍ଷ ୧୨୮ ଜଣ ଛାତ୍ରୀଛାତ୍ର ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ୧୦୩ ଜଣ ପ୍ରଥମ ସ୍ଥାନ, ୨୧ ଜଣ ଦ୍ୱିତୀୟ ସ୍ଥାନ ଓ ଜଣେ ତୃତୀୟ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ସଫଳତାକୁ ନେଇ କଲେଜ ଅଧ୍ୟକ୍ଷ ସରୋଜ ପତି, ସଭାପତି ସପନ କୁମାର ପଟ୍ଟନାୟକ, ମନୋଜ କୁମାର ପତି, ସସ୍ମିତା ପତି ପ୍ରମୁଖ ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହାସହ ପ୍ରିନ୍ସିପାଲ ଅନିଶା ମିଶ୍ରଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକଙ୍କୁ ସଫଳତାର ଶ୍ରେୟ ପ୍ରଦାନ କରିଛନ୍ତି। ମ. ରାମପୁର ଭଳି ପଛୁଆ ଅଞ୍ଚଳରେ ଶ୍ରୀ ଏଜୁକେଶନର ସଫଳତା ଅଞ୍ଚଳ ପାଇଁ ଗୌରବ ଆଣିଦେଇଛି ବୋଲି ଅଭିଭାବକମାନେ ମତ ପୋଷଣ କରିଛନ୍ତି। ଆଗାମୀ ଦିନରେ ଏ ଅନୁଷ୍ଠାନ ଆହୁରି ଅନେକ ସଫଳତା ଆଣିବ ବୋଲି କଲେଜ ଅଧ୍ୟକ୍ଷ ସରୋଜ ପତି କହିଛନ୍ତି।

# ପୋତିହୋଇଛି ଡ୍ରେନ୍, ରାସ୍ତାରେ ମଇଳାପାଣି



ରାସ୍ତାରେ ଚାଲିଛି ଡ୍ରେନ୍ ପାଣି।

**ରିଷିଡ଼ା,୨୪।୫(ସୁଶାନ୍ତ ମଲ୍ଲିକ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ରିଷିଡ଼ା ପଞ୍ଚାୟତର ରାମମନ୍ଦିର ଛକଠାରୁ ମିଳନ ଛକ କନ୍ଧପଡ଼ା କନାରପଡ଼ା ପର୍ଯ୍ୟନ୍ତ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। କେତେକ ସ୍ଥାନରେ ଡ୍ରେନ୍ ସଫା ହେଉ ନ ଥିବାବେଳେ ଆଉ କେଉଁଠି ଅନାବନା ଗଛ ଉଠି ଦୀର୍ଘଦିନରୁ ପୋତିହୋଇରହିଛି। ଫଳରେ ଅଦିନିଆ ବର୍ଷାରେ ଡ୍ରେନ୍‌ରେ ପାଣି ଯାଇ ନ ପାରି ରାସ୍ତାରେ ଚାଲୁଛି। ବର୍ଷା ଛାଡ଼ିଯିବା ପରେ ରାସ୍ତାରେ କୁଢ଼ କୁଢ଼ ଅଳିଆ ଆବର୍ଜନା ଗଦା ହୋଇରହୁଛି। ଏହି ରାସ୍ତା ଦେଇ କଟକ, ଭୁବନେଶ୍ୱର ସମେତ ବିଭିନ୍ନ ଜିଲା ମୁଖ୍ୟାଳୟକୁ ହାଇଟେକ୍ ବସ୍ ଚଳାଚଳ କରୁଛି। କିନ୍ତୁ ରାସ୍ତାରେ ପାଣି ଲହଡି ମାରୁଥିବାବେଳେ ବସ୍ ଯାତାୟାତ ବିପଦପୂର୍ଣ୍ଣ ରହୁଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବର୍ଷା ଜାରି ରହିବା ସମୟରେ ଲୋକଙ୍କ ଘରକୁ ଆବର୍ଜନା ପାଣି ପଶୁଥିବା ଦେଖାଯାଉଛି। ପୁଣି ରାସ୍ତାରେ ଅଳିଆ ଆବର୍ଜନା ପଡ଼ି ମଶାମାଛିଙ୍କ ପ୍ରାଦୁର୍ଭାବ ବଢ଼ିବା ସହ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରିଛି। ଏ ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବରାଜ ରଣାଙ୍କୁ ପଚାରିବାରୁ ଏହି ସମସ୍ୟା ସମାଧାନ ନେଇ ଯୋଜନା ରହିଛି ଓ ଖୁବ୍‌ଶୀଘ୍ର କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ସେ କହିଥିଲେ।

# ପିସିସି ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



କଂଗ୍ରେସର ଦୁଇ ନେତାଙ୍କୁ ସ୍ୱାଗତ କରାଯାଉଛି।

**କୋକସରା,୨୪।୫ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

ପ୍ରଦେଶ କଂଗ୍ରେସ କମିଟି ସଭାପତି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସ ଓ କଂଗ୍ରେସ ଦଳ ପକ୍ଷରୁ ଓଡିଶା ପ୍ରଭାରୀ ଦାୟିତ୍ୱରେ ଥିବା ଅଜୟ କୁମାରଙ୍କୁ ଶନିବାର ମୋଟେର ଓ କୋକସରାଠାରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଦୁଇ ନେତା କୋରାପୁଟ ଗସ୍ତରେ ଯାଉଥିବା ବେଳେ ମୋଟେର ଛକ ନିକଟରେ ଯୁବ କଂଗ୍ରେସର ରାଜ୍ୟ ସାଧାରଣ ସମ୍ପାଦକ ବେଣୁପାଣି ଦୁର୍ଗା, କଲମପୁର ବ୍ଲକ ସଭାପତି ବିପିନ ପ୍ରଧାନୀଙ୍କ ସମେତ ବ୍ଲକ କଂଗ୍ରେସ କାର୍ଯ୍ୟକର୍ତ୍ତା ଦଳୀୟ କାର୍ଯ୍ୟାଳୟ ଛକ ନିକଟରେ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। କଂଗ୍ରେସର ବ୍ଲକ ସଭାପତି ଲିଙ୍ଗରାଜ ବେହେରା, ବରିଷ୍ଠ ନେତା ପୁରୁଷୋତ୍ତମ ଗୁପ୍ତା, ମାର୍କଣ୍ଡ ବେମାଲ, ନିମାଇଁ ଧଙ୍ଗଡା ମାଝୀ, କାମଦେବ ଧଙ୍ଗଡା ମାଝୀ, ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ବ୍ଲକ ଆବାହକ ଅରୁଣ କୁମାର ମାଝୀ, ତ୍ରିଭୁବନ ନାଏକ, ମହେନ୍ଦ୍ର ଧରୁଆ, ମୋଟେର ଜୋନ ସଭାପତି ଯତୀନ୍ଦ୍ର ଦଳେଇ, ଆମପାଣି ଜୋନ ସଭାପତି ହରିଶ୍ଚନ୍ଦ୍ର ନାଏକ, କୋକସରା ଜୋନ ସଭାପତି କମଳ ଲୋଚନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଅଦିନିଆ ବର୍ଷାରେ ରବିଧାନ ନଷ୍ଟ ଆଶଙ୍କା

**ଖଡ଼ିଆଳ,୨୪।୫(ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍‌ରେ ଅଦିନିଆ ବର୍ଷାରେ ରବିଧାନ ନଷ୍ଟହେବା ଆଶଙ୍କା ସୃଷ୍ଟି ହୋଇଛି। ତିଖଳୀ ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପରୁ ଜଳସେଚନ ବ୍ୟବସ୍ଥା ଥିବାବେଳେ ଚଳିତବର୍ଷ ଜମିରେ ଭଲ ଧାନ ଫସଲ ହୋଇଥିଲା। ଏଥିରେ ଚାଷୀ ଆନନ୍ଦିତ ଥିଲେ। ଅନେକ ଚାଷୀ ଧାନ କାଟି ବୋହିବାକୁ ବାହାରି ଥିବାବେଳେ ଅଦିନିଆ ବର୍ଷା ଦାଉ ସାଧିଥିଲା। ଚାଷୀମାନେ ଧାନବିଡ଼ା ଖଳାକୁ ଆଣି ଶୁଖାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ପୁଣି ବର୍ଷା କାରଣରୁ ଧାନ ବିଡ଼ା ଭିଜି ଗଜା ବାହାରିଲାଣି। ଏହାକୁ କିପରି ବିକ୍ରି କରିବେ ତାହାକୁ ନେଇ ବ୍ଲକ୍‌ର ବରଗାଁ, ବେନ୍ଦ୍ରାବାହାଲ, ଡୁମେରବାହାଲ, ଚଳାନପଡ଼ା, ଗୋଇମୁଣ୍ଡି, କାସିପଲା, ବରପଦର ଆଦି ୫୦ରୁ ଊର୍ଦ୍ଧ୍ୱ ଗ୍ରାମର ଚାଷୀ ଚିନ୍ତାରେ ପଡ଼ିଛନ୍ତି। ରାଜସ୍ୱ ଓ କୃଷି ବିଭାଗ ମିଳିତ ତଦନ୍ତକରି କ୍ଷୟକ୍ଷତି ଆକଳନ ସହ କ୍ଷତିପୂରଣ ଦେବାକୁ ଚାଷୀମାନେ ଦାବି କରିଛନ୍ତି।



ଗଜାଧାନ ଦେଖାଉଛନ୍ତି ଚାଷୀ।

# ଧରାଖମନ ଗାଁରେ କିଡ୍‌ନୀ ରୋଗର ଭୟାବହତା

- ୫ବର୍ଷରେ ଗଲାଣି ୧୪ ଜୀବନ
- ଆକ୍ରାନ୍ତ ଅଛନ୍ତି ୧୯ ମହିଳାପୁରୁଷ

**କର୍ଲାମୁଣ୍ଡା,୨୪।୫(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ଧରାଖମନ ଗାଁରେ କିଡ୍‌ନୀ ରୋଗର ଭୟାବହତା ଦେଖିବାକୁ ମିଳିଛି। ଗତ ୫ବର୍ଷ ମଧ୍ୟରେ ଏହି ରୋଗରେ ଗ୍ରାମର ୧୪ଜଣଙ୍କ ଜୀବନ ଯାଇଥିବାବେଳେ ବର୍ତ୍ତମାନ ୧୯ଜଣ ମହିଳାପୁରୁଷ ଆକ୍ରାନ୍ତ ଅଛନ୍ତି। ବ୍ଲକ ସଦରଠାରୁ ପ୍ରାୟ ୧୫ କିଲୋମିଟର ଦୂରରେ ରହିଛି ଏହି ଗାଁ। ଗାଁରେ ୯୦ ପରିବାରରେ ପ୍ରାୟ ୩ଶହ ଲୋକ ବସବାସ କରନ୍ତି। ଅଧିକାଂଶ ଲୋକ ମୂଲମଜୁରୀ କାମ କରି ପେଟ ପୋଷନ୍ତି। କର୍ଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ତଦନ୍ତ କରାଯାଇଥିଲେ ହେଁ କେଉଁ କାରଣରୁ ଲୋକେ କିଡ୍‌ନୀ ଜନିତ ସମସ୍ୟା ଭୋଗୁଛନ୍ତି ତାହା ସ୍ପଷ୍ଟ ହୋଇପାରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କିଡ୍‌ନୀ ସମସ୍ୟା ଯୋଗୁ ଗ୍ରାମର ମାନ୍ଦ୍ରାସ ଭୋଇ, ଚନ୍ଦ୍ର ଶେଖର ଭୋଇ, ମୁନିବର ଭୋଇ, ସାଦିନି ଭୋଇ, ଈଶ୍ୱର ଭୋଇ, ବିମନୀ ଭୋଇ, ସରସ୍ୱତୀ ପୁଟେଲ ପ୍ରମୁଖ ୧୪ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ମୋତିଲାଲ ପୁଟେଲ, ଚୁଡ଼ାମଣି ପୁଟେଲ, ଜଗବନ୍ଧୁ ପୁଟେଲ, ଚନ୍ଦ୍ରମଣୀ ଭୋଇ, ଯମୁନା ଜାନୀ, ମହାଦେବ ପୁଟେଲ, ମଚିନ୍ଦ୍ର ଭୋଇ, ସୁମିତ୍ରା ପୁଟେଲ, ହେମ ସାଗର ପୁଟେଲଙ୍କ ସମେତ ୧୯ଜଣ ରୋଗରେ ଆକ୍ରାନ୍ତ ଥିବା ଗ୍ରାମର ସ୍ୱେଚ୍ଛାସେବୀ ବଳଦେବ ଭୋଇ, ବିଶ୍ୱମ୍ଭର ଭୋଇ ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମିନତିଲତା ଦାଶଙ୍କୁ ପଚାରିବାରୁ ସର୍ଭେ କରାଯାଇ ଏହାର କାରଣ ଓ ନିରାକରଣ ନେଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।



କିଡ୍‌ନୀ ରୋଗରେ ଆକ୍ରାନ୍ତ ଗ୍ରାମବାସୀ।

# ଅମଳ କରି ନ ଥିବା ଚାଷୀଙ୍କ ନାଁରେ ଧାନବିକ୍ରି

**ଧାନ କିଣାବିକାରେ ଫଲ୍ସ ଏଣ୍ଟ୍ରି, ଗୁମର ଫିଟୁଛି**

- ଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ
- ତଦନ୍ତ ସହିତ କାର୍ଯ୍ୟାନୁଷ୍ଠାନ ଦାବି


ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀବୃନ୍ଦ।

ବରଗଡ଼,୨୪।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଅଧିକ ଧାନ ଉତ୍ପାଦନ ପାଇଁ ଜିଲାକୁ ରାଜ୍ୟର ଭାତହାଣ୍ଡି କୁହାଯାଏ। ମାତ୍ର ଏଠାରେ ଧାନବିକ୍ରି ସମସ୍ୟା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଚାଷୀମାନେ ଧାନ ଉତ୍ପାଦନ କରୁଛନ୍ତି। ମାତ୍ର ବିକ୍ରି ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ପଡ଼ୋଶୀ ଛତିଶଗଡ଼ ରାଜ୍ୟରୁ ଏଠାକୁ ଧାନ ଆସୁଛି ଏବଂ ସିଧାସଳଖ କେତେକ ରାଇସ୍ ମିଲକୁ ଯାଉଛି। ତାହା ମଣ୍ଡିକୁ ନ ଆସିଥିବାବେଳେ ବେପାରୀ ଏବଂ ବିଭାଗୀୟ କର୍ମଚାରୀଙ୍କ ଅସାଧୁମେଣ୍ଟ ଯୋଗୁ ତାହା ବିଭିନ୍ନ ମଣ୍ଡିରେ ଫଲ୍ସଏଣ୍ଟ୍ରିସହିତ ବିକ୍ରିହେଉଥିବା ଅଭିଯୋଗ ହୋଇଛି। ଦୀର୍ଘଦିନରୁ ଏଭଳି ଅଭିଯୋଗ ହୋଇ ଆସୁଥିବାବେଳେ ଶନିବାର ଜିଲାର ବରପାଲି ବ୍ଲକ ଅନ୍ତର୍ଗତ ସତଲମା ଅଞ୍ଚଳର ଚାଷୀମାନେ ଏ ନେଇ ଜିଲାପାଳଙ୍କୁ ଫେରାଦ ହେବା ପରେ ଧାନବିକ୍ରିରେ ଫଲ୍ସଏଣ୍ଟ୍ରିର ଗୁମର ଫିଟିବାରେ ଲାଗିଛି। ଚାଷୀମାନେ ଅଭିଯୋଗ କରିଛନ୍ତି, ମଣ୍ଡିଗୁଡ଼ିକରେ ଦଲାଲରାଜ ଖୋଲାଖୋଲି ଭାବରେ ଚାଲିଛି। ଅନେକ ଚାଷୀ କ୍ଷେତରୁ ଧାନ ଅମଳ କରି ନାହାନ୍ତି। ମାତ୍ର ସମ୍ପୃକ୍ତ ଚାଷୀମାନଙ୍କ ନାମରେ ଧାନ ବିକ୍ରି ହୋଇ ସାରିଲାଣି। ସତଲମା ଧାନମଣ୍ଡିରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ଏହି ମଣ୍ଡିରେ ଶନିବାର ସୁଦ୍ଧା ୨୬ଜଣ ଚାଷୀଙ୍କଠାରୁ ୧୪୮୬ କୁଇଣ୍ଟାଲ ଧାନ କିଣା ସରିଛି। କିନ୍ତୁ ଆଶ୍ଚର୍ଯ୍ୟର କଥା, ଯେଉଁ ୨୬ ଜଣ ଚାଷୀଙ୍କ ଧାନ କିଣାଯାଇଥିବା ଉଲ୍ଲେଖ ରହିଛି, ସେମାନଙ୍କ ମଧ୍ୟରୁ ପ୍ରାୟ ୨୦ଜଣ ଚାଷୀ ଏ ପର୍ଯ୍ୟନ୍ତ ଧାନ ଅମଳ ମଧ୍ୟ କରି ନାହାନ୍ତି ବୋଲି ଅଭିଯୋଗ ହୋଇଛି। ସେହି ଧାନ କେଉଁଠାରୁ ଆସିଛି, କିପରି ଆସିଛି ମଣ୍ଡିରେ ସକ୍ରିୟ ରହି ସମସ୍ତ ଧାନବିକ୍ରି ପ୍ରକ୍ରିୟାର ତଦାରଖ କରୁଥିବା ଚାଷୀ କମିଟିକୁ ମଧ୍ୟ ତାହା ଅଜଣା ରହିଛି। ଚାଷୀମାନେ ଏଭଳି ଅଭିଯୋଗ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ମାତ୍ର ଛୁଟି ଦିବସ ଥିବାରୁ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁଙ୍କୁ ଘଟଣା ସମ୍ପର୍କରେ ଫୋନ ମାଧ୍ୟମରେ ଜଣାଇଥିଲେ। ସେହି ଧାନ କେଉଁଠାରୁ ଆସିଛି, ତା'ର ଠିକ୍ ଅନୁଧ୍ୟାନପୂର୍ବକ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜଣାଇଥିଲେ। ମିଲ ମାଲିକ ଏଜେଣ୍ଟ ମାଧ୍ୟମରେ ଛତିଶଗଡ଼ର ଧାନ ଆଣି ସ୍ଥାନୀୟ ଚାଷୀମାନଙ୍କୁ ପ୍ରଲୋଭିତ କରି ତାଙ୍କ ନାମରେ ଉକ୍ତ ମଣ୍ଡିରେ ତାହା ବିକ୍ରି କରୁଥିବା ଅଭିଯୋଗ ହୋଇଛି। ସତଲମା ମଣ୍ଡି ଅଧୀନ ଅଞ୍ଚଳର ୩୫ଜଣ ଚାଷୀ ଜିଲା ପ୍ରଶାସନଠାରେ ଲିଖିତ ଭାବେ ଏଭଳି ଅଭିଯୋଗ କରିଛନ୍ତି। ଶୀଘ୍ର ଏକ ସ୍କ୍ୱାଡ ପଠାଇ ଏହି ଘଟଣାର ତଦନ୍ତ କରାଯିବ ବୋଲି ଅତିରିକ୍ତ ଜିଲାପାଳ ସାହୁ ଚାଷୀମାନଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଜିଲା ପ୍ରଶାସନ ଯଦି ତତ୍ପରତାର ସହ ତଦନ୍ତ କରେ, ସବୁ ସ୍ପଷ୍ଟ ହୋଇଯିବ ବୋଲି ଚାଷୀମାନେ କହିଛନ୍ତି। ଯେଉଁ ଯେଉଁ ପ୍ଲଟରେ ଚାଷ ହୋଇ ସମ୍ପୃକ୍ତ ଚାଷୀଙ୍କୁ ଟୋକନ ମିଳିଛି, ସେହି ପ୍ଲଟରେ ଠିଆ ଧାନ ଥିବା ସତ୍ତ୍ୱେ ଯଦି ସେହି ଟୋକନରେ ଧାନ ବିକ୍ରି ସରିଗଲାଣି, ତାହାହେଲେ ସମ୍ପୃକ୍ତ ଚାଷୀ ଧାନ କେଉଁଠାରୁ ଆଣିଲେ ବୋଲି ପ୍ରଶ୍ନ ଉଠିଛି। ସରକାର ଟୋକନ ତିଆରି କରିବା ପୂର୍ବରୁ ଚାଷୀର ଜମିକୁ ସାଟେଲାଇଟ ମାଧ୍ୟମରେ ସର୍ଭେ କରି ଟୋକନ ଦେଇଥାନ୍ତି। ଏ ପରିପ୍ରେକ୍ଷୀରେ ଯଦି ସେଭଳି ତଦନ୍ତ ହୁଏ, ତାହାହେଲେ ଛତିଶଗଡ଼ର ଧାନ କିଭଳି ଦଲାଲମାନଙ୍କ ଜରିଆରେ ମ୍ୟାନେଜମେଣ୍ଟ କରାଯାଉଛି, ତାହା ସ୍ପଷ୍ଟ ହୋଇଯିବ ବୋଲି ଚାଷୀମାନେ କହିଛନ୍ତି। ଏଥିରେ ଯେଉଁମାନେ ସମ୍ପୃକ୍ତ ଅଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସତଲମା ଅଞ୍ଚଳର ଚାଷୀ ଚଞ୍ଚଳ ପ୍ରଧାନ, ଦୁଷ୍ମନ୍ତ କୁମାର ସାହୁ, ସୁବାସ ବଢ଼େଇ, ଫଗୁନୁ ସାହୁ, ଦେବାନନ୍ଦ ସାହୁ, ଜୟଦେବ ସାହୁ, କିଶୋର ସାହୁ,ପାରେଶ୍ୱର ସାହୁ, ବୈଶାଖୁ ରଣା, ଦୁର୍ଯ୍ୟୋଧନ ସାହୁ, ଭାଗବତ ପୂଜାରୀ, ମନୋଜ ସାହୁ, ସୁଶାନ୍ତ ଜାଲ, ସୁନୀଲ ସାହୁ, ବିଶିକେଶନ ବଢ଼େଇ, ବିଜୟ ପାତ୍ର, ଧୀରେନ ସେଠ, ରୁକ୍ମଣ ସାହୁ, ବୈଲୋଚନ ସାହୁ, ମାନସ ବେହେରା, ସମୀର ସାହୁ, ଦିନେଶ ସାହୁ, ବିବେକ ସାହୁ, ଯଦୁନନ୍ଦନ ପ୍ରଧାନ, ପ୍ରଶାନ୍ତ ସାହୁ, କୈଳାସ ସାହୁ ପ୍ରମୁଖ ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଚାଷୀ ସଙ୍ଗଠନ ଜୟ କିଷାନ ଆନ୍ଦୋଳନର ଜିଲା ସଭାପତି ସୁଶୀଲ କୁମାର ସାହୁ ଯୋଗଦେଇଥିଲେ।

## ବାଉଁଶୁଣିକୁ ଏନ୍ଏସି ଘୋଷଣା ନ ହେଲେ ଆନ୍ଦୋଳନ

ବାଉଁଶୁଣି, ୨୪।୫(ଦେବାଶିଷ ନେପାକ)

ବୌଦ୍ଧ ଓ ମନମୁଣ୍ଡା ମଧ୍ୟରେ ବାଉଁଶୁଣି ଏକ ବ୍ୟବସାୟୀକ ପେଣ୍ଠ ସ୍ଥଳୀ। ଏହି ଛକ ଉପରେ ଆଖପାଖ ୧୦ଟି ପଞ୍ଚାୟତର ଜନସାଧାରଣ ନିର୍ଭର କରନ୍ତି। ଏଠାରେ ଶିଶୁ ମନ୍ଦିରଠାରୁ ଆରମ୍ଭ କରି ଯୁକ୍ତ ତିନି ମହାବିଦ୍ୟାଳୟ, ରାଜସ୍ୱ ନିରୀକ୍ଷକ, ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ଥାନା ଆଦି କାର୍ଯ୍ୟାଳୟ ରହିଛି। ପ୍ରତ୍ୟେହ ଏଠାରୁ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉଲକେଲା, ଭବାନୀପାଟଣା, କଳାହାଣ୍ଡି ଆଦି ଦୂର ଦୁରାନ୍ତକୁ ଯିବା ଆସିବା କରିଥାନ୍ତି। ପୂର୍ବ ସରକାର ଏହାର ଗୁରୁତ୍ୱକୁ ଉପଲବ୍ଧି କରି ବାଉଁଶୁଣିକୁ ଏନ୍ଏସି ଘୋଷଣା କରିଥିଲେ। କିନ୍ତୁ ସରକାର ବଦଳିବା ପରେ ଏହାକୁ ଅଣଦେଖା କରାଯାଇଛି। ଅଞ୍ଚଳବାସୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ବାଉଁଶୁଣିକୁ ତୁରନ୍ତ ଏନ୍ଏସି ଘୋଷଣା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ବାଉଁଶୁଣୀ ପଞ୍ଚାୟତ ଓ ଅଁଳାପାଲି ପଞ୍ଚାୟତ ମଧ୍ୟରେ କେତେକ ଗ୍ରାମକୁ ନେଇ ଏନ୍ଏସି ଘୋଷଣା ହୋଇଥିଲା। ସରକାର ବଦଳିବା ପରେ ବାଉଁଶୁଣୀକୁ ଏନ୍ଏସିରୁ ବାଦ ଦିଆଯାଇଥିବା ଖବର ପାଇଁ ସ୍ଥାନୀୟବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ବାଉଁଶୁଣୀକୁ ଏନ୍ଏସି ଘୋଷଣା ନ ହେଲେ ଅଞ୍ଚଳବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ସଜବାଜ ହେଉଥିବା ଜଣାପଡ଼ିଛି।

## ଶୀତଳଷଷ୍ଠୀ ମହୋତ୍ସବ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ


ଖବରଦାତା ସମ୍ମିଳନୀରେ ସଭାପତି ପ୍ରୀତମ ମେହେର ସୂଚନା ଦେଉଛନ୍ତି।

ପଦ୍ମପୁର,୨୪।୫(ପ୍ରଦୀପ୍ତ ଦାଶ)

ଚଳିତବର୍ଷ ତୃତୀୟ ସାର୍ବଜନୀନ ଶୀତଳଷଷ୍ଠୀ କମିଟି ପଦ୍ମପୁର ତରଫରୁ ଶନିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପୁରୁଣାବସ୍ତିସ୍ଥିତ କଣ୍ଠାବନ୍ଧ ସଂଲଗ୍ନ ଶ୍ରୀ ଶ୍ରୀ ସ୍ୱପ୍ନେଶର ମହାଦେବ ବାବା ଏବଂ ଜଗଜ୍ଜନନୀ ମାତା ପାର୍ବତୀଙ୍କର ବିବାହ ଉତ୍ସବ ପାଇଁ ପ୍ରସ୍ତୁତି ନେଇ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା। ପ୍ରତି ବର୍ଷ ଭଳି ଚଳିତବର୍ଷ ମଧ୍ୟ ପାରମ୍ପରିକ ରୀତି ନୀତି ଓ ବୈଦିକ ସଂସ୍କାର ସହ ବାବା ସ୍ୱପ୍ନେଶ୍ୱର ଏବଂ ମାତା ଗୌରୀଙ୍କର ବିବାହ ଉତ୍ସବ ସମ୍ପନ୍ନ କରିବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତବର୍ଷ କନ୍ୟା ମାତା ପିତା ଭାବରେ ସର୍ଣକାନ୍ତି ସାହୁ ଓ କେଦାର ସାହୁ ଦାୟିତ୍ୱ ବହନ କରୁଥିବା ବେଳେ ବର ମାତା ପିତା ଭାବରେ ତାରାବତୀ ମେହେର ଓ ଶ୍ରୀ ଚନ୍ଦନ ମେହେର ଦାୟିତ୍ୱ ବହନ କରୁଥିବା କମିଟି ତରଫରୁ ସୂଚନା ଦିଆଯାଇଥିଲା। ଏହି ସମ୍ମିଳନୀରେ ସଭାପତି ପ୍ରୀତମ କୁମାର ମେହେର ଅଧ୍ୟକ୍ଷତା କରିଥିଲେ। କମିଟିର ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ପରିଚୟ ପ୍ରଦାନ କରିଥିଲେ। ସେହିପରି କମିଟିର ସଦସ୍ୟ ସନ୍ତୋଷ କୁମାର ମହାନ୍ତି କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଶୀତଳଷଷ୍ଠୀର ମୁଖ୍ୟ ପୂଜକ ଅତ୍ରାହି ଭଞ୍ଜନ ପାଣିଗ୍ରାହୀ ଓ ମନ୍ଦିର ପୂଜକ ଟଙ୍କଧର ମହାପାତ୍ର ପୂଜା ବିଧି ବିଷୟରେ ବିବରଣୀ ଦେଇଥିଲେ। କମିଟିର ସହ ସମ୍ପାଦକ ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଆକ୍ରମଣ ଘଟଣାରେ ଜଣେ ଗିରଫ

ଅତାବିରା,୨୪।୫(ଯୁଧିଷ୍ଠିର ମହାପାତ୍ର)

**ବାଳସୁଧାର ଗୃହ ଗଲେ ନାବାଳକ**

ଅତାବିରାରେ କପଡ଼ା ଦୋକାନ ଦେଇଥିବା ଜଣେ ବ୍ୟକ୍ତି ଓ ତାଙ୍କ ସହଯୋଗୀଙ୍କୁ ଗତ ୧୩ ତାରିଖ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏହି ଘଟଣାରେ ଶନିବାର ସ୍ଥାନୀୟ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସମ୍ବଲପୁର ଜିଲା ବୁର୍ଲା ଥାନା ଶକ୍ତିନଗରର ସୁଶୀଲ ନାୟକ। ଏଥିରେ ସମ୍ପୃକ୍ତ ନାବାଳକଙ୍କୁ ବାଳ ସୁଧାର ଗୃହକୁ ପଠାଯାଇଛି। ସେମାନଙ୍କଠାରୁ ଆକ୍ରମଣରେ ଶିକାର ହୋଇଥିବା ଶୁଭମ ଗୁପ୍ତାଙ୍କ ମୋବାଇଲ ଉଦ୍ଧାର କରାଯାଇଛି। ଏ ନେଇ ଅତାବିରା ଥାନା ପୋଲିସ ଏକ (୧୯୨/୨୫) ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ପ୍ରକାଶ କର୍ଣ୍ଣ କହିଛନ୍ତି। ଅତାବିରାରେ କପଡ଼ା ଦୋକାନ ଦେଇଥିବା ଶୁଭମ ଗୁପ୍ତା ଓ ତାଙ୍କ ସହଯୋଗୀ ରୋହିତ କୁମାର ଦୋକାନ ବନ୍ଦ କରି ସରଣ୍ଡାର ଏକ ଢାବାକୁ ରାତି ଭୋଜନ କରିବା ପାଇଁ ଯାଉଥିଲେ। ରାତି ପ୍ରାୟ ୧୦ଟାରେ ବରଗଡ଼ – ସମ୍ବଲପୁର ୫୩ ନମ୍ବର ଜାତୀୟ ରାଜପଥ ଉପରେ ସେମାନେ ଲୁଟ ସହ ଆକ୍ରମଣର ଶିକାର ହୋଇଥିଲେ। ସେମାନଙ୍କୁ ଦଳବଦ୍ଧ ଭାବେ ଦୁର୍ବୃତ୍ତମାନେ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଥିଲା।

## ଭାରତୀୟ କିଷାନ ସଂଘର ମଣ୍ଡି ପରିଦର୍ଶନ

ବରଗଡ଼,୨୪।୫(ପ୍ରେମାନନ୍ଦ ଖମାରୀ)


ଅତାବିରା ଆରଏମସିରେ ଭାରତୀୟ କିଷାନ ସଂଘର ପ୍ରତିନିଧି ଦଳର ଆଲୋଚନା।

ଭାରତୀୟ କିସାନ ସଂଘର ଏକ ପ୍ରତିନିଧି ଦଳ ଶନିବାର ବିଭିନ୍ନ ମଣ୍ଡି ପରିଦର୍ଶନ କରିଛନ୍ତି। ଜିଲାର କଳାପାଣି, ଗୋଡ଼ଭଗା ଓ ଅତାବିରା ମଣ୍ଡି ପରିଦର୍ଶନ କରି ମଣ୍ଡି ବ୍ୟବସ୍ଥାର ସୁଧାର ଉପରେ ଚାଷୀ ଏବଂ ମଣ୍ଡି ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସହିତ ସେମାନେ ଆଲୋଚନା କରିଥିଲେ। ବିଭିନ୍ନ ମଣ୍ଡିରେ ଚାଷୀଙ୍କ ଧାନକୁ ଟୋକନ ଆସିବା ପର୍ଯ୍ୟନ୍ତ ରଖିବାର ସରକାରୀ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ମଣ୍ଡିରେ ସଂଗୃହୀତ ଧାନ ଅନୁପାତରେ ଉଠାଣ ବିଳମ୍ବ ହେଉଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ମଣ୍ଡିରେ ବସ୍ତାର ବ୍ୟବସ୍ଥା ପର୍ଯ୍ୟାପ୍ତ ନ ଥିବାରୁ ଚିନ୍ତାବ୍ୟକ୍ତ କରିଥିଲେ। ଇ–ନାମ ମାର୍କେଟିଂ ଉପରେ ଏକ ସେମିନାର କରିବାକୁ ଅତାବିରା ଓ ବରଗଡ଼ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକଙ୍କୁ ପ୍ରସ୍ତାବ ଦେଇଥିଲେ। ଏହି ପ୍ରତିନିଧି ଦଳରେ ରାଷ୍ଟ୍ରୀୟ ସଦସ୍ୟ କେଦାର ମିଶ୍ର, ଭୁପାଳ ବିଶି, ସୁରେଶ୍ୱ ନିକେଣ୍ଡି, ଚୈତନ୍ୟ କର୍ଣ୍ଣ ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ରୀଷ୍ମକାଳୀନ କଳା ଶିବିର


ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ବରପାଲି,୨୪।୫(ଚିତ୍ତରଞ୍ଜନ ସାହୁ)

ବରପାଲି ବ୍ଲକ ପ୍ରଧାନ କ୍ରାଫ୍ଟୋ ପାର୍କଠାରେ ଶନିବାର ମଧ୍ୟାହ୍ନରେ ୧୫ ଦିନିଆ ଗ୍ରୀଷ୍ମ କାଳୀନ କଳା ଶିବିର ଉଦ୍‌ଯାପିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବ୍ଲକ ଚେୟାରମ୍ୟାନ ରୀନା ଥଇତ୍, ନାଟ୍ୟକାର ଧର୍ମରାଜସିଂ ବରିହା ଯୋଗଦେଇ ସମସ୍ତ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସହ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଉକ୍ତ ଶିବିରରେ ସନ୍ତୋଷ ମେହେର, ନନ୍ଦିତା ପ୍ରଧାନ, ସଂଘମିତ୍ରା ପ୍ରଧାନ, ମାନସ ଦାସ, ଧର୍ମରାଜସିଂ ବରିହା ଏବଂ ଅଧକ୍ଷା ୧୫ ଦିନ ଧରି ନୃତ୍ୟ, ସଙ୍ଗୀତ, ଡ୍ରାମା, ପେଣ୍ଟିଂ, କ୍ରାଫ, ଯୋଗ ଟ୍ରେନିଂ ଦେଇ ଶିବିରକୁ ସଫଳ ମଣ୍ଡିତ କରିଥିଲେ। ସଭାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂଘମିତ୍ରା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

ଭେଡେନ,୨୪।୫(ହୃଷୀକେଶ ଖମାରୀ)

ବରଗଡ଼ ଜିଲା ଝରାପାଲି ଗ୍ରାମରେ ଶୁକ୍ରବାର କାଦୋବାହାଲ ଝରାପାଲି ଲାୟନ୍ସ କ୍ଲବ ପକ୍ଷରୁ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ଡା. ଅରୁଣ କୁମାର ଶର୍ମା ଏହାକୁ ଉଦ୍‌ଘାଟନ କରିଥିଲେ । ଏଥିରେ ଲାୟନ୍ସ କ୍ଲବ ସଭାପତି ସୁନିଲ କୁମାର ଅଗ୍ରୱାଲ, ସମ୍ପାଦକ ରଶ୍ମି ରଞ୍ଜନ ପାଢ଼ୀ, ରାଜନୀ କାନ୍ତ ପାଣିଗ୍ରାହୀ, ଉଦୟ ପୁରୋହିତ, ଶାନ୍ତି ନର୍ସିଂ ହୋମର ଡା. ଅରୁଣ ଶର୍ମା, ଉମା ଶଙ୍କର ଗୌଡ଼, ଚରନଜୀତ କୌର ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା ଖୁଣ୍ଟଲିପାଲି ଛକକୁ ଆସୁଥିବା ଲୋକେ ପାନୀୟଜଳ ସମସ୍ୟା ନେଇ ଅସୁବିଧାର ସମ୍ମୁଖୀନ ହେବେ ନାହିଁ ବୋଲି ଅତିଥିମାନେ କହିଥିଲେ।



ଥଣ୍ଡାପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନୀ ସମାରୋହରେ ଅତିଥିମାନେ।

## ହତ୍ୟା ଅଭିଯୋଗ, ଗାଁ ସାଥୀଙ୍କ ସମେତ ୫ ଗିରଫ

ଗାଇସିଲେଟ୍,୨୪।୫(ଦୁର୍ଗାପ୍ରସାଦ ତ୍ରିବେଦୀ)

ଗାଇସିଲେଟ୍ ଥାନା ଅନ୍ତର୍ଗତ ସେମେଲଗୁଡ଼ିଆ ଗ୍ରାମରେ ଏକ ଉନ୍ନୟନ କାର୍ଯ୍ୟରେ ହୋଇଥିବା ଦୁର୍ନୀତିରୁ ହତ୍ୟାକାଣ୍ଡ ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ହତ୍ୟାକାଣ୍ଡରେ ଉକ୍ତ ଗ୍ରାମର କଳାକୁମର ମହାନନ୍ଦ(୫୫)ଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାରେ ପୋଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଶନିବାର ସେମାନଙ୍କୁ ପଦ୍ମପୁର କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ପଦ୍ମପୁର ଉପକାରାଗାର ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନଙ୍କ ମଧ୍ୟରେ ଗାଁ ସାଥୀ ବିପିନ ମହାନନ୍ଦ(୪୨)ଙ୍କ ସମେତ ଉପେନ୍ଦ୍ର ମହାନନ୍ଦ(୩୮), ସହଦେବ ମହାନନ୍ଦ(୬୫), ମହେଶ ପ୍ରସାଦ ମହାନନ୍ଦ(୩୮) ଓ ପ୍ରସନ୍ନ ମହାନନ୍ଦ(୩୩) ରହିଛନ୍ତି। ମୃତକଙ୍କ ପୁଅ ପୀତାମ୍ବରଙ୍କ ଏତଲାକ୍ରମେ ପୋଲିସ ଏ ନେଇ ଏକ ମାମଲା(୮୭/୨୫) ରୁଜୁ କରିଛି।

ସୂଚନା ଅନୁଯାୟୀ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ବିପିନ ଅନିୟମିତତା କରିଥିବା ନେଇ ଅଭିଯୋଗ ହୋଇଥିଲା। ଗତ ମାର୍ଚ୍ଚ ମାସ ୧୮ତାରିଖ ଗ୍ରାମବାସୀ ଏଭଳି ଅଭିଯୋଗ ନେଇ ଜିଲାପାଳ ଏବଂ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କୁ ଫେରାଦ ହୋଇଥିଲେ। ଅଭିଯୋଗ ପାଇବା ପରେ ଗତ ୨୦ତାରିଖ ଏକ ୪ଜଣିଆ ଟିମ୍ ଏହାର ତଦନ୍ତ ପାଇଁ ଗ୍ରାମକୁ ଯାଇଥିଲେ। ତଦନ୍ତ ସମୟରେ ଗ୍ରାମବାସୀ ବିପିନଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏହାପରେ ବିପିନ ମୃତକଙ୍କ ପରିବାରକୁ ହତ୍ୟା ଧମକ ଦେଇଥିଲେ। ଗତ ୨୧ତାରିଖରେ ଗିରଫ ଅଭିଯୁକ୍ତମାନେ ମୃତକଙ୍କ ଘରକୁ ଆସି ପଥରମାଡ଼ କରିବା ସହିତ ଲୁହାରଡ଼ରେ ମୃତକଙ୍କ ପରିବାର ଲୋକଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ଗୁରୁତର ଆହତ ହେବା ପରେ ମୃତକଙ୍କୁ ବଲାଙ୍ଗୀର ଡାକ୍ତରଖାନା ନିଆଯାଇଥିଲା। ସେଠାରୁ ଭୀମସାର୍, ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଗତ ୨୨ତାରିଖ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଶୁକ୍ରବାର ବ୍ୟବଚ୍ଛେଦ ପରେ ଗ୍ରାମକୁ ମୃତଦେହ ପହଞ୍ଚିଥିଲା। ବିଳମ୍ବିତ ରାତିରେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

## ପୋଲିସ ଅଧିକାରୀଙ୍କ ଘରୁ ସୁନାଗହଣା ଚୋରି

ରାଉଲକେଲା,୨୪।୫(ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲାର ପ୍ଲାଣ୍ଟ ସାଇଟ୍ ଥାନା ଅନ୍ତର୍ଗତ ପୋଲିସ କଲୋନିରେ ରହୁଥିବା ଜଣେ ପୋଲିସ ଅଧିକାରୀଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଶୁକ୍ରବାର ଚୋରି ହୋଇଛି। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ କରୁଛି। ସୂଚନା ଅନୁସାରେ, ପୋଲିସ କଲୋନିରେ ରହୁଥିବା ପୋଲିସ ଅଧିକାରୀ ସୁବ୍ରତ ହୋତା ଓ ତାଙ୍କ ସ୍ତ୍ରୀ ଲାଠିକଟାସ୍ଥିତ ଶ୍ୱଶୁର ଘରକୁ ଯାଇଥିଲେ। ଘରେ କେହି ନ ଥିବା ସୁଯୋଗ ନେଇ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ କେହି ଦୁର୍ବୃତ୍ତ ପଶି ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି କରି ନେଇଥିଲେ। ସନ୍ଧ୍ୟା ୬ଟାରେ ହୋତା ଦମ୍ପତି ଫେରି ଆସିବା ପରେ ତାଙ୍କ ଘରର ମୁଖ୍ୟ ଦ୍ୱାର ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ପରେ ଆଲମାରିରୁ ବହୁ ସୁନାଗହଣା ଚୋରି ହୋଇଥିବା ଜଣାପଡିଥିଲା।

## ବୀର ଯବାନଙ୍କୁ ସମ୍ମାନ ନେଇ ତ୍ରିରଙ୍ଗା ଶୋଭାଯାତ୍ରା



ତ୍ରିରଙ୍ଗା ଶୋଭାଯାତ୍ରାରେ ଭାଜପା କର୍ମକର୍ତ୍ତା।

ପଦ୍ମପୁର,୨୪।୫ (ପ୍ରଦୀପ୍ତ ଦାଶ)

ବିଜେପି ପଦମପୁର ନିର୍ବାଚନମଣ୍ଡଳୀ ବରିକେଲ ମଣ୍ଡଳ ଦ୍ୱାରା ବରିକେଲ ଗ୍ରାମଠାରେ ଶନିବାର ବୀର ଯବାନମାନଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ତ୍ରିରଙ୍ଗା ଶୋଭାଯାତ୍ରା ହୋଇଛି। ଜିଲାପରିଷଦ ସଭ୍ୟା ସରସ୍ୱତୀ ସାହୁ, ସରପଞ୍ଚ ଦିନେଶ ସେଠ, ସମିତି ସଦସ୍ୟ ମନ୍ତ୍ର ସେଠ, କାଉନସିଲର ଚିନ୍ମୟ ପଣ୍ଡା, ମଣ୍ଡଳ ସଭାପତି ଦିବ୍ୟ ପଧାନ, ସୁନୀଲ ଅଗ୍ରୱାଲ, ଟୁନା ଡନସନା, ଅକ୍ଷୟ ସାହୁ, ଜନକ ସାହୁ ଶୋଭାଯାତ୍ରାରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବରିକେଲ ପଞ୍ଚାୟତର ଟୁକୁ ପାତ୍ର, ଗୋଲକ ମେହେର, ରାଜେଶ ସାହୁ, ଅନନ୍ତ ସାହୁ, କ୍ଷେତ୍ରପାଲ ସାହୁ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭାଜପା ପଦମପୁର ନେତା ଗୋବର୍ଦ୍ଧନ ଭୁଏ ଧନ୍ୟବାଦ ଜଣାଇଲେ।

## ରାଜ୍ୟସ୍ତରୀୟ ଭଲିବଲ ଚୟନ ଶିବିର ଉଦ୍‌ଯାପିତ

ବରପାଲି,୨୪।୫ (ଚିତ୍ତରଞ୍ଜନ ସାହୁ)



ଅତିଥିଙ୍କ ଗହଣରେ ଚୟନ ହୋଇଥିବା ଖେଳାଳୀମାନେ।

ବରପାଲି ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲ ପରିସରରେ ସ୍ପେଶିଆଲ ଅଲିମ୍ପିକ ଭାରତ ଓଡ଼ିଶା ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଭଲିବଲ ଚୟନ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ୨୪ ତାରିଖରେ ରାଜ୍ୟର ବିଭିନ୍ନ ଜିଲାରୁ ୩୪ କ୍ରୀଡ଼ାବିତ୍‌ଙ୍କୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ପେଶିଆଲ ଅଲିମ୍ପିକ୍ସ ଭାରତ ଓଡ଼ିଶାର ରାଜ୍ୟ ସଭାପତି ସୁନିତା ମୁଣ୍ଡଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଭିନ୍ନକ୍ଷମ ପ୍ରତିଯୋଗୀ ଓ ପ୍ରତିଯୋଗିନୀମାନଙ୍କୁ ଚୟନ କରାଯାଇଥିଲା। ମୁଖ୍ୟଅତିଥି ରୂପେ ବରପାଲି ବ୍ଲକ ରିସୋର୍ସ ଶିକ୍ଷକ ମୁକୁନ୍ଦ ମେହେର ଓ ସମ୍ମାନିତ ଅତିଥି ଭାବେ ସରସ୍ୱତୀ ମହିଳା ସଂଘର ସକ୍ରିୟ ସଭ୍ୟା ପ୍ରତିଭା ବାରିକ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଅଧକ୍ଷା ମଧୁସ୍ମିତା ମୁଣ୍ଡ, ଉପାଧ୍ୟକ୍ଷ ସୁଶୀଳ କୁମାର ରଥ, ପ୍ରଶାସନିକ ଅଧିକାରୀ ମିନତି ପ୍ରଧାନ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ସଭାକାର୍ଯ୍ୟକୁ ଅନୁପମ ଗଡ଼ତିଆ ପରିଚାଳନା କରିଥିବା ବେଳେ ସରସ୍ୱତୀ ସଂଘର ସଭ୍ୟା ସୁମନା ପାଣିଗ୍ରାହୀ ସ୍ୱାଗତ ସମ୍ଭାଷଣ ଓ ବେଦମତୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଖେଳ କୋଚ୍ ଭାବରେ ପୁରନ୍ଦର ସିଂହ, ସରୋଜ ପ୍ରଧାନ, ବିଶ୍ୱରଞ୍ଜନ ଥଇତ୍, ପ୍ରଶାନ୍ତ ସାମଲ ଦାୟିତ୍ୱ ବହନ କରି ଭଲିବଲ ଖେଳାଳିମାନଙ୍କୁ ଚୟନ କରିଥିଲେ। କୃତିତ୍ୱ ଅର୍ଜନ କରିଥିବା ଏହି କ୍ରୀଡ଼ାବିତ୍‌ଗଣ ଆଗାମୀ ସମୟରେ ଜାତୀୟ ସ୍ତରରେ ହେବାକୁ ଥିବା ଭଲିବଲ ପ୍ରତିଯୋଗିତାରେ ଭାଗନେବେ। କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାରୁ ଆସିଥିବା ପ୍ରତିଯୋଗୀଙ୍କ ଅଭିଭାବକ, ସରସ୍ୱତୀ ମହିଳା ସଂଘର ଅନ୍ୟାନ୍ୟ ସଭ୍ୟା ଓ କର୍ମକର୍ତ୍ତାଗଣ, ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲର କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

# ପୋଲିସ ଅଧିକାରୀଙ୍କ ଘରୁ ସୁନାଗହଣା ଚୋରି

ରାଉଲକେଲା,୨୪।୫(ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲାର ପ୍ଲାଣ୍ଟ ସାଇଟ୍ ଥାନା ଅନ୍ତର୍ଗତ ପୋଲିସ କଲୋନିରେ ରହୁଥିବା ଜଣେ ପୋଲିସ ଅଧିକାରୀଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଶୁକ୍ରବାର ଚୋରି ହୋଇଛି। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ କରୁଛି। ସୂଚନା ଅନୁସାରେ, ପୋଲିସ କଲୋନିରେ ରହୁଥିବା ପୋଲିସ ଅଧିକାରୀ ସୁବ୍ରତ ହୋତା ଓ ତାଙ୍କ ସ୍ତ୍ରୀ ଲାଠିକଟାସ୍ଥିତ ଶ୍ୱଶୁର ଘରକୁ ଯାଇଥିଲେ। ଘରେ କେହି ନ ଥିବା ସୁଯୋଗ ନେଇ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ କେହି ଦୁର୍ବୃତ୍ତ ପଶି ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି କରି ନେଇଥିଲେ। ସନ୍ଧ୍ୟା ୬ଟାରେ ହୋତା ଦମ୍ପତି ଫେରି ଆସିବା ପରେ ତାଙ୍କ ଘରର ମୁଖ୍ୟ ଦ୍ୱାର ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ପରେ ଆଲମାରିରୁ ବହୁ ସୁନାଗହଣା ଚୋରି ହୋଇଥିବା ଜଣାପଡିଥିଲା।

# ରହଣିସ୍ଥଳ ଦେୟ ବୃଦ୍ଧି ଯୋଗୁ ଅସନ୍ତୋଷ

ରାଉରକେଲା,୨୪।୫(ବିପ୍ଳବ ରଞ୍ଜନ ଦାଶ)

**ପ୍ଲାଣ୍ଟସାଇଟ୍ ଆଶ୍ରୟ କେନ୍ଦ୍ର**




ରାଉରକେଲା ମହାନଗର ନିଗମ ପକ୍ଷରୁ ସହରରେ ମୋଟ ୫ ଆଶ୍ରୟ କେନ୍ଦ୍ର ପରିଚାଳିତ ହେଉଛି। ସେଥିମଧ୍ୟରୁ ରାଉରକେଲା ପ୍ଲାଣ୍ଟସାଇଟ୍ଠାରେ ରହିଛି ଓଡ଼ିଶା ନିର୍ମାଣ ଶ୍ରମିକ ସାମୟିକ ରହଣୀସ୍ଥଳ(ଆଶ୍ରୟ କେନ୍ଦ୍ର)। ଏକଦା ନିର୍ମାଣ ଶ୍ରମିକମାନଙ୍କ ପାଇଁ ଏହି କେନ୍ଦ୍ର ସ୍ଥାପନ ହୋଇଥିଲା। ମାତ୍ର ପରିତାପର ବିଷୟ ଏହି କେନ୍ଦ୍ରରେ ରହିବା ପାଇଁ ଦୈନିକ ସେବା ଦେୟକୁ ୧୦ରୁ ୫୦ଟଙ୍କା ବୃଦ୍ଧି କରାଯାଇଛି। ଫଳରେ ରାଉରକେଲା ସହରକୁ କାମ ଅନ୍ୱେଷଣରେ ଆସି ନିର୍ମାଣ କାମରେ ନିୟୋଜିତ ଥିବା ପଡୋଶୀ ରାଜ୍ୟ ଝାଡ଼ଖଣ୍ଡ, ଛତିଶଗଡ, ବିହାର ସମେତ ସୁନ୍ଦରଗଡ ଜିଲାର ନିର୍ମାଣ ଶ୍ରମିକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବର୍ଦ୍ଧିତ ଦେୟମୂଲ୍ୟ ଦେଇ ଆଶ୍ରୟ ସ୍ଥଳରେ ରହିବାରେ ଅସମର୍ଥ ମନେ କରି ବହୁ ନିର୍ମାଣ ଶ୍ରମିକ ରେଳ ଷ୍ଟେଶନ, ଫୁଟ୍ପାଥ୍କୁ ଆଶ୍ରୟସ୍ଥଳ ଭାବେ ବାଛି ନେଇଛନ୍ତି।

ପ୍ରକାଶ ଥାଉକି, ୨୦୨୩-୨୦୨୪ରେ ପ୍ଲାଣ୍ଟସାଇଟ୍ ଆଶ୍ରୟସ୍ଥଳରେ ରହିବା ପାଇଁ ନିର୍ମାଣ ଶ୍ରମିକମାନଙ୍କୁ ଦୈନିକ ମାତ୍ର ୧୦ଟଙ୍କା ଦେୟ ଦେବାକୁ ପଡୁଥିଲା। ଫଳରେ ଶହେ ଶଯ୍ୟା ବିଶିଷ୍ଟ ଏହି ଆଶ୍ରୟ କେନ୍ଦ୍ରରେ ନିର୍ମାଣ ଶ୍ରମିକ ପରିବର୍ତ୍ତେ ଅନ୍ୟାନ୍ୟ ଶ୍ରମିକ ବର୍ଗର ମହିଳା ପୁରୁଷ ରହୁଛନ୍ତି। ଯେଉଁମାନେ କି ସହରର ବିଭିନ୍ନ ଦୋକାନ ବଜାର, ହଷ୍ଟେଲ ରେଷ୍ଟୁରାଣ୍ଟରେ କାମ କରୁଛନ୍ତି। ମାତ୍ର ୨୦୨୫ ଜାନୁଆରୀ ପରେ ହଠାତ ଦେୟ ରାଶି ୫୦ ଟଙ୍କାକୁ ବୃଦ୍ଧି କରି ଦିଆଗଲା। ଆଶ୍ରୟ କେନ୍ଦ୍ର ରହଣୀ ଦେୟ ବୃଦ୍ଧି ହୋଇଥିବାବେଳେ ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଶ୍ରମିକ ରହୁଥିବା ଉପର ମହଲାରେ କୁଲର ବ୍ୟବସ୍ଥା ହେଲାନାହିଁ। ଫଳରେ ଶ୍ରମିକମାନେ ବର୍ଦ୍ଧିତ ଦେୟ ପ୍ରଦାନ କରି ଗରମରେ କଲବଲ ହେବା ଅପେକ୍ଷା ଫୁଟ୍ପାଥ୍ରେ ରାତ୍ରିଯାପନ କରୁବାକୁ ବିଶେଷ ଆଗ୍ରହ ପ୍ରକାଶ କରିଛନ୍ତି। ଏଣୁ ତୁରନ୍ତ ପ୍ଲାଣ୍ଟସାଇଟ୍ ଆଶ୍ରୟସ୍ଥଳରେ ରହଣି ଜନିତ ସେବା ଦେୟ ଉପରେ ଅଙ୍କୁଶ ଲଗାଇବା ସହ କୁଲର ବ୍ୟବସ୍ଥା କରିବାକୁ ଆଶ୍ରୟସ୍ଥଳରେ ରହୁଥିବା ନିର୍ମାଣ ଶ୍ରମିକ ମୁନୁ ଦାସ, ରକ୍ମଣୀ ତିର୍କୀ, ଟିଟୁ ଲେଥା, ପଞ୍ଚୁ କୁମ୍ଭାର ପ୍ରମୁଖ ଦାବି କରିଛନ୍ତି। ଏ ନେଇ ରାଉରକେଲା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଲେ, ରାଉରକେଲାରେ ସମୁଦାୟ ୫ଟି ଆଶ୍ରୟ କେନ୍ଦ୍ର ରହିଛି। ୪ଟି ଦେୟମୁକ୍ତ ଥିବାବେଳେ ପ୍ଲାଣ୍ଟସାଇଟ୍ ଆଶ୍ରୟ କେନ୍ଦ୍ରରେ ସେବା ଟିକସ ନିଆଯାଉଛି। ତେବେ ଟିକସ ଦେୟ ଯେଭଳି ସୁଲଭ ହେବ ସେଥିପ୍ରତି ବିହିତ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

# ଆର୍ଏସ୍ପି କର୍ମଚାରୀଙ୍କ ପାଇଁ ସଜାଗ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଅଧିକାରୀମାନେ ଶପଥ ଗ୍ରହଣ କରୁଛନ୍ତି।

ରାଉରକେଲା,୨୪।୫(ବିପ୍ଳବ ରଞ୍ଜନ ଦାଶ)

ଆର୍ଏସ୍ପିର ସତର୍କତା ବିଭାଗ ପକ୍ଷରୁ କାରଖାନା କର୍ମଚାରୀମାନଙ୍କ ପାଇଁ ଏକ ନୂତନ ପ୍ରତିଷେଧମୂଳକ ସତର୍କତା କାର୍ଯ୍ୟକ୍ରମ ସଜାଗ ଆରମ୍ଭ ହୋଇଛି। ଏହି ପଦକ୍ଷେପର ପ୍ରଥମ ଅଧିବେଶନ ଶନିବାର ଆର୍ଏସ୍ପି ଜ୍ଞାନାର୍ଜନ ଓ ବିକାଶ ବିଭାଗରେ ଅନୁଷ୍ଠିତ ହୋଇଥିଲା। ଉଦ୍ଘାଟନୀ ଅଧିବେଶନରେ ଆର୍ଏସ୍ପି ଭିଜିଲାନ୍ସ ବିଭାଗ ସିଜିଏମ୍ ତଥା ଏସିଭିଓ ସୁବ୍ରତ ପ୍ରହରାଜ ଏବଂ ଏଚ୍ଆର ଏଲ୍ଏଣ୍ଡଡି ବିଭାଗ ସିଜିଏମ୍ ପି. କେ. ସାହୁ ଉପସ୍ଥିତ ଥିଲେ। ଏଥିସହ କାରଖାନାର ବିଭିନ୍ନ ବିଭାଗର ୭୦ରୁ ଊର୍ଦ୍ଧ୍ୱ କର୍ମଚାରୀ ମଧ୍ୟ ସାମିଲ ହୋଇଥିଲେ। ସୁବ୍ରତ ପ୍ରହରାଜ ଅଂଶଗ୍ରହଣକାରୀମାନଙ୍କୁ ନିଜ ନିଜ ଦୈନନ୍ଦିନ କାର୍ଯ୍ୟରେ ସଚ୍ଚୋଟତା ଓ ସତର୍କତାର ସହ ଦାୟିତ୍ୱକୁ ତୁଲାଇବା ନେଇ ଦିଗ୍ଦର୍ଶନ ଦେଇଥିଲେ। ପ୍ରତିଷେଧମୂଳକ ସତର୍କତା କେବଳ କିଛି ଲୋକଙ୍କ ଦାୟିତ୍ୱ ନୁହେଁ ବରଂ ଏହା ଏକ ସାମୂହିକ ପ୍ରୟାସ। ଏହାଦ୍ୱାରା ପ୍ରତ୍ୟେକ ବ୍ୟକ୍ତିବିଶେଷ ସଚେତନ, ସତର୍କ ଏବଂ ନୈତିକ ଅଭ୍ୟାସ ପ୍ରତି ପ୍ରତିବଦ୍ଧ କରିବାର ମୂଳଦୁଆ ବୋଲି ପ୍ରହରାଜ କହିଥିଲେ। ପି. କେ. ସାହୁ ନିଜ ଅଭିଭାଷଣରେ ଏଭଳି ପଦକ୍ଷେପକୁ ପ୍ରଶଂସା କରିବା ସହ ଏକ ସ୍ୱଚ୍ଛ ଓ ଦାୟିତ୍ୱବାନ ସହକାରେ କର୍ମକ୍ଷେତ୍ରରେ କାର୍ଯ୍ୟ ସଂସ୍କୃତିକୁ ପ୍ରୋତ୍ସାହିତ କରିବାରେ ତାଲିମ ଏବଂ ସଚେତନତାର ଭୂମିକାକୁ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ କର୍ମଚାରୀମାନଙ୍କ ପାଇଁ ପ୍ରାସଙ୍ଗିକ ସତର୍କତା-ସମ୍ବନ୍ଧୀୟ ବିଭିନ୍ନ ବିଷୟ ଆଧାରିତ ଥିବା ଅଧିବେଶନ ଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିଲା। ଆଲୋଚନାରେ ସତର୍କତା ଏବଂ ଉତ୍କୋଚ ବିରୋଧୀ ପରିଚାଳନା, କର୍ମକ୍ଷେତ୍ରରେ ନୈତିକ ମୂଲ୍ୟବୋଧ ଏବଂ ସଚ୍ଚୋଟତା, ପ୍ରାସଙ୍ଗିକ ସ୍ଥାୟୀ ନିର୍ଦ୍ଦେଶ ଏବଂ ଆରଡିଏ କାର୍ଯ୍ୟପନ୍ଥା, କେସ୍ ଷ୍ଟଡି ଉପସ୍ଥାପନା ଏବଂ କର୍ମଚାରୀଙ୍କ ସହ ଜଡିତ ସତର୍କତା ତଦନ୍ତ ବିଷୟ ରହିଥିଲା। ଉତ୍ପାଦନ ଏବଂ ପରିଚାଳନା, ନମୂନା, ପରୀକ୍ଷଣ ଓ ଯାଞ୍ଚ, ଷ୍ଟୋର ଓ ଗୋଦାମ, ଓଜନ ଓ ପ୍ରେରଣ, ବିକ୍ରେତା ବିଲ୍ ପରିଚାଳନା ଓ କର୍ମଚାରୀ ବିଷୟ ସହ ଚୁକ୍ତିନାମା କାର୍ଯ୍ୟକାରୀରେ ଉଚିତ ଅନୁଚିତ ପ୍ରକ୍ରିୟା ଓ ପ୍ରମୁଖ କାର୍ଯ୍ୟକ୍ଷେତ୍ରରେ ସତର୍କତା ସମସ୍ୟା ଆଦି ମଧ୍ୟ ଅନ୍ତର୍ଭୁକ୍ତ ରହିଥିଲା। ମତବିନିମୟ ଅଧିବେଶନରେ ପ୍ରତ୍ୟେକ ବିଷୟରେ ଆଲୋଚନା ଏବଂ ବାସ୍ତବ ଜୀବନର କେସ ଷ୍ଟଡି ମାଧ୍ୟମରେ ଆଲୋଚନା ହୋଇଥିଲା। ଏହି ଅବସରରେ ଅଂଶଗ୍ରହଣକାରୀମାନେ ସତର୍କତା ଶପଥ ଗ୍ରହଣ କରିଥିଲେ। ଭିଜିଲାନ୍ସ ବିଭାଗର ଜିଏମ ଏମ୍. କେ. ଅଗ୍ରୱାଲ ଏବଂ ଏଚ୍ଆର୍ ଏଲ୍ଏଣ୍ଡଡି ବିଭାଗ ଜିଏମ୍ ଏଚ୍. ପତି କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟ ଅଧିବେଶନରେ ଅଧକ୍ଷତା କରି ଅଂଶଗ୍ରହଣକାରୀଙ୍କ ସହ ମତବିନିମୟ କରିଥିଲେ। କାର୍ଯ୍ୟକ୍ରମର ବିଭିନ୍ନ ଅଧିବେଶନ ଭିଜିଲାନ୍ସ ବିଭାଗ ଏଜିଏମ୍ ଏ. କେ. ବିଶ୍ୱାଳ, ମ୍ୟାନେଜର ଏମ୍. କେ. ସିଂହ ଏବଂ ଡେପୁଟି ମ୍ୟାନେଜର ପି. କେ. ସରକାରଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

# ରାଧାକୃଷ୍ଣ ମନ୍ଦିରରେ ଭାଗବତ ପାରାୟଣ

ରାଉରକେଲା,୨୪।୫(ଦିନେଶ ମିଶ୍ର)

ବାସନ୍ତୀ କଲୋନିସ୍ଥିତ ଶ୍ରୀରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ସାମୂହିକ ଭାଗବତ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ମୁଖ୍ୟ ପୂଜକ ନୃସିଂହ ଚରଣ ମିଶ୍ର ଯୋଗଦେଇ ପ୍ରାତଃ ସମୟରେ ସୂର୍ଯ୍ୟପୂଜା, ଗୋପୂଜା, ମଣ୍ଡଳାଧିପୂଜା ସାଙ୍ଗକୁ ପାର୍ଶ୍ୱ ଦେବାଦେବୀ ପୂଜା କରିଥିଲେ। ରାଧାକୃଷ୍ଣଙ୍କୁ ପୁଷ୍ପମାଲ୍ୟ ଓ ଚନ୍ଦନ ଅର୍ପଣ କରିବା ପରେ ଭାଗବତ ପଠନ କରାଯାଇଥିଲଶ। ପାରାୟଣରେ ସ୍ଥାନୀୟ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ଭାଗବତ ଶ୍ରବଣ କରିଥିଲେ। ସନ୍ଧ୍ୟା ସମୟରେ ମନ୍ଦିର ପରିସରରେ ଏକ ବିଶ୍ୱଶାନ୍ତିଯଜ୍ଞ ଆୟୋଜନ କରାଯାଇଥିଲା। ଏହି ଯଜ୍ଞରେ ଶ୍ରଦ୍ଧାଳୁମାନେ ଗାୟତ୍ରୀ ମନ୍ତ୍ର ଓ ଭାଗବତର ଜନ୍ମକଥା ଶ୍ରବଣ କରିଥିଲେ। ସରୋଜ ରଥ, ଗଗନ ନାୟକ, ଅଶୋକ ଦାସ, ଗୟାଧର ତ୍ରିପାଠୀ, ସୁରେଶ ରାଉତ, ତୋଫାନ ମହାପାତ୍ର, ଦିପୁ ପଣ୍ଡା, ରୀନାରାଣୀ ମିଶ୍ର, ସୁଜାତା ପାତ୍ର, ମିନତୀ ସାହୁ, ହରିହର ବଡାଇକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏନ୍ଆଇଟି ଭୂତଳ ଖଣି ବାୟୁଚଳନ ପାଠ୍ୟକ୍ରମ ସମ୍ପନ୍ନ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ରାଉରକେଲା,୨୪।୫(ସଙ୍ଗୀତା ଜେନା)

ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍ଆଇଟି)ର ମାଇନିଂ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ୫ଦିବସୀୟ ଭୂତଳ ଖଣି ପାଇଁ ବାୟୁଚଳନ ଯୋଜନା ଓ ଡିଜାଇନ୍ ସମ୍ପର୍କିତ ସ୍ୱଳ୍ପକାଳୀନ ପାଠ୍ୟକ୍ରମ ଶୁକ୍ରବାର ସନ୍ଧ୍ୟା ୭ଟାରେ ଉଦ୍ଯାପିତ ହୋଇଯାଇଛି। ସାଉଥ୍ ଇଷ୍ଟର୍ଣ୍ଣ କୋଲଫିଲ୍ଡ ଲିମିଟେଡ୍ (ଏସ୍ଇସିଏଲ୍)ର ପୂର୍ବତନ ସିଏମ୍ଡି ଡ. ପ୍ରେମସାଗର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ଏନ୍ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ମିଶ୍ର ଗଭୀର ଏବଂ ଯାନ୍ତ୍ରିକ ଖଣି କାର୍ଯ୍ୟରେ ସ୍ୱାସ୍ଥ୍ୟ ଓ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବୈଜ୍ଞାନିକ ବାୟୁଚଳନ ରଣନୀତିର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବିଭାଗର ମୁଖ୍ୟ ପ୍ରଫେସର ଏ. କେ. ଗୋରାଇ ମଞ୍ଚାସୀନ ଥିଲେ। ଡ. ମହେଶ ଶ୍ରୀବାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡ. ଦେବୀଦାସ ଏସ୍. ନିମାଜେ ଏବଂ ଡ. ବୁକେ କିରଣ ନାଏକ ସହ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଆଧୁନିକ ଖଣି ବାୟୁଚଳନ ଆଧାରିତ ମଡେଲିଂ, ସ୍ମାର୍ଟ ମନିଟରିଂ ସିଷ୍ଟମ, ନିୟମାଙ୍କ ଅନୁପାଳନରେ ବୈଷୟିକ କ୍ଷମତା ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ଏସ୍ଇସିଏଲ୍, ଇସିଏଲ୍, ଏଚ୍ସିଏଲ୍, ୱ୍ଲୁସିଏଲ୍, ଏମ୍ସିଏଲ୍, ସିସିଏଲ୍, ଏସ୍ସିସିଏଲ୍, ଏମ୍ଓଆଇଏଲ୍, ୟୁସିଆଇଏଲ୍, ଏଚ୍ଜିଏମ୍ଏଲ୍, ଆଇଏମ୍ଏଫ୍ଏ ଏବଂ ଆଦାନୀ ମାଇନିଂ ସମେତ ୪୦ରୁ ଊର୍ଦ୍ଧ୍ୱ ସଙ୍ଗଠନ ଏଥିରେ ଅଂଶଗ୍ରହଣ କରିଥିଲେ। ଆଇଆଇଟି ଖଡ଼ଗପୁର, ଆଇଆଇଟି ଧାନବାଦ୍, ସିଏମ୍ପିଡ଼ିଆଇ, ଏସ୍ସିସିଏଲ୍ ଏବଂ ଏନ୍ଆଇଟି ରାଉରକେଲାର ବିଶେଷଜ୍ଞ ଅଧ୍ୟାପକମାନେ ଉପସ୍ଥାପନା କରିଥିଲେ। ଭାରତୀୟ ଖଣିମାନଙ୍କରେ ବାୟୁଚଳନ ପ୍ରକ୍ରିୟା ପ୍ରତିବନ୍ଧକ ଉପରେ ବ୍ରେନଷ୍ଟର୍ମିଂ କର୍ମଶାଳା ମଧ୍ୟ ଆୟୋଜିତ ହୋଇଥିଲା। ଭେଣ୍ଟିଲେଶନ ସର୍ଭେ ଓ ନେଟୱର୍କ ବିଶ୍ଳେଷଣ, ଭେଣ୍ଟସିମ୍ ସଫ୍ଟୱେର ତାଲିମ, ସିମୁଲେଶନ, ଖଣି ସାଇକ୍ରୋମେଟ୍ରି, ଫ୍ୟାନ୍ କାର୍ଯ୍ୟଦକ୍ଷତା ଓ ରେଫ୍ରିଜରେଶନ, ଭୂତଳ ଖଣିରେ ତାପ ଓ ଆର୍ଦ୍ରତା ନିୟନ୍ତ୍ରଣ, ତାପଜ ଚାପ ବିଶ୍ଳେଷଣ ପାଇଁ ମେଶିନ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା।

# ଭାରତୀୟ ସେନା ସମ୍ମାନରେ ତ୍ରିରଙ୍ଗା ଶୋଭାଯାତ୍ରା

ରାଉରକେଲା,୨୪।୫(ଦିନେଶ ମିଶ୍ର)

ପହଲଗାମ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଅପରେଶନ ସିନ୍ଦୂର ମାଧ୍ୟମରେ ପାକିସ୍ତାନକୁ କଡା ଯବାବ ଦେଇଛି ଭାରତୀୟ ସେନା। ଭାରତୀୟ ସେନାର ବୀରତ୍ୱ ଓ ଗୌରବମୟ କାର୍ଯ୍ୟ ପାଇଁ ଯବାନମାନଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ରାଉରକେଲା ଓଡିଶା ଯୁବ ଶକ୍ତି ସଙ୍ଗଠନ ପକ୍ଷରୁ ଶୁକ୍ରବାର ଏକ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି ସୂର୍ଯ୍ୟ ମହାନ୍ତିଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ରାଉରକେଲା ବିଶ୍ରା ଛକରୁ ବାହାରି ପାନପୋଷ ଛକରେ ଶେଷ ହୋଇଥିଲା। ଶୋଭାଯାତ୍ରାରେ ପୂର୍ବତନ ବିଧାୟକ ଶଙ୍କର ଓରାମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା ସାମିଲ କରିଥିଲେ। ଏହି ଅବସରରେ ୪୫ ଜଣ ଅବସରପ୍ରାପ୍ତ ସେନାନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜେଷ୍ଟଲ ପରିଡା, ସ୍ୱାଧୀନ ମହାନ୍ତି, ରାଧେ ନାଥ, କମଲେଶ ସାହା, ଶ୍ରୀକାନ୍ତ ରାୟ, ଶ୍ରୀକାନ୍ତ ପାଢ଼ୀ, କଳ୍ପନା ଲେଙ୍କାଙ୍କ ସମେତ ବହୁ କର୍ମକର୍ତ୍ତା ସହଯୋଗ କରିଥିଲେ।



ବିଶ୍ରା ଛକରେ ତ୍ରିରଙ୍ଗା ଶୋଭାଯାତ୍ରା ।

# ଆର୍ଏସ୍ପିର ଗ୍ରୀଷ୍ମ ଶିବିର: ପ୍ରତିଭା ଦେଖାଉଛନ୍ତି କ୍ରୀଡ଼ାବିତ୍



ଶିବିରରେ ଖେଳାଳିମାନେ କ୍ରୀଡ଼ା ପ୍ରଦର୍ଶନ କରୁଛନ୍ତି।

ରାଉରକେଲା,୨୪।୫(ବିପ୍ଳବ ରଞ୍ଜନ ଦାଶ)

ଆର୍ଏସ୍ପିର ବାର୍ଷିକ ଗ୍ରୀଷ୍ମ ଶିବିର ରାଉରକେଲା ସେକ୍ଟର-୬ ଇସ୍ପାତ ଷ୍ଟାଡିୟମ, ସେକ୍ଟର-୫ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ, ସେକ୍ଟର-୨୦ ଇନ୍ଡୋର ଷ୍ଟାଡିୟମ ସମେତ ଇସ୍ପାତ ସହରର ବିଭିନ୍ନ ଖେଳ ପଡିଆରେ ଚାଲିଛି। ଆର୍ଏସ୍ପି କ୍ରୀଡ଼ା ବିଭାଗ ପକ୍ଷରୁ ଆୟୋଜିତ ଏହି ବାର୍ଷିକ କାର୍ଯ୍ୟକ୍ରମରେ ପିଲାମାନେ ବିଭିନ୍ନ କ୍ରୀଡା ବିଭାଗରେ ସାମିଲ ହୋଇ ନିଜର ଲୁକ୍କାୟିତ କ୍ରୀଡା ପ୍ରତିଭାକୁ ପ୍ରଦର୍ଶନ କରୁଛନ୍ତି। ଚଳିତ ବର୍ଷ ଶିବିରରେ ୩୦ରୁ ୪୦ଜଣ ଆଦିବାସୀ ଝିଅ ଅଂଶଗ୍ରହଣ କରିଛନ୍ତି। ଆର୍ଏସ୍ପି ଉଦ୍ୟାନ କୃଷି ବିଭାଗରେ କାର୍ଯ୍ୟରତ ଫୁଟ୍ବଲ ପ୍ରଶିକ୍ଷକ ପ୍ରଦୀପ୍ତ କୁମାର ଶିବିରର ବିଭିନ୍ନ କ୍ରୀଡା ଅଧିବେଶନରେ କ୍ରୀଡାବିତ୍ମାନଙ୍କ ପ୍ରତିଭାକୁ ଉଜାଗର କରୁଛନ୍ତି। ରାଉରକେଲା ଡିପିଏସ୍ ୬ଷ୍ଠ ଶ୍ରେଣୀ ଛାତ୍ର ସୌରଭ କୁହନ୍ତି, କ୍ରୀଡା ପ୍ରତି ଥିବା ଆଗ୍ରହ ମୋତେ ଶିବିରକୁ ଟାଣି ଆଣିଛି। ଏଣୁ ମୁଁ କ୍ରୀଡା କ୍ଷେତ୍ରରେ ମୋର ସ୍ୱପ୍ନକୁ ସାକାର କରିବାକୁ ଶିବିରରେ କ୍ରୀଡ଼ା ପ୍ରଦର୍ଶନ କରିବା ସୁଯୋଗ ପାଇ ବେଶ୍ ଖୁସି ଅଛି। ଆରତୀ ସୁନ୍ୟାନି କୁହନ୍ତି, ପ୍ରତିବର୍ଷ ଏହି ଶିବିରରେ ସାମିଲ ହୁଏ ଏବଂ କ୍ରୀଡା ପ୍ରଶିକ୍ଷକଙ୍କ ପାଖରୁ ଉତ୍ତମ କ୍ରୀଡା କୌଶଳ ପ୍ରଶିକ୍ଷଣ ପାଇଥାଏ।

# ସାବିତ୍ରୀ ପାଇଁ ବଜାର ଭିଡ଼

ରାଉରକେଲା,୨୪।୫(ବିପ୍ଳବ ରଞ୍ଜନ ଦାଶ)

ଆଉ ଗୋଟିଏ ଦିନ ପରେ ସହରରୁ ପୁରପଲ୍ଲୀ ଯାଏ ସବୁଆଡେ ସାବିତ୍ରୀ ବ୍ରତ ପାଳନ କରାଯିବ। ଏଣୁ ବ୍ରତ ପାଳନ ପାଇଁ ଲୋକେ ଆବଶ୍ୟକ ଫଳମୂଳ ଓ ପୂଜା ସାମଗ୍ରୀ କିଣାକିଣି କରିବାରେ ଲାଗିପଡିଛନ୍ତି। ଏହି କ୍ରମରେ ଶନିବାର ରାଉରକେଲା ବଜାର ଚଳଚଞ୍ଚଳ ରହିଥିଲା। ସାବିତ୍ରୀ ବ୍ରତ ପାଇଁ ବିଭିନ୍ନ ପ୍ରକାର ଫଳମୂଳ ଏବଂ ପୂଜା ସାମଗ୍ରୀର ନିତାନ୍ତ ଆବଶ୍ୟକ ରହିଥାଏ। ଏଣୁ ସହରର ସମସ୍ତ ଫଳ ଓ ପୂଜା ଦୋକାନମାନଙ୍କରେ ମହିଳାମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ବିଶେଷ କରି ଟ୍ରାଫିକ୍ ଗେଟ୍, ପାନପୋଷ, ଛେଣ୍ଡ, ବାସନ୍ତୀ କଲୋନି, ରେଳବାଇ କଲୋନି, ସେକ୍ଟର-୨, ଆମ୍ବାଗାନ ସମେତ ସହରର ସମସ୍ତ ଦୋକାନ ବଜାରରେ ପ୍ରବଳ ଭିଡ ଜମିଥିଲ। ସେହିପରି ସହରର ନବବିବାହିତା ଯୁବତୀମାନେ ପ୍ରଥମ ବର୍ଷ ବ୍ରତ ପାଳନ ପାଇଁ ଶଙ୍ଖା, ସିନ୍ଦୁର, ଦର୍ପଣ, ଅଳତା, ପାନିଆ, ସୁବାଷିତ ଅତର, ନୂତନ ବସ୍ତ୍ର ସହ ଫଳମୂଳ କିଣାକିଣିରେ ବ୍ୟସ୍ତ ଥିଲେ। ତେବେ ସାବିତ୍ରୀ ବ୍ରତ ପାଇଁ ରବିବାର ମଧ୍ୟ ବଜାର ସରଗରମ ରହିବ ବୋଲି ଜଣାପଡିଛି।

# କୃତୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା

ରାଉରକେଲା,୨୪।୫(ବିପ୍ଳବ ରଞ୍ଜନ ଦାଶ)

**ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟ**

ଓଡିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଯୁକ୍ତ ୨ କଳା, ବିଜ୍ଞାନ ଏବଂ ବାଣିଜ୍ୟ ପରୀକ୍ଷାରେ ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟର କୃତୀ ୯ଜଣ ଛାତ୍ରୀଛାତ୍ରଙ୍କୁ ଶନିବାର କଲେଜ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ଡ. ସନାତନ ପ୍ରଧାନ ଅଧକ୍ଷତା କରିଥିଲେ। ୯ଜଣ କୃତୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ କଳାର ବବଲୁ ଗୁପ୍ତା, ଲିପି ପ୍ରଧାନ, ସ୍ନେହା ତନ୍ତୀ, ବିଜ୍ଞାନର ସକିବା ପରବିନ, ବାସୁଦେବ ଗିରି, ବିବେକ ସାହୁ ଏବଂ ବାଣିଜ୍ୟର ପ୍ରିୟଦର୍ଶନୀ ମହାନ୍ତି, ଅଭାଷ ହୋରା ଓ ପ୍ରିୟବ୍ରତ ମାଝୀ ରହିଛନ୍ତି। ଏଥିସହ କଳାରେ ୮୦ପ୍ରତିଶତ ମାର୍କ ରଖିଥିବା ୧୦ଜଣ, ବିଜ୍ଞାନରେ ୮୦ପ୍ରତିଶତ ମାର୍କ ରଖିଥିବା ଜଣେ ଓ ବାଣିଜ୍ୟରେ ୮୦ପ୍ରତିଶତ ମାର୍କ ରଖିଥିବା ୨୩ଜଣ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଦୁର୍ନୀତି ନିବାରଣ ବିଭାଗ ଇନ୍ସପେକ୍ଟର ଉମେଶ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷାକୁ ଦେଶ ସେବାରେ ବିନିଯୋଗ କରିବା ପାଇଁ ଆହ୍ୱାନ ଦେଇଥିଲେ। ଦୀପ୍ତିରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଡ. ଦିବ୍ୟକାନ୍ତି ବିଲୁଙ୍ଗ ଶିକ୍ଷା ପଦ୍ଧତି ସମ୍ବନ୍ଧରେ ଆଲୋଚନା କରିଥିଲେ। ବିଜୟ ପାଢୀ ପରୀକ୍ଷା ଫଳ ସମୀକ୍ଷା ଏବଂ ପ୍ରାଧ୍ୟାପିକା ରୁମା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରଙ୍କ ସହ ଅଧକ୍ଷ ଏବଂ ଅନ୍ୟମାନେ।

# ପୋଲିସ ଏଡ୍ପୋଷ୍ଟରେ ତାଲା, ବଢୁଛି ଆପରାଧିକ କାର୍ଯ୍ୟ

ରାଉରକେଲା,୨୪।୫(ଦିନେଶ ମିଶ୍ର)

ରାଉରକେଲା ସହରରେ ଶାନ୍ତିଶୃଙ୍ଖଳା ରକ୍ଷା ସହ ଆପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ଛକ ସ୍ଥାନରେ ପୋଲିସ ସହାୟତା କେନ୍ଦ୍ର (ଏଡ୍ପୋଷ୍ଟ) ସ୍ଥାପିତ ହୋଇଥିଲା। ପ୍ରତି କେନ୍ଦ୍ରରେ ପୋଲିସ କର୍ମଚାରୀ ମୁତୟନ ହୋଇ ଆପରାଧିକ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖୁଥିଲେ। ମାତ୍ର ଏବେ ଉକ୍ତ ପୋଲିସ ସହାୟତା କେନ୍ଦ୍ରରେ ତାଲା ପଡିଥିବା ଦେଖିବାକୁ ମିଳିଛି। ଫଳରେ ସହରରେ ଆପରାଧିକ କାର୍ଯ୍ୟକଳାପ ବଢିବାରେ ଲାଗିଛି।

ସୂଚନା ଅନୁସାରେ, ୨୦୧୯ରେ ରାଉରକେଲା ସହରର ଗୋପବନ୍ଧୁପାଲି ବିଏସ୍ଏନ୍ଏଲ ଛକ, ବେଦବ୍ୟାସ, ବିଶ୍ରା ଛକ, ବାଲୁଘାଟ, ହନୁମାନ ବାଟିକା ଭଳି ୧୦ରୁ ଊର୍ଦ୍ଧ୍ୱ ସ୍ଥାନରେ ପୋଲିସ ସହାୟତା କେନ୍ଦ୍ର ଖୋଲାଯାଇଥିଲା। ପ୍ରତି କେନ୍ଦ୍ରରେ ୨ଜଣ ପୋଲିସ କର୍ମଚାରୀ ରହୁଥିଲେ। ସହରରେ ହଠାତ କୌଣସି ଅପରାଧମୂଳକ କାର୍ଯ୍ୟ ଘଟିଲେ ଜଣେ ବ୍ୟକ୍ତି ପ୍ରଥମେ ଏହି ପୋଲିସ ସହାୟତା କେନ୍ଦ୍ରକୁ ଯାଇ ସାହାଯ୍ୟ ନେଉଥିଲେ। ମାତ୍ର ପରବର୍ତ୍ତୀ ସମୟରେ ରକ୍ଷଣାବେକ୍ଷଣ ଅଭାବ ଯୋଗୁ ଏହି କେନ୍ଦ୍ର ନଷ୍ଟ ହେବାକୁ ବସିଲା। ସହାୟତା କେନ୍ଦ୍ରରେ ଆନୁସଙ୍ଗିକ ସୁବିଧା ନ ମିଳିବାରୁ ଆଉ ପୋଲିସ ନିୟୋଜିତ ହେଉ ନ ଥିବା ଜଣାପଡିଛି। ଫଳରେ ସ୍ଥାନୀୟ ଲୋକେ ପୋଲିସ ସହାୟତା କେନ୍ଦ୍ରରୁ ପାଉଥିବା ସୁବିଧାରୁ ବଞ୍ଚିତ ହେଉଛନ୍ତି। ବର୍ତ୍ତମାନ ସହରରେ ଏକାଧିକ ପୋଲିସ ସହାୟତା କେନ୍ଦ୍ର ବନ୍ଦ ପଡିଥିବାବେଳେ କିଛି ସ୍ଥାନରେ କାଁ ଭାଁ କାର୍ଯ୍ୟ କରୁଛି। ଅନ୍ୟପକ୍ଷେ ପୋଲିସ ସହାୟତା କେନ୍ଦ୍ର ବନ୍ଦପଡିଥିବା ସୁଯୋଗରେ ବର୍ତ୍ତମାନ ସହରରେ ଛିନ୍ତାଇ, ଚୋରି ଓ ବେପରୱା ଗାଡି ଚାଳନା ବଢିବାରେ ଲାଗିଛି। ତେଣୁ ପୋଲିସ ସହାୟତା କେନ୍ଦ୍ର ପୁନର୍ବାର ଖୋଲିବା ପାଇଁ ଦାବି ହେଉଛି। ଏ ନେଇ ରାଉରକେଲା ଅତିରିକ୍ତ ଏସ୍ପି ରାଜକିଶୋର ମିଶ୍ରଙ୍କୁ ପଚାରିବାରୁ ସେ କହିଥିଲେ, ସହରରେ ଆମ ପୋଲିସ ସହାୟତା କେନ୍ଦ୍ରରେ ତାଲା ପଡି ରହିଥିବା ନେଇ ଆମ ପାଖରେ ଖବର ରହିଛି। ଆସନ୍ତା ୭ ଦିନ ଭିତରେ ଆମେ ଏସ୍ପିଙ୍କ ଦୃଷ୍ଟିକୁ ଆଣି ଉକ୍ତ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିବୁ ବୋଲି ମିଶ୍ର କହିଥିଲେ।




ଗୋପବନ୍ଧୁପାଲିରେ ବନ୍ଦ ପଡିଥିବା ପୋଲିସ ସହାୟତା କେନ୍ଦ୍ର।

# ପରିମଳ ବ୍ୟବସ୍ଥାକୁ ନେଇ ଭାଜପା-ବିଜେଡି ମୁହାଁମୁହିଁ


ଭାଜପା ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସହର ସଭାପତି ବିମଳେନ୍ଦୁ ଭୋଳ ଓ ଅନ୍ୟମାନେ।


ବିଜେଡି ପକ୍ଷରୁ ଅନୁଷ୍ଠିତ ଖବରଦତା ସମ୍ମିଳନୀରେ ପୌରାଧକ୍ଷା ରାନୀ ହାତୀ ଓ ଅନ୍ୟମାନେ।

**ଝାରସୁଗୁଡା,୨୪।୫(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡା ପୌରାଞ୍ଚଳରେ ପରିମଳ ବ୍ୟବସ୍ଥାକୁ ନେଇ ଭାଜପା-ବିଜେଡି ମୁହାଁମୁହିଁ ହୋଇଛନ୍ତି। ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ଶୁକ୍ରବାର ସକାଳ ୭ଟାରେ ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ ଏବଂ ଅଧିକାରୀଙ୍କୁ ନେଇ ବିଭିନ୍ନ ୱାର୍ଡ ବୁଲି ଡ୍ରେନ ସଫେଇ କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ। ଏଥିସହ ବର୍ଷାବେଳେ ଡ୍ରେନ୍‌ଗୁଡିକରେ ପାଣି ଯେପରି ସୁରୁଖୁରୁରେ ଯାଇପାରିବ ତାହାର ତଦାରଖ କରିଥିଲେ। ବିଧାୟକଙ୍କ ଏହି କାର୍ଯ୍ୟକୁ ନେଇ ବିଜେଡି ପକ୍ଷରୁ ଶନିବାର ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ଏକ ହୋଟେଲରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ପୌରାଧକ୍ଷା ରାନୀ ହାତୀ ଏବଂ ୧୬ ନମ୍ବର ୱାର୍ଡର କାଉନସିଲର ନବନୀତ କୌର କହିଛନ୍ତି, ବିଧାୟକ ଟଙ୍କଧର ଜନସାଧାରଣଙ୍କ ପ୍ରଂଶସାର ପାତ୍ର ହେବା ପାଇଁ ଡ୍ରେନ୍ ସଫେଇ କାର୍ଯ୍ୟରେ ସାମିଲ ହେବା ସହ ସରକାରୀ କଳକୁ ବ୍ୟବହାର କରିଛନ୍ତି। କିଛିଦିନ ତଳେ ଅନୁଷ୍ଠିତ ଝାରସୁଗୁଡା ପୌରପରିଷଦର ଏକ ବୈଠକରେ ବିଧାୟକ ଯୋଗଦେଇ ଦଳମତ ନିର୍ବିଶେଷରେ ଏକ ହୋଇ କାମ କରିବା ବୋଲି କହିଥିଲେ। ହେଲେ ଡ୍ରେନ୍ ସଫେଇବେଳେ କାହିଁକି ଆମକୁ ସୂଚନା ଦେଲେନାହିଁ। ଏହା ବିଧାୟକଙ୍କ ପକ୍ଷପାତିତାର ପରିଚୟ। ଝାରସୁଗୁଡା ପ୍ରତି ବିଧାୟକଙ୍କ ଯଦି ଏତେ ପ୍ରେମ ଅଛି ତେବେ ସରକାରଙ୍କଠାରୁ ଫଣ୍ଡ ଆଣିବା ସହ ସହର ପାଇଁ ଏକ ମାଷ୍ଟର ଡ୍ରେନ୍ ପ୍ରୋଜେକ୍ଟ ଅନୁମୋଦନ କଲେ ସହରବାସୀ ଉପକୃତ ହେବେ ବୋଲି ସେମାନେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ କାଉନସିଲର ମଧୁମିତା ଶୁଭନୀଲ, ପବନ ଶର୍ମା, କୈଳାସ ନନ୍ଦ, ଲାଲା ଶର୍ମା, ଗୀତାଞ୍ଜଳି ପଣ୍ଡା, ନେତ୍ରାରାଣୀ ସାହା, ସୁଷମା ବରାଳ, ପ୍ରତିମା ଭାଇଂସା, ଝରଣା ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

ଅପରପକ୍ଷରେ ଏହାର କିଛି ସମୟ ପରେ ଅର୍ଥାତ୍ ଅପରାହ୍ନ ୧ଟାରେ ଭାଜପା ପକ୍ଷରୁ ସ୍ଥାନୀୟ ବିଟିଏମ୍‌ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଝାରସୁଗୁଡା ସହର ସଭାପତି ବିମଳେନ୍ଦୁ ଭୋଳ, କାଉନସିଲର ବନ୍ଦନା ମୁଦ୍ରା, ତରଙ୍ଗ ଦୁବେ କହିଛନ୍ତି, ବିଧାୟକ ଟଙ୍କଧର ସବୁବେଳେ ଝାରସୁଗୁଡାର ଉନ୍ନତି ଓ ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ। ବିଧାୟକ ବିଭିନ୍ନ ୱାର୍ଡ ବୁଲି ଡ୍ରେନେଜ୍ ସମସ୍ୟାର ସମାଧାନ ପାଇଁ ତଦାରଖ କରିଥିଲେ। ଏଥିରେ କୌଣସି ରାଜନୀତିର ପ୍ରଶ୍ନ ଉଠୁନାହିଁ। ଗତ ୧୨ ତାରିଖରେ ପୌରାଞ୍ଚଳ ପରିମଳ ବ୍ୟବସ୍ଥା ତଦାରଖ ପାଇଁ ଅଧକ୍ଷା ଓ କାଉନସିଲରଙ୍କୁ ନେଇ କମିଟି ଗଠନ କରାଯାଇଥିଲା। ଏହି କମିଟି ସଦସ୍ୟ ଏତେଦିନ ପର୍ଯ୍ୟନ୍ତ କାହିଁକି ଚୁପ୍ ରହିଥିଲେ ଏବଂ ବିଧାୟକ ବୁଲିବା ପରେ ଅହଂକାର ମନୋଭାବ ଦେଖାଉଛନ୍ତି। ପୌରାଧକ୍ଷାଙ୍କ ପାଖରେ ପରିମଳ ବିଭାଗର ଠିକ୍ ହିସାବ ନାହିଁ। ପୌର ପରିଷଦରେ ବର୍ତ୍ତମାନ ୩୦୧ ଜଣ ସାନିଟାରି ୱାର୍କର କାମ କରୁଥିବାବେଳେ ସେ ଖବରଦାତାଙ୍କୁ ୩୫୦ ବୋଲି କହିବା ଅତ୍ୟନ୍ତ ଦୁଃଖଦାୟକ। ମଶାତେଲ ଦୁର୍ନୀତି ମାମଲାରେ ପୌର ପରିଷଦର କେତେଜଣ ଅଧିକାରୀ ଜେଲ ଯାଇଥିଲେ। ଏହି ଘଟଣାରେ ପୌରାଧକ୍ଷା ଜାମିନରେ ଅଛନ୍ତି। ଏଣୁ ଝାରସୁଗୁଡା ଜନସାଧାରଣଙ୍କ ପ୍ରତି ବିଧାୟକଙ୍କ ସେବା ମନୋଭାବକୁ ଅହଂକାର ହିସାବରେ ବିଜେଡି ଦେଖିବା ନିନ୍ଦନୀୟ ବୋଲି ସେମାନେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପ୍ରେମସେନ ରାୟ, ଅରବିନ୍ଦ ପାଠକ, ତାରଣ ଗିଦ୍ୱାନିଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଅପରପକ୍ଷରେ ଝାରସୁଗୁଡା ସହର ବଣିକ ସଂଘ ସଭାପତି ହୀରାଲାଲ ଲୋକ ଚନ୍ଦାନି କହିଛନ୍ତି, ଝାରସୁଗୁଡା ସହରର ଉନ୍ନତି ପାଇଁ ଯିଏ ବି ଆଗକୁ ଆସିବ ଆମେ ତାଙ୍କ ସାଙ୍ଗରେ ରହିବୁ ଏବଂ ସ୍ୱାଗତ କରିବୁ।

# ଛାତ୍ରୀ ବଳାତ୍କାର ମାମଲା: ଟିଉଶନ ସାର୍‌ଙ୍କୁ ୨୦ ବର୍ଷ ଜେଲ

**ଝାରସୁଗୁଡ଼ା,୨୪।୫(ଆଶିଷ ରଞ୍ଜନ ଦାଶ)**

ନାବାଳିକା ଛାତ୍ରୀ ବଳାତ୍କାର ମାମଲାରେ ଝାରସୁଗୁଡ଼ା ଅତିରିକ୍ତ ଜିଲା ଦୌରାଜଜ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ପୂଜା ଷଡ଼ଙ୍ଗୀ ଜଣେ ଅଭିଯୁକ୍ତ ଟିଉସନ୍ ସାରଙ୍କୁ ୨୦ ବର୍ଷ ଜେଲଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ଅପରପକ୍ଷରେ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ପାଇଁ ଜିଲା ଆଇନସେବା ପ୍ରାଧିକରଣକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ହେଲେ ଝାରସୁଗୁଡ଼ା ଜିଲା ସଦର ବ୍ଲକ ଅନ୍ତର୍ଗତ ବଡ଼ମାଲ ଥାନା ଅଞ୍ଚଳର କିଶୋର ବାଦୀ।

ମାମଲାର ବିବରଣୀ ଅନୁଯାୟୀ, ୨୦୨୨ ମେ' ୨ ତାରିଖରେ କିଶୋରଙ୍କ ଘରକୁ କେତେଜଣ ଛାତ୍ରୀଛାତ୍ର ଟିଉଶନ ହେବାକୁ ଯାଇଥିଲେ। ଟିଉଶନ ଛୁଟି ପରେ ସମସ୍ତ ଛାତ୍ରୀଛାତ୍ର ଘରକୁ ଆସିଥିଲେ। ହେଲେ ପୀଡ଼ିତା ଛାତ୍ରୀଙ୍କୁ କିଶୋର ଛାଡ଼ି ନ ଥିଲେ। ପରେ ଅଶ୍ଳୀଳ ଭିଡିଓ ଦେଖାଇ ସେ ତାଙ୍କୁ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ସମ୍ପୃକ୍ତା ଛାତ୍ରୀ ତାଙ୍କ ମା'ଙ୍କୁ ଜଣାଇଥିଲେ। ଛାତ୍ରୀଙ୍କ ମା' ଏନେଇ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୬/୨୨) ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୫୮ଟି ଦସ୍ତାବିଜ ଏବଂ ୨୭ ଜଣଙ୍କ ସାକ୍ଷୀଙ୍କ ପ୍ରମାଣ ଆଧାରରେ କୋର୍ଟ ଏହି ରାୟ ଦେଇଥିବା ପବ୍ଲିକ ପ୍ରସିକ୍ୟୁଟର ପୃଥୀରାଜ ସିଂଦେଓ ସୂଚନା ଦେଇଛନ୍ତି।

# କଦମଘାଟ: ଚାଷ ଦେଇଛି ଜୀବିକା


ଗ୍ରାମବାସୀ ପୋଟଳ ଚାଷ କରିଛନ୍ତି।

**ଲଖନପୁର,୨୪।୫(ଗୌତମ ସାହୁ)**

ଲଖନପୁର ବ୍ଲକ ଅଧୀନ ଭିକମପାଲି ପଞ୍ଚାୟତର କଦମଘାଟ ଗ୍ରାମ କୃଷି ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହି ଗ୍ରାମର ପ୍ରାୟ ୨୫ ପରିବାର ଚାଷ ଉପରେ ନିର୍ଭରଶୀଳ ହୋଇ ଉନ୍ନତ ଜୀବନଯାପନ କରୁଛନ୍ତି। ସେମାନେ ଧାନ, ପୋଟଳ, କଲରା, ଝୁଡଙ୍ଗ ଆଦି ଚାଷକରି ଭଲ ଆମଦାନୀ କରୁଛନ୍ତି। ସେମାନଙ୍କୁ ଚାଷ ଦେଇଛି ଜୀବିକା। ରାଜ୍ୟ ଉଠାଜଳସେଚନ ବିଭାଗ ପକ୍ଷରୁ ନିର୍ମିତ ଦୁଇଟି ପ୍ରକଳ୍ପ ଏହି ଗ୍ରାମବାସୀଙ୍କ ପାଇଁ ବରଦାନ ପାଲଟିଛି। ଅନେକ ସମସ୍ୟା ମଧ ଏହି ଗ୍ରାମର ଅଭିବୃଦ୍ଧିରେ ବାଧକ ସାଜୁଥିବା ଗ୍ରାମବାସୀ କହିଛନ୍ତି। ଏହି ଗ୍ରାମର ଏକ ତୃତୀୟାଂଶ ଜମି ପାର୍ଶ୍ୱବର୍ତ୍ତୀ ଜଙ୍ଗଲକୁ ଲାଗି ରହିଛି। ବନ୍ୟପ୍ରାଣୀ ଫସଲ ନଷ୍ଟ କରୁଥିବାରୁ ଚାଷୀଙ୍କ କ୍ଷତି ହେଉଛି। ଏହି ଗ୍ରାମରେ ପ୍ରାୟ ୩୦ ଏକର ଅଣଧାନ ଓ ୫୦ ଏକର ଧାନଚାଷ କରାଯାଇଛି। ଆଗାମୀ ଦିନରେ ସୋଲାର ବ୍ୟବସ୍ଥା ସହ ଜୀବଜନ୍ତୁଙ୍କ ଦାଉରୁ ଫସଲ ରକ୍ଷା କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ସମ୍ବଲପୁରୀ ଚାନ୍ଦୁଆ ବିକାଶରେ ଡିଜାଇନ, ପ୍ରଯୁକ୍ତିବିଦ୍ୟା ପ୍ରୟୋଗ କର୍ମଶାଳା

**ବ୍ରଜରାଜନଗର,୨୪।୫(ବିଜୟ ବରାଡ଼)**

କେନ୍ଦ୍ର ସରକାରଙ୍କ ବୟନ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ସମ୍ବଲପୁରୀ ଚାନ୍ଦୁଆ ବିକାଶରେ ଡିଜାଇନ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ ଉପରେ ୧ ମାସିଆ କର୍ମଶାଳା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ କତାବଗାଠାରେ ଅନୁଷ୍ଠିତ କର୍ମଶାଳାକୁ ମୁଖ୍ୟ ଅତିଥି ନଗରପାଳ ଗୋପାଳ ସୀତାନି ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଝାରସୁଗୁଡା ଜିଲା ହସ୍ତଶିଳ୍ପ ପ୍ରମୋଶନ ଅଧିକାରୀ ଯସ୍ମିନ୍ ଧୁରୁଆ, ଖବରଦାତା ଉପନ ସାହୁ, ଡିଜାଇନର କରୁଣା ସିକଦ୍ଦାର, ଏମ୍‌ସିପି କଳ୍ପନା ଧୁରୁଆ ଯୋଗଦେଇଥିଲେ। ସମ୍ବଲପୁର ବୟନଶିଳ୍ପ ଅତିରିକ୍ତ ନିର୍ଦ୍ଦେଶକ କୁମାରୀ ଶୈଳେଜା ଏଥିରେ ଅଧକ୍ଷତା କରିଥିଲେ। ଏହି ପ୍ରଶିକ୍ଷଣ ଦ୍ୱାରା ସମ୍ବଲପୁରୀ ଚାନ୍ଦୁଆ ପ୍ରସ୍ତୁତିରେ ନୂତନତା ଆସିବା ସହିତ ଗ୍ରାହକଙ୍କ ଦ୍ୱାରା ଅଧିକ ଗ୍ରହଣୀୟ ହୋଇପାରିବ। ଏହି ପ୍ରଶିକ୍ଷଣ ଶିବିରରେ ୩୦ ଜଣ ପ୍ରଶିକ୍ଷଣ ନେଉଛନ୍ତି।

# ବ୍ରଜରାଜନଗରରେ ତ୍ରିରଙ୍ଗା ପଦଯାତ୍ରା


ଶୋଭାଯାତ୍ରାରେ ସାମିଲ ହୋଇଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ, ବୁଦ୍ଧିଜୀବୀ ଓ ଅନ୍ୟମାନେ।

**ଝାରସୁଗୁଡା,୨୪।୫(ଆଶିଷ ରଞ୍ଜନ ଦାଶ)**

ଅପରେଶନ ସିନ୍ଦୂରରେ ଭାରତୀୟ ଯବାନଙ୍କ ପରାକ୍ରମକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଝାରସୁଗୁଡା ଜିଲା ବ୍ରଜରାଜନଗର ତ୍ରିରଙ୍ଗା ପଦଯାତ୍ରା କମିଟି ପକ୍ଷରୁ ଶନିବାର ସନ୍ଧ୍ୟାରେ ତ୍ରିରଙ୍ଗା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ବ୍ରଜରାଜନଗରସ୍ଥିତ ବ୍ରଜେଶ୍ୱରୀ ଦୁର୍ଗାମନ୍ଦିରରୁ ବାହାରି ଥାନା ସମ୍ମୁଖ ଦେଇ ମୁଖ୍ୟ ମାର୍କେଟ, କଲ୍ୟାଣମଣ୍ଡପ ହୋଇ ସହର ପରିକ୍ରମା କରିଥିଲା। ଯବାନଙ୍କ ମନୋବଳକୁ ଆହୁରି ସୁଦୃଢ କରିବା ଏବଂ ଲୋକଙ୍କ ମନରେ ଦେଶମାତୃକା ପ୍ରତି ଦେଶପ୍ରେମ ଜାଗ୍ରତ କରିବା ଉଦ୍ଦେଶ୍ୟରେ ବିଭିନ୍ନ ସ୍ଲୋଗାନ ଦେଇ ହାତରେ ତ୍ରିରଙ୍ଗା ଧରି ପଦଯାତ୍ରା ସହର ପରିକ୍ରମା କରିଥିଲା। ଏଥିରେ ବ୍ରଜରାଜନଗର ଅଞ୍ଚଳର ଅନେକ ଜନସାଧାରଣଙ୍କ ସମେତ ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ ସାମିଲ ହୋଇଥିଲେ।

# ଲୁଟେରାଙ୍କ ଟେର୍ ପାଉନି ପୋଲିସ

**ଦେବଗଡ,୨୪।୫(ଶଶାଙ୍କ ଶେଖର ଝାଙ୍କର)**

## ଭୁଜାଲି, ବନ୍ଧୁକ ଦେଖାଇ ଲୁଟ୍ ଘଟଣା

କୁଣ୍ଢେଇଗୋଳା ଥାନା ବଡଛାପଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ମଇଛକ ନିକଟରେ ଭୁଜାଲି ଓ ବନ୍ଧୁକ ଦେଖାଇ ଗତ ଫେବୃଆରୀ ୨୮ ତାରିଖରେ ଜନସେବା କେନ୍ଦ୍ରର କର୍ମଚାରୀ ଯଦୁମଣି ସାହୁଙ୍କଠାରୁ ୬୩ ହଜାର ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟ୍ ହୋଇଥିଲା। ଇତିମଧ୍ୟରେ ଘଟଣାକୁ ୮୫ ଦିନ ବିତିଯାଇଥିଲେ ମଧ ଲୁଟେରାଙ୍କ ଟେର୍ ପାଉନି ପୋଲିସ। ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ବଡଛାପଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଥିବା ଜନସେବା କେନ୍ଦ୍ରର କର୍ମଚାରୀ ଯଦୁମଣି ଫେବୃଆରୀ ୨୮ ସକାଳ ପ୍ରାୟ ୯ଟା ୪୦ ମିନିଟ୍‌ରେ ଭୁଲକାବାହାଲ ଗ୍ରାମରୁ ଉପରୋକ୍ତ ଜନସେବା କେନ୍ଦ୍ରକୁ ବାଇକ୍‌ରେ ଯାଉଥିଲେ। ଏହି ସମୟରେ ଏକ କଳାରଙ୍ଗର ବାଇକ୍‌ରେ ଆସୁଥିବା ୨ଜଣ ଦୁର୍ବୃତ୍ତ ମଇଛକ ନିକଟରେ ତାଙ୍କୁ ଭୁଜାଲି ଓ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ତାଙ୍କ ବ୍ୟାଗ୍‌ରେ ଥିବା ୫୧ ହଜାର ଟଙ୍କା, ମନିପର୍ସ ସହିତ ୧୨ ହଜାର ଟଙ୍କା, ଏକ ଟାବ୍‌ଲେଟ୍, ଫିଙ୍ଗର୍ ପ୍ରିଣ୍ଟ ସ୍କାନର୍ , ଆଧାରକାର୍ଡ ଓ ଏଟିଏମ୍ କାର୍ଡ ଲୁଟିନେଇ ଫେରାର ହୋଇଯାଇଥିଲେ। ଏନେଇ ଯଦୁମଣି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ହେଲେ ଏପର୍ଯ୍ୟନ୍ତ ଲୁଟେରାଙ୍କୁ ପୋଲିସ ଗିରଫ କରିପାରିନାହିଁ। ଏନେଇ କୁଣ୍ଢେଇଗୋଳା ଥାନା ଅଧିକାରୀ ଜନ କୁଜୁରଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଚଳଚ୍ଚିତ୍ର 'ଫୁଲେ' ଦେଖିଲେ ଅନୁସୂଚିତ ଜାତି ଓ ଜନଜାତି ମିଳିତ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା

**ଝାରସୁଗୁଡା,୨୪।୫(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡା ସହର ସରବାହାଲସ୍ଥିତ ଛୋଟୁ ମହାରାଜ ସିନେମା ହଲରେ ପ୍ରଦର୍ଶିତ ହେଉଥିବା ଦେଶର ପ୍ରଥମ ମହିଳା ଶିକ୍ଷୟିତ୍ରୀ ସାବିତ୍ରୀବାଈ ଫୁଲେ ଏବଂ ତାଙ୍କର ଜୀବନସାଥୀ ତଥା ମହାନ ବିଚାରକ ମହାତ୍ମା ଜ୍ୟୋତିବା ଫୁଲେଙ୍କ ଜୀବନୀ କାହାଣୀକୁ ନେଇ ପ୍ରସ୍ତୁତ ଫିଲ୍ମ 'ଫୁଲେ'କୁ ଅନୁସୂଚିତ ଜାତି ଓ ଜନଜାତି ମିଳିତ କ୍ରିୟାନୁଷ୍ଠାନ କମିଟିର କାର୍ଯ୍ୟକର୍ତ୍ତା ଦେଖିଥିଲେ। ଏହି ଚଳଚ୍ଚିତ୍ର ସମସ୍ତେ ଦେଖିବା ଉଚିତ୍। ଏହା ଲୋକଙ୍କୁ ସମାନତାର ଅଧିକାର ପାଇଁ ଲଢ଼ିବା ଏବଂ ଦେଶରେ ପ୍ରଚଳିତ ସମସ୍ତ କୁପ୍ରଥାରୁ ଉପରକୁ ଉଠିବାକୁ ଶିଖାଏ। ସମାଜକୁ ସମୃଦ୍ଧ କରିବା ପାଇଁ ଶିକ୍ଷିତ ହେବା ଗୁରୁତ୍ୱପୂର୍ଣ୍ଣ । ଏହି ଫିଲ୍ମ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିପାରିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି।

# ହ୍ୱାଇଟ୍ କମ୍ବାଇନ ଟିମ୍ ବିଜୟୀ

**ବ୍ରଜରାଜନଗର,୨୪।୫(ବିଜୟ ବରାଡ଼)**

## ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ

ଝାରସୁଗୁଡା ଜିଲା ବ୍ରଜରାଜନଗର ଅନ୍ତର୍ଗତ ମଣ୍ଡଲିଆଠାରେ ଥିବା ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ୍‌ରେ ଆନ୍ତଃ ସ୍କୁଲ୍ କ୍ରିକେଟ୍ ଟୁର୍ନାମେଣ୍ଟ ଚାଲିଛି। ଓଡ଼ିଶା କ୍ରିକେଟ୍ ଆସୋସିଏଶନ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟର ଶନିବାର ଦଶମ ମ୍ୟାଚ୍ ରେଡ୍ କମ୍ବାଇନ୍ ବ୍ରଜରାଜନଗର ଏବଂ ହ୍ୱାଇଟ୍ କମ୍ବାଇନ ଝାରସୁଗୁଡ଼ା ମଧ୍ୟରେ ଖେଳାଯାଇଥିଲା। ରେଡ୍ କମ୍ବାଇନ ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦.୫ ଓଭରରେ ୧୦ ଉଇକେଟ୍ ହରାଇ ୫୯ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ହ୍ୱାଇଟ୍ କମ୍ବାଇନ ଟିମ୍ ୧୬.୩ ଓଭରରେ ୫ ଉଇକେଟ୍ ହରାଇ ୬୦ ରନ୍ ସଂଗ୍ରହ କରିଥିଲା। ହ୍ୱାଇଟ୍ କମ୍ବାଇନ ଟିମ୍‌ର ଅଭିଜିତ ସାହା ଶ୍ରେଷ୍ଠ ଖେଳାଳି ଭାବେ ଘୋଷିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ କ୍ରିକେଟ ଖେଳାଳି ଅଶ୍ୱିନୀ ମହାନ୍ତି, ବାଲାଜୀ ସକ୍‌ସେନା ଓ ଗୋପାଳ ମୁଖାର୍ଜୀ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଜ୍ୱଳ କୁମାର ପଟେଲ, କମ୍ପାଉଣ୍ଡର ବେହେରା, ଅନିରୁଦ୍ଧ କେୱଟ, ଅଶୋକ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଜୟ ସିଂ ଓ ରୋହିତ ପାଶୱାନ ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିବାବେଳେ ନାସିର ମଲ୍ଲିକ ଅନ୍‌ଲାଇନ ସ୍କୋରିଂ କରିଥିଲେ।


ଅତିଥିଙ୍କ ଗହଣରେ ଖେଳାଳି।

## ଅବହେଳିତ ଗୋସମ୍ପଦ

# ମାସକରେ ଗଲାଣି ୭ ଜୀବନ

**ଝାରସୁଗୁଡା,୨୪।୫(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡା ସହର ଏବଂ ସଦର ବ୍ଲକ ଅଞ୍ଚଳରେ ଗୋରୁମାନେ ଅବହେଳାର ଶିକାର ହେଉଛନ୍ତି। ବିଶେଷକରି ଗୋରୁଙ୍କୁ ରାସ୍ତାରେ ଛାଡି ଦିଆଯିବା ଦ୍ୱାରା ଦୁର୍ଘଟଣାର ଶିକାର ହେଉଛନ୍ତି। ଗତ ୧ ମାସ ମଧ୍ୟରେ ୭ ଗୋରୁଙ୍କ ଜୀବନ ଯାଇଥିବା ଜଣାପଡିଛି। ସେହିପରି ବିଷାକ୍ତ ପାଣି ପିଇ ଗୋରୁଙ୍କ ମୃତ୍ୟୁ ଘଟିଥିବା ନଜିର ରହିଛି। ଅପରପକ୍ଷରେ ଆଗାମୀ ଦିନରେ ଗୋଶାଳା ନିର୍ମାଣ କରାଯାଇ ଗୋରୁଙ୍କ ରହିବା ଓ ଖାଇବା ପାଇଁ ବ୍ୟବସ୍ଥା କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ଝାରସୁଗୁଡା ଜିଲାରେ ବିଭିନ୍ନ କମ୍ପାନୀ ଓ କୋଠା ନିର୍ମାଣ କରାଯାଉଥିବାରୁ ଗୋଚାରଣ ଭୂମି କମିଯାଉଛି। ଫଳରେ ଗୋରୁମାନେ ସହରାଭିମୁଖୀ ହେଉଛନ୍ତି। ସେମାନେ ହୋଟେଲର ବାସିଖାଦ୍ୟ ସମେତ ବିଭିନ୍ନ ସ୍ଥାନରେ ଗଦା ହେଉଥିବା ପାଷ୍ଟିକ ଓ ପଲିଥିନ୍ ଖାଉଛନ୍ତି। ଏପରି କି ନାଳନର୍ଦ୍ଦମାର ଦୂଷିତ ପାଣି ପିଇ ରୋଗର ଶିକାର ହେଉଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲେ ଗୋରୁ ଦୋକାନ କିମ୍ବା ଘର ସମ୍ମୁଖକୁ ଗଲେ ଲୋକମାନେ ଗରମପାଣି ପକାଇବା ସହ ବାଡିରେ ପିଟୁଛନ୍ତି। ଝାରସୁଗୁଡା ସଦର ବ୍ଲକ ଅଧୀନ ହିର୍ମା ଓ ବଡ଼ମାଳ ପଞ୍ଚାୟତ ଅଞ୍ଚଳରେ ଲୋକମାନେ ଗାଈଠାରୁ କ୍ଷୀର ସଂଗ୍ରହ ଏବଂ ବଳଦକୁ ଚାଷ କାର୍ଯ୍ୟରେ ବ୍ୟବହାର କରିବା ପରେ ବାହାରେ ଛାଡିଦେଉଛନ୍ତି। ଗୋରୁ ଓ ବଳଦ ଘରକୁ ଆସିଲେ ସେମାନେ ତାଙ୍କୁ ମାଡ଼ ମାରୁଛନ୍ତି। ସହର କିମ୍ବା ଗ୍ରାମରେ ଗୋରୁଙ୍କ ପାଇଁ ପିଇବା ପାଣି ବ୍ୟବସ୍ଥା ନ ଥିବାରୁ ସେମାନେ କମ୍ପାନୀରୁ ନିର୍ଗତ ବିଷାକ୍ତ ପାଣି ପିଇ ଶୋଷ ମେଣ୍ଟାଉଛନ୍ତି। ଗତ ଏକ ମାସ ମଧ୍ୟରେ ବଡ଼ମାଳ ଅଞ୍ଚଳରେ ବିଷାକ୍ତ ପାଣି ପିଇ ଦୁଇ ଗାଈଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ସେହିପରି ଝାରସୁଗୁଡ଼ା ସହରର ମୁଖ୍ୟ ରାସ୍ତା, ବିଜୁ ଏକ୍ସପ୍ରେସ୍ ୱେ, ୪୯ ନମ୍ବର ଜାତୀୟ ରାଜପଥରେ ଗତ ଏକ ମାସ ମଧ୍ୟରେ ଦୁର୍ଘଟଣା ଘଟି ୭ରୁ ଊର୍ଦ୍ଧ୍ୱ ଗୋରୁଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। କିଛିଦିନ ତଳେ ଝାରସୁଗୁଡା ସଦର ବ୍ଲକ ଅନ୍ତର୍ଗତ ଖେଡୁଆଲଠାରେ ଏକ ଗାଈ ବିଜୁ ଏକ୍ସପ୍ରେସ୍ ୱେ ପାର ହେଉଥିବାବେଳେ ଅଜଣା ଗାଡି ଧକ୍କା ଦେଇଥିଲା। ଫଳରେ ଗାଈର ମୃତ୍ୟୁ ଘଟିଥିଲା। ସେହିପରି ଏହି ବିଜୁ ଏକ୍ସପ୍ରେସ୍ ୱେ ନିକଟସ୍ଥ ସାରସମାଲ ପାଖରେ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଗୋଟିଏ ବଳଦର ମୃତ୍ୟୁ ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି।


ରାସ୍ତାରେ ଶୋଇଥିବା ଗୋରୁ।

## ଡ୍ରେନ୍, କମ୍ପାନୀରୁ ନିର୍ଗତ ବିଷାକ୍ତ ପାଣି ପିଉଛନ୍ତି

ବିଶ୍ୱ ହିନ୍ଦୁ ପରିଷଦର ଝାରସୁଗୁଡା ଜିଲା ସଭାପତି କିଶୋର କୁମାର ମହାନ୍ତି କହିଛନ୍ତି, ଗୋ-ସମ୍ପଦର ସୁରକ୍ଷା ପାଇଁ ପ୍ରତି ପୌରପରିଷଦ ଏବଂ ପଞ୍ଚାୟତ କ୍ଷେତ୍ରରେ ଗୋଶାଳା, ଗୋ ଅଭୟାରଣ୍ୟ ଖୋଲିବା ପାଇଁ ପରିଷଦ ପକ୍ଷରୁ ଜିଲା ପ୍ରଶାସନର ଦୃଷ୍ଟିଆକର୍ଷଣ କରାଯିବ। ହିର୍ମା ଅଞ୍ଚଳର ସାମାଜିକ କର୍ମୀ ତ୍ରିନାଥ ତିୱାରୀ କହିଛନ୍ତି, ଆଗାମୀ ଦିନରେ ଗୋ-ସମ୍ପଦର ସୁରକ୍ଷା ପାଇଁ ଜିଲା ପ୍ରଶାସନ ତତ୍ପର ନ ହେଲେ ଆନ୍ଦୋଳନ କରାଯିବ। ଝାରସୁଗୁଡା ଜିଲାରେ ଗୋରୁଙ୍କ ପ୍ରତି ହେଉଥିବା ଅକଥନୀୟ ଅତ୍ୟାଚାର ଓ ଦୁର୍ଘଟଣା ରୋକିବା ପାଇଁ ଜିଲା ପ୍ରଶାସନ ତତ୍ପର ହେବାକୁ ଜନସାଧାରଣ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ଦୟାସାଗର ଧୂରିଆ କହିଛନ୍ତି, ବର୍ତ୍ତମାନ ବ୍ରଜରାଜନଗର ଓ ବେଲପାହାଡ ଅଞ୍ଚଳରେ ଗୋରୁଙ୍କ ସୁରକ୍ଷା ପାଇଁ ଗୋଶାଳା ନିର୍ମାଣ ଚାଲିଛି। ଝାରସୁଗୁଡ଼ାରେ ଜମି ବିବାଦ ଯୋଗୁ ଗୋଶାଳା ତିଆରି ହୋଇନାହିଁ। ଆଗାମୀ ଦିନରେ ଗୋରୁଙ୍କ ସୁରକ୍ଷା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ରୁଷିଆ, ୟୁକ୍ରେନ୍ ମଧ୍ୟରେ ବନ୍ଦୀ ବିନିମୟ

କିଭ୍,୨୪।୫

ରୁଷିଆ ଏବଂ ୟୁକ୍ରେନ୍ ମଧ୍ୟରେ ୨୦୨୨ ଫେବୃଆରୀରୁ ଯୁଦ୍ଧ ଲାଗିରହିଥିବାବେଳେ ଗତ ସପ୍ତାହରେ ଇସ୍ତାନବୁଲରେ ପ୍ରଥମଥର ପାଇଁ ଉଭୟ ପକ୍ଷ ଶାନ୍ତି ଆଲୋଚନାରେ ଯୋଗଦେଇଥିଲେ। ଏହି ଅବସରରେ ଉଭୟ ମସ୍କୋ ଏବଂ କିଭ୍ ୧,୦୦୦ ଲେଖାଏ ଯୁଦ୍ଧବନ୍ଦୀ ଓ ଅନ୍ୟ ସାଧାରଣ ବନ୍ଦୀଙ୍କୁ ବିନିମୟ କରିବାକୁ ରାଜି ହୋଇଥିଲେ। ତଦନୁଯାୟୀ ଶୁକ୍ରବାର ଦୁଇ ଦେଶ ପରସ୍ପର ମଧ୍ୟରେ ୩୯୦ ବନ୍ଦୀ ବିନିମୟ କରିଥିବାବେଳେ ଶନିବାର ଆଉ ୩୦୭ ଜଣ ଲେଖାଏ ବନ୍ଦୀଙ୍କୁ ମୁକ୍ତ କରିଛନ୍ତି। ଏହାର କିଛି ସମୟ ପୂର୍ବରୁ ରୁଷିଆର ଡ୍ରୋନ୍ ଏବଂ ମିଶାଇଲ ଆକ୍ରମଣରେ ୟୁକ୍ରେନ୍‌ର ୧୫ ଜଣ ଆହତ ହୋଇଥିଲେ।

### ନାବାଳିକା ବଳାତ୍କାର ମାମଲାରେ ସନ୍ଥ ଗିରଫ



ଲୋକେଶ୍ୱର ମହାରାଜ

ବେଙ୍ଗାଲୁରୁ,୨୪।୫

କର୍ଣାଟକର ବେଲଗମ୍ ଜିଲାରେ ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ଅଭିଯୋଗରେ ଜଣେ ସନ୍ଥଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ବେଲଗମ୍ ଜିଲା ରାଇବାଗ ତାଲୁକ ଅନ୍ତର୍ଗତ ମେଖାଲି ଗ୍ରାମରେ ଥିବା ରାମମନ୍ଦିରର ସନ୍ଥ ଲୋକେଶ୍ୱର ମହାରାଜ। ସେ ୧୭ ବର୍ଷୀୟାଙ୍କୁ କାର୍‌ରେ ନେଇ ଘରେ ଛାଡ଼ିଦେବାକୁ କହି ବାଗଲକୋଟ ସହରର ଏକ ଲଜ୍‌କୁ ନେଇ ସେଠାରେ ବଳାତ୍କାର କରିଥିଲେ ବୋଲି ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ପରେ ସେ ପୀଡ଼ିତାଙ୍କୁ ରାଇଚୁର ନେଇ ଯୌନ ନିର୍ଯାତନା ଦେଇ ମହାଲିଙ୍ଗପୁର ବସ୍‌ଷ୍ଟାଣ୍ଡରେ ଛାଡ଼ି ଚାଲିଯାଇଥିଲେ। ସନ୍ଥଙ୍କ ନାମରେ ଶିଶୁ ଯୌନ ଅପରାଧ ସୁରକ୍ଷା ଆଇନ (ପୋକ୍‌ସୋ)ରେ ବାଗଲକୋଟ ଥାନାରେ ମାମଲା ରୁଜୁ ହୋଇଛି।

### ମାନସିକ ବିକୃତ ମହିଳାଙ୍କୁ ଜେଲ ପରିସରରେ ଗଣବଳାତ୍କାର

ଗୁଆହାଟୀ ୨୪।୫

ଆସାମର ଶ୍ରୀଭୂମି ଜିଲାରେ ଜଣେ ବାସହୀନ ମାନସିକ ବିକୃତ ମହିଳାଙ୍କୁ ଜିଲା ଜେଲ୍ ପରିସରକୁ ଘୋଷାଡ଼ି ନେଇ ଗଣବଳାତ୍କାର କରିବା ଅଭିଯୋଗରେ ୨ ଜଣ ଗାର୍ଡ ଗିରଫ ହୋଇଛନ୍ତି। ଶୁକ୍ରବାର ରାତି ୧ଟା ୩୦ ମିନିଟ୍ ସମୟରେ ୨ ୱାର୍ଡର ମହିଳାଙ୍କୁ ଘୋଷାଡ଼ି ନେଉଥିବାବେଳେ ପାଟ୍ରୋଲିଂ ଟିମ୍ ଦ୍ୱାରା ଧରାପଡ଼ିଥିଲେ। ଅଭିଯୁକ୍ତ ହରେଶ୍ୱର କଲିତା ଏବଂ ଗଜେନ୍ଦ୍ର କଲିତାଙ୍କ ଘର ଗୁଆହାଟୀର ପଞ୍ଜାବରୀ ଓ ବାରୋଗାଁରେ। ଉଭୟଙ୍କୁ ଗିରଫ କରି ପୋଲିସ ତଦନ୍ତ ଚଳାଇଥିବାବେଳେ ପୀଡ଼ିତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ନୀତି ଆୟୋଗ ବୈଠକ

# ଆସିଲେନି ୪ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୨୪।୫

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରେସିପ୍ରୋକାଲ ଟାରିଫ୍ ଘୋଷଣା ଏବଂ ପାକିସ୍ତାନ ବିରୋଧରେ ଭାରତୀୟ ସଶସ୍ତ୍ର ବଳର 'ଅପରେଶନ୍ ସିନ୍ଦୂର' ପରେ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଶନିବାର ଅନୁଷ୍ଠିତ ହୋଇଛି ନୀତି ଆୟୋଗ ଗଭର୍ନିଂ କାଉନ୍ସିଲର ୧୦ମ ବୈଠକ। ତେବେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, କର୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା, କେରଳ ମୁଖ୍ୟମନ୍ତ୍ରୀ ପି. ବିଜୟନ୍ ଓ ପଣ୍ଡିଚେରୀ ମୁଖ୍ୟମନ୍ତ୍ରୀ ଏନ୍. ରଙ୍ଗାସ୍ୱାମୀ ଯୋଗଦେଇ ନାହାନ୍ତି। ଏହାକୁ ନେଇ ରାଜନୀତି ସରଗରମ ହେବାରେ ଲାଗିଛି। ବିଶେଷକରି ମମତାଙ୍କ ଅନୁପସ୍ଥିତିକୁ ନେଇ ଉଭୟ ଭାଜପା ଓ କଂଗ୍ରେସ ପ୍ରଶ୍ନ ଉଠାଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନୀତି ଆୟୋଗ ଗଭର୍ନିଂ କାଉନ୍ସିଲ ବୈଠକରେ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଉପରାଜ୍ୟପାଳମାନେ ଯୋଗଦେବା କଥା। ତେବେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମମତାଙ୍କ ଅନୁପସ୍ଥିତିକୁ ନେଇ ରାଜନୀତି ଜୋର୍ ଧରିଛି। ସୂତ୍ରରୁ ଜଣାପଡ଼ିଛି ଯେ, ଗତବର୍ଷ ଜୁଲାଇରେ ଅନୁଷ୍ଠିତ ନୀତି ଆୟୋଗର ପୂର୍ବ ବୈଠକରେ ଭାଜପା ଶାସିତ ଏବଂ ଏନ୍‌ଡିଏ ନେତୃତ୍ୱାଧୀନ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନଙ୍କୁ ୧୫ ମିନିଟରୁ ଅଧିକ ସମୟ କହିବାକୁ ଦିଆଯାଇଥିବାବେଳେ ବିରୋଧୀ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ମାତ୍ର ୫ ମିନିଟ୍ ଦିଆଯାଇଥିବା ଅଭିଯୋଗ ଆଣି ମମତା ଏହାକୁ ବର୍ଜନ କରିଛନ୍ତି। ଆସନ୍ତା

### ମମତା ବାନାର୍ଜୀଙ୍କ ଅନୁପସ୍ଥିତିକୁ ନେଇ ରାଜନୀତି



ସପ୍ତାହରେ ପ୍ରଧାନମନ୍ତ୍ରୀ ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ପଶ୍ଚିମବଙ୍ଗ ଗସ୍ତ ପୂର୍ବରୁ ମମତା କେନ୍ଦ୍ର ବିରୋଧୀ ନିଜ ଆଭିମୁଖ୍ୟକୁ ଆହୁରି ମଜଭୁତ କରିବାକୁ ଯାଇ ଏପରି ନିଷ୍ପତ୍ତି ନେଇଛନ୍ତି। ଭାଜପାର ରାଜ୍ୟ ସଭା ସଦସ୍ୟ ସମିକ ଭଟ୍ଟାଚାର୍ଯ୍ୟ ମମତାଙ୍କୁ ସମାଲୋଚନା କରି କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଅନୁପସ୍ଥିତି ଯୋଗୁ ପଶ୍ଚିମବଙ୍ଗ ଏକ ଅନିଶ୍ଚିତ ଭବିଷ୍ୟତ ଆଡ଼କୁ ଗତି କରିବ। ଆସନ୍ତା ବର୍ଷ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ନୀତି ଆୟୋଗ ବୈଠକ ତାଙ୍କ ପାଇଁ ଏକ ସୁଯୋଗ ଥିଲା। ନିର୍ବାଚନ ପରେ ନୂଆ ମୁଖ୍ୟମନ୍ତ୍ରୀ ନୀତି ଆୟୋଗ ବୈଠକରେ ଯୋଗଦେବେ। ସେହିପରି ସିପିଆଇଏମ୍ କେନ୍ଦ୍ରୀୟ କମିଟି ସଦସ୍ୟ ସୁଜନ ଚକ୍ରବର୍ତ୍ତୀ କହିଛନ୍ତି, ଏଥିରେ କିଛି ନୂତନତ୍ୱ ନାହିଁ। ମମତା କେବଳ ଦୁର୍ନୀତି କରିବାରେ ବ୍ୟସ୍ତ। ତେଣୁ ସେ ରାଜ୍ୟର ବିକାଶ ପରିବର୍ତ୍ତେ 'ଦୁର୍ନୀତି ଆୟୋଗ' ବୈଠକରେ ସାମିଲ ହେବାକୁ ଅଧିକ ଆଗ୍ରହୀ। କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧରୀ କହିଛନ୍ତି, ମମତା ଏହି ବୈଠକରେ ସାମିଲ ହୋଇଥିଲେ ରାଜ୍ୟର ବିଭିନ୍ନ ପ୍ରସଙ୍ଗ ଉଠାଇପାରିଥାନ୍ତେ।

### କେନ୍ଦ୍ର, ରାଜ୍ୟ ମିଶି କାର୍ଯ୍ୟକଲେ କୌଣସି ଲକ୍ଷ୍ୟ ଅସମ୍ଭବ ନୁହେଁ: ମୋଦି

କେନ୍ଦ୍ର ସରକାର ଓ ରାଜ୍ୟଗୁଡ଼ିକ ଟିମ୍ ଇଣ୍ଡିଆ ଭଳି ମିଶିକି କାର୍ଯ୍ୟକଲେ କୌଣସି ଲକ୍ଷ୍ୟ ପୂରଣ କରିବା ଅସମ୍ଭବ ନୁହେଁ ବୋଲି ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନ୍ ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ (ନୀତି) ଆୟୋଗର ଦଶମ ଗଭର୍ନିଂ କାଉନ୍ସିଲ ବୈଠକକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ବିକାଶର ଗତିକୁ ଆହୁରି ବଢ଼ାଇବାର ଆବଶ୍ୟକତା ରହିଛି। ତେଣୁ ରାଜ୍ୟ ସରକାରମାନେ କେନ୍ଦ୍ର ସହ ସମନ୍ୱୟ ରଖି କାର୍ଯ୍ୟ କରନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି।

'୨୦୪୭ ସୁଦ୍ଧା ବିକଶିତ ଭାରତ ପାଇଁ ବିକଶିତ ରାଜ୍ୟ' ଗଠନର ଲକ୍ଷ୍ୟ ସମ୍ପର୍କିତ ବିଷୟବସ୍ତୁ ଉପରେ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ଉଦ୍ଦେଶ୍ୟରେ ମୋଦି କହିଛନ୍ତି, ବିକଶିତ ଭାରତ ହେଉଛି ପ୍ରତି ଭାରତୀୟଙ୍କ ଲକ୍ଷ୍ୟ। ପ୍ରତ୍ୟେକ ରାଜ୍ୟ ବିକଶିତ ହେଲେ ଭାରତ ମଧ୍ୟ ବିକଶିତ ହେବ। ଏହା ହେଉଛି ୧୪୦ କୋଟି ନାଗରିକଙ୍କ ଆକାଂକ୍ଷା।

ନୀତି ଆୟୋଗ ଗଭର୍ନିଂ କାଉନ୍ସିଲ ହେଉଛି, ଦେଶର ବିକାଶ ସକାଶେ ନୀତି ପ୍ରଣୟନକାରୀ ସଂସ୍ଥା, ଯହିଁରେ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଉପରାଜ୍ୟପାଳ ଯୋଗଦେଇଥାନ୍ତି। ପ୍ରଧାନମନ୍ତ୍ରୀ ମୋଦି ଏହାର ଅଧ୍ୟକ୍ଷ। 'ଅପରେଶନ ସିନ୍ଦୂର' ପରେ ପ୍ରଧାନମନ୍ତ୍ରୀ ଏଥିରେ ପ୍ରଥମଥର



ନୀତି ଆୟୋଗ ବୈଠକରେ ଯୋଗଦେବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଓ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍।

ପାଇଁ ଅଧ୍ୟକ୍ଷତା କରି 'ୱାନ୍ ଷ୍ଟେଟ୍, ୱାନ୍ ଗ୍ଲୋବାଲ ଡେଷ୍ଟିନେଶନ'ର ଅବତାରଣା କରିଛନ୍ତି। ତଦନୁସାରେ ପ୍ରତ୍ୟେକ ରାଜ୍ୟକୁ ରାଜ୍ୟର ଏକ ପର୍ଯ୍ୟଟନସ୍ଥଳୀକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନ କ୍ଷେତ୍ରରେ ବିକଶିତ କରିବାକୁ ପଡ଼ିବ। ବୈଶ୍ୱିକ ସୁବିଧା ଓ ଭିତ୍ତିଭୂମି ଯୋଗାଇଦେଇ ସେହି ପର୍ଯ୍ୟଟନସ୍ଥଳୀକୁ ବିଶ୍ୱର କୋଣଅନୁକୋଣରୁ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିପାରିଲେ ରାଜ୍ୟଗୁଡ଼ିକର ବିକାଶ ସମ୍ଭବ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପହଲଗାମ୍ ଆକ୍ରମଣରେ ଆତଙ୍କବାଦୀମାନେ ୨୬ ହିନ୍ଦୁଙ୍କୁ ଗୁଳିକରି ହତ୍ୟା କରିବା ସତ୍ତ୍ୱେ ପର୍ଯ୍ୟଟନ କ୍ଷେତ୍ରରେ ଏହା ସରକାରଙ୍କ ଅଙ୍ଗୀକାରବଦ୍ଧତାକୁ ଦର୍ଶାଉଛି। ବୈଠକରେ ପଶ୍ଚିମବଙ୍ଗ, କର୍ଣାଟକ, ପଣ୍ଡିଚେରୀ ଓ କେରଳ ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ଅନ୍ୟ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଯୋଗଦେଇଥିଲେ। ଆନ୍ଧ୍ରପ୍ରଦେଶର ଏନ୍. ଚନ୍ଦ୍ରବାବୁ ନାଇଡୁ, ତାମିଲନାଡୁର ଏମ୍.କେ. ଷ୍ଟାଲିନ୍ ଓ ତେଲଙ୍ଗାନାର ରେଭନ୍ତ ରେଡ୍ଡୀଙ୍କ ସହ ଜମ୍ମୁ-କଶ୍ମୀରର ଓମାର ଅବ୍ଦୁଲ୍ଲା, ହିମାଚଳ ପ୍ରଦେଶର ସୁଖବିନ୍ଦର ସିଂ ସୁଖୁ ପ୍ରମୁଖ ମୁଖ୍ୟମନ୍ତ୍ରୀ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ସାମିଲ ହୋଇ ନିଜ ନିଜ ରାଜ୍ୟର ଦାବି ଜଣାଇଥିଲେ।

### ଦିଲ୍ଲୀ, ମୁମ୍ବାଇ, କେରଳରେ ବଢୁଛି କୋଭିଡ୍

**ହସ୍ପିଟାଲରେ ଶଯ୍ୟା, ଅକ୍ସିଜେନ୍ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ**

ନୂଆଦିଲ୍ଲୀ,୨୪।୫

ଦିଲ୍ଲୀ, ମହାରାଷ୍ଟ୍ର, କେରଳ, ତାମିଲନାଡୁ ଏବଂ କର୍ଣାଟକରେ କୋଭିଡ୍ ସଂକ୍ରମଣ ବଢ଼ିଚାଲିଥିବାରୁ ହସ୍ପିଟାଲଗୁଡ଼ିକରେ ଶଯ୍ୟା ଓ ଅକ୍ସିଜେନ୍ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ୩ ବର୍ଷ ପରେ ପ୍ରଥମଥର ପାଇଁ ଜାତୀୟ ରାଜଧାନୀରେ ୨୩ ଜଣ କୋଭିଡ୍ ସଂକ୍ରମିତ ହୋଇଛନ୍ତି। କେରଳରେ ଚଳିତ ମାସରେ ସର୍ବାଧିକ ୨୭୩ ଜଣ କୋଭିଡ୍ ସଂକ୍ରମିତ ହୋଇଥିବାରୁ ସବୁ ଜିଲାକୁ ସତର୍କ ରହିବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କାଶ ହେଲେ ମାସ୍କ ବ୍ୟବହାର କରିବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି। ସେହିପରି କର୍ଣାଟକରେ ୯ ମାସର ଶିଶୁ ସମେତ ୩୫ଟି କୋଭିଡ୍ ମାମଲା ଚିହ୍ନଟ ହୋଇଛି। ଶ୍ୱାସଜନିତ ସମସ୍ୟା ଥିବା ଲୋକମାନଙ୍କୁ କୋଭିଡ୍ ପରୀକ୍ଷା କରିବା ପାଇଁ କୁହାଯାଉଛି। ଚଳିତ ମାସରେ ମୁମ୍ବାଇରେ ୯୫ ଏବଂ ଠାଣେରେ ୧୦ ମାମଲା ଚିହ୍ନଟ ହୋଇଥିବାବେଳେ ୧୬ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶ୍ୱାସଜନିତ ରୋଗ ଲକ୍ଷଣ ଥିବା ସମସ୍ତଙ୍କର କୋଭିଡ୍ ପରୀକ୍ଷା କରାଇବାକୁ ବ୍ରିହନ୍ ମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ ପରାମର୍ଶ ଦେଇଛି। କୋଭିଡ୍‌ର ଜେଏନ୍.୧ ଭାରିଆଣ୍ଟ ପାଇଁ ଦକ୍ଷିଣ ଏସିଆରେ ସଂକ୍ରମଣ ବଢ଼ୁଛି। ଏହି ଭାରିଆଣ୍ଟ ସକ୍ରିୟ ଥିଲେ ମଧ୍ୟ ଚିନ୍ତାଜନକ ପର୍ଯ୍ୟାୟରେ ସାମିଲ କରାଯାଇ ନ ଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) କହିଛି।

### ପୁଞ୍ଚ୍‌ରେ ରାହୁଲ: ପାକିସ୍ତାନ ଆକ୍ରମଣରେ କ୍ଷତିଗ୍ରସ୍ତଙ୍କୁ ଭେଟିଲେ



ପୁଞ୍ଚ୍‌ର ଏକ ସ୍କୁଲରେ ପିଲାମାନଙ୍କ ଗହଣରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ।

ନୂଆଦିଲ୍ଲୀ ୨୪।୫

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶନିବାର ଜମ୍ମୁ-କଶ୍ମୀରର ପୁଞ୍ଚ୍ ଜିଲା ଗସ୍ତରେ ଯାଇ ପାକିସ୍ତାନୀ ସେନାର ସୀମାପାର ମୋର୍ଟାର ଶେଲ୍ ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିବା ପରିବାରଗୁଡ଼ିକୁ ଭେଟିଛନ୍ତି। ଭାରତର ଅପରେଶନ ସିନ୍ଦୂର ପରେ ପାକିସ୍ତାନୀ ସେନାର ଆକ୍ରମଣ ଯୋଗୁ ପୁଞ୍ଚ୍‌ରେ ବହୁ କ୍ଷୟକ୍ଷତି ହେବା ସହ କେତେଜଣ ମୃତାହତ ହୋଇଥିଲେ। ରାହୁଲ କ୍ଷତିଗ୍ରସ୍ତ ଲୋକଙ୍କ ଘରକୁ ଯାଇ ସେମାନଙ୍କ ସହ କଥା ହେବା ସହ କ୍ଷୟକ୍ଷତି ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହିତ ସେ ହସ୍ପିଟାଲ ଯାଇ ଆହତମାନଙ୍କୁ ଭେଟିଥିଲେ। ଶେଲ୍ ମାଡ଼ରେ କ୍ଷତିଗ୍ରସ୍ତ ହୋଇଥିବା ଏକ ସ୍କୁଲରେ କଂଗ୍ରେସ ନେତା ପହଞ୍ଚି ପିଲାମାନଙ୍କ ସହ କଥା ହୋଇଥିଲେ। କ୍ଷତିଗ୍ରସ୍ତ ପରିବାରଙ୍କ ଉଦ୍‌ବେଗକୁ ଜାତୀୟ ସ୍ତରରେ ଉଠାଇବେ ବୋଲି ରାହୁଲ ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ଗଣମାଧ୍ୟମ ଆଗରେ କହିଛନ୍ତି। ଆକ୍ରମଣରେ ଅନେକ ଜୀବନ ଯାଇଛି ଓ ବହୁ କ୍ଷୟକ୍ଷତି ହୋଇଛି। ଲୋକମାନଙ୍କ ସହ କଥା ହୋଇ ସେମାନଙ୍କ ସମସ୍ୟା ବୁଝିବାକୁ ଚେଷ୍ଟା କରିଥିଲି। ଲୋକେ ସେମାନଙ୍କ ସମସ୍ୟାକୁ ଜାତୀୟସ୍ତରରେ ପହଞ୍ଚାଇବା ପାଇଁ ଅନୁରୋଧ କରିଥିଲେ ବୋଲି ରାହୁଲ କହିଛନ୍ତି।

### ପଳାତକ ଅପରାଧୀ ଚଣ୍ଡୋକ୍‌ଙ୍କୁ ପ୍ରତ୍ୟର୍ପଣ କଲା ଆମେରିକା

ନୂଆଦିଲ୍ଲୀ,୨୪।୫

ଆମେରିକାରେ ରହୁଥିବା ମୋଷ୍ଟ ୱାଣ୍ଟେଡ୍ ପଳାତକ ଅପରାଧୀ ଅଙ୍ଗଦ ସିଂ ଚଣ୍ଡୋକ୍‌ଙ୍କୁ ଭାରତ ପ୍ରତ୍ୟର୍ପଣ କରାଇବାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ସଫଳ ହୋଇଛି। ହାଇପ୍ରୋଫାଇଲ୍ ବ୍ୟାଙ୍କ ଜାଲିଆତି ଏବଂ ମନିଲଣ୍ଡରିଂ ମାମଲାରେ ସମ୍ପୃକ୍ତ ଚଣ୍ଡୋକ୍ ଦୀର୍ଘବର୍ଷ ହେଲା ଫେରାର ଥିଲେ। ଆମେରିକା କର୍ତ୍ତୃପକ୍ଷ ତାଙ୍କୁ ବିଦା କରିବା ପରେ ଶନିବାର ସକାଳେ ସେ ନୂଆଦିଲ୍ଲୀର ଇନ୍ଦିରା



ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଛନ୍ତି। ସିବିଆଇ ଅଧିକାରୀମାନେ ତାଙ୍କୁ ହାଜତକୁ ନେଇଥିବାବେଳେ ଜେରା ପାଇଁ ଅଧିକ ଦିନ ରିମାଣ୍ଡରେ ନେବା ଲାଗି ସ୍ୱତନ୍ତ୍ର ଅଦାଲତଙ୍କୁ ନିବେଦନ କରିପାରନ୍ତି। ଆର୍ଥିକ ଅପରାଧରେ ସମ୍ପୃକ୍ତ ପଳାତକ ଅପରାଧୀମାନଙ୍କୁ ଆଇନର କାଠଗଡ଼ାକୁ ଆଣିବାରେ ଏହା ଏକ ବଡ଼ ସଫଳତା।

### ପାକିସ୍ତାନ ପାଇଁ ଗୁପ୍ତଚରଗିରି: ଗୁଜରାଟର ସ୍ୱାସ୍ଥ୍ୟକର୍ମୀ ଗିରଫ

ନୂଆଦିଲ୍ଲୀ,୨୪।୫

ପାକିସ୍ତାନ ପାଇଁ ଗୁପ୍ତଚରଗିରି କରୁଥିବା ଅଭିଯୋଗରେ ଗୁଜରାଟର ଜଣେ ସ୍ୱାସ୍ଥ୍ୟକର୍ମୀଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ସହଦେବ ସିଂ ଗୋହିଲ କଚ୍ଛ ବାସିନ୍ଦା ହୋଇଥିବା ଗୁଜରାଟ ଏଟିଏସ୍‌ର ବରିଷ୍ଠ ଅଧିକାରୀ କେ. ସିଦ୍ଧାର୍ଥ କହିଛନ୍ତି। ସେ ଭାରତୀୟ ବାୟୁସେନା (ଆଇଏଏଫ୍) ଏବଂ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାକିସ୍ତାନୀ ଏଜେଣ୍ଟଙ୍କ ସହ ଶେୟାର କରୁଥିଲେ। ଗୋହିଲ ୨୦୨୩ରେ ହ୍ୱାଟ୍ସଆପ୍ ଜରିଆରେ ପାକିସ୍ତାନୀ ଏଜେଣ୍ଟ ଅଦିତି ଭରଦ୍ୱାଜଙ୍କ ସହ ଯୋଗାଯୋଗରେ ଆସିଥିଲେ। ଏହାପରେ ସେ ଅଦିତିଙ୍କ ପାଖକୁ ଆଇଏଏଫ୍ ଏବଂ ବିଏସ୍‌ଏଫ୍‌ର ନବନିର୍ମିତ ବା ନିର୍ମାଣାଧୀନ ସାମରିକ ଘାଟିଗୁଡ଼ିକର ଫଟୋ ଓ ଭିଡିଓ ପଠାଇଥିଲେ।

ତଥ୍ୟ ପଠାଉଥିବା ଖବର ମିଳିବା ପରେ ଗୋହିଲଙ୍କୁ ଚଳିତ ମାସ ୧ ତାରିଖରେ ପ୍ରାରମ୍ଭିକ ତଦନ୍ତ ପାଇଁ ଡକାଯାଇଥିଲା। ଜେରା ବେଳେ ପାକିସ୍ତାନୀ ଏଜେଣ୍ଟ ତାଙ୍କୁ ଆଇଏଏଫ୍ ଏବଂ ବିଏସ୍‌ଏଫ୍ ସାଇଟ୍‌ଗୁଡ଼ିକର ଫଟୋ ଓ ଭିଡିଓ ମାଗିଥିବା



ସହଦେବ ସିଂ ଗୋହିଲ

ସ୍ୱତନ୍ତ୍ର ଟାସ୍କଫୋର୍ସ ଜାଣିବାକୁ ପାଇଥିଲା। ଅଫିସରଙ୍କ କହିବା ଅନୁଯାୟୀ, ୨୦୨୫ ଆରମ୍ଭରେ ଗୋହିଲ ନିଜ ଆଧାର କାର୍ଡରେ ଏକ ସିମ୍ କାର୍ଡ କିଣି ଓଟିପି ସହାୟତାରେ ସେହି ନମ୍ବରରେ ଅଦିତିଙ୍କ ପାଇଁ ହ୍ୱାଟ୍ସଆପ୍ ଆକ୍ଟିଭେଟ୍ କରିଥିଲେ। ପରେ ସେ ଉକ୍ତ ନମ୍ବରକୁ ତଥ୍ୟ ଶେୟାର ପାଇଁ ବ୍ୟବହାର କରୁଥିଲେ। ଉକ୍ତ ନମ୍ବର ପାକିସ୍ତାନରୁ ଅପରେଟ୍ କରାଯାଉଥିବା ଫୋରେନ୍‌ସିକ ଅନୁଧ୍ୟାନରୁ ଜଣାପଡ଼ିଛି। ଗୋହିଲଙ୍କୁ ଏଥିପାଇଁ ଜଣେ ଅଜଣା ବ୍ୟକ୍ତି ୪୦ ହଜାର ଟଙ୍କା ଦେଇଥିଲେ ବୋଲି ସିଦ୍ଧାର୍ଥ କହିଛନ୍ତି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଗୋହିଲଙ୍କୁ ମିଶାଇ ୧୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଗୁପ୍ତଚର ବୃତ୍ତି ଅଭିଯୋଗରେ ଗିରଫ କରାଗଲାଣି।

## ଫୁରସତ୍

# କିଛି ନ କରିବାର ପ୍ରତିଯୋଗିତା

**୯୦ ମିନିଟ୍ ପର୍ଯ୍ୟନ୍ତ ସ୍ଥିର ଭାବେ ବସି ରୁହନ୍ତି ପ୍ରତିଯୋଗୀ**

ସିଓଲ

ଦକ୍ଷିଣ କୋରିଆରେ ଗତ କିଛି ବର୍ଷ ଧରି ଏପରି ଏକ ପ୍ରତିଯୋଗିତାର ଆୟୋଜନ ହେଉଛି, ଯେଉଁଠାରେ କିଛି ନ କରି ଗୋଟିଏ ସ୍ଥାନରେ ସ୍ଥିର ଭାବେ ବସି ରହିବା ପାଇଁ ପୁରସ୍କୃତ କରାଯାଇଥାଏ। ଏହି ଅନନ୍ୟ ପ୍ରତିଯୋଗିତା ସ୍ପେସ୍-ଆଉଟ୍ ପ୍ରତିଯୋଗିତା ନାମରେ ପରିଚିତ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣକାରୀମାନଙ୍କୁ କେବଳ ଚୁପ୍‌ଚାପ୍ ନିଷ୍କ୍ରିୟ ହୋଇ ଗୋଟିଏ ସ୍ଥାନରେ ୯୦ ମିନିଟ୍ ପର୍ଯ୍ୟନ୍ତ ବସିବାକୁ ପଡ଼ିଥାଏ।



ସ୍ଥାନୀୟ କଳାକାର ଉପ୍‌ସ୍ୟାଙ୍ଗଙ୍କ ଦ୍ୱାରା ୨୦୧୪ରେ ଆରମ୍ଭ ହୋଇଥିବା ଏହି ସ୍ପେସ୍-ଆଉଟ୍ ପ୍ରତିଯୋଗିତା ପ୍ରତି ବର୍ଷ ଆୟୋଜିତ ହୋଇଥାଏ। ଧୀରେ ଧୀରେ ଏହାର ଲୋକପ୍ରିୟତା ବୃଦ୍ଧି ପାଇବାରେ ଲାଗିଛି। ଗତ ୧୧ ତାରିଖରେ ଏହି ପ୍ରତିଯୋଗିତାର ୧୧ତମ ସଂସ୍କରଣ ଦକ୍ଷିଣ କୋରିଆର ରାଜଧାନୀ ସିଓଲର ଜମସୁ ବ୍ରିଜ୍ ନିକଟସ୍ଥ ବାନ୍‌ପୋ ହାଙ୍ଗାଙ୍ଗ୍ ପାର୍କରେ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ପ୍ରାୟ ୪,୫୪୭ ଟିମ୍ ଆବେଦନ କରିଥିଲେ। ତେବେ ସେଥିମଧ୍ୟରୁ କେବଳ ୮୦ଟି ଟିମ୍‌ର ୧୨୬ ଜଣ ଅଂଶଗ୍ରହଣକାରୀ ଏହି ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିପାରିଥିଲେ। ବିଭିନ୍ନ ବୃତ୍ତି ଏବଂ କ୍ଷେତ୍ରରେ ନିୟୋଜିତ ଥିବା ବ୍ୟକ୍ତି ଏହି ପ୍ରତିଯୋଗିତାର ଅଂଶଗ୍ରହଣକାରୀ ଭାବେ ସ୍ଥାନ ପାଇଥିଲେ। ପ୍ରତିଯୋଗିତାର ନିୟମ ଅନୁଯାୟୀ, ଅଂଶଗ୍ରହଣକାରୀମାନେ ୯୦ ମିନିଟ୍ ପର୍ଯ୍ୟନ୍ତ ଅନ୍ୟ କୌଣସି ମଧ୍ୟ କାର୍ଯ୍ୟରେ ନିଜକୁ ନିୟୋଜିତ ନ କରି ସ୍ଥିର ହୋଇ ବସି ରହିବେ। ଏହି ସମୟରେ ସେମାନେ ନିଜ ଫୋନ୍ ବ୍ୟବହାର କରିବେ ନାହିଁ କିମ୍ବା ଅନ୍ୟ କାହା ସହ କଥା ମଧ୍ୟ ହୋଇପାରିବେ ନାହିଁ। ସେହିପରି ଯଦି କେହି ପ୍ରତିଯୋଗୀ ବିରକ୍ତ ହୋଇ ଶୋଇପଡ଼ନ୍ତି କିମ୍ବା କୌଣସି କାରଣବଶତଃ ହସି ଦିଅନ୍ତି ତେବେ ତାଙ୍କୁ ତତ୍‌କ୍ଷଣାତ୍ ଅଯୋଗ୍ୟ ଘୋଷଣା କରାଯାଇଥାଏ। ଲୋକଙ୍କ ହୃଦ୍‌ସ୍ପନ୍ଦନ ଆଧାରରେ ଏହି ପ୍ରତିଯୋଗିତାର ବିଜେତା ଚୟନ କରାଯାଇଥାଏ। ସବୁଠାରୁ ସ୍ଥିର ହୃଦ୍‌ସ୍ପନ୍ଦନ ହାର ଥିବା ଅଂଶଗ୍ରହଣକାରୀ ଏହି ପ୍ରତିଯୋଗିତାକୁ ଜିତିଥାନ୍ତି।

### କାନ୍ସ ରେଡ୍ କାର୍ପେଟରେ ଆଲିଆଙ୍କ ଡେବ୍ୟୁ

ନୂଆଦିଲ୍ଲୀ

କାନ୍ସ ଫିଲ୍ମ ଫେଷ୍ଟିଭାଲର ୭୮ତମ ସଂସ୍କରଣରେ ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ଯୋଗଦେଇଛନ୍ତି। ଏହି ମର୍ଯ୍ୟାଦାଜନକ ଉତ୍ସବରେ ୩୨ ବର୍ଷୀୟା ଅଭିନେତ୍ରୀ ତାଙ୍କ ରେଡ୍ କାର୍ପେଟ ଡେବ୍ୟୁରେ ମାଇସନ୍ ସିଆପାରେଲିଙ୍କ ପ୍ରସ୍ତୁତ ଉନ୍ନତ ଡିଜାଇନ୍‌ର ଫିସ୍‌ଟେଲ୍ ଗାଉନ୍‌ରେ ଦର୍ଶକଙ୍କୁ ଆକର୍ଷିତ କରିଛନ୍ତି। ଆଲିଆ ନିଜ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ କେତେଗୁଡ଼ିଏ ଫଟୋ ଶେୟାର କରି 'ହେଲୋ କେନ୍ସ' କ୍ୟାପ୍‌ଶନ ଲେଖିବା ସହ ଲେରିୟଲ ପ୍ୟାରିସ୍‌କୁ ଟ୍ୟାଗ୍ କରିଛନ୍ତି। ବିଉଟି ବ୍ରାଣ୍ଡ ଲେରିୟଲ ପ୍ୟାରିସ୍‌ର ଗ୍ଲୋବାଲ ଆମ୍ବାସାଡର ରହିଛନ୍ତି ଆଲିଆ।



# ବଚସାରୁ ସ୍ତ୍ରୀଙ୍କ ଉପରେ ଢାଳିଲେ ଏସିଡ୍

ବେଙ୍ଗାଲୁରୁ,୨୪।୫(ପି.ଟି.)



ପାରିବାରିକ କଳହ ଏବେ ଉଗ୍ର ହେବାରେ ଲାଗିଛି। ଛୋଟ ଛୋଟ ଘଟଣାରେ ଉତ୍କ୍ଷିପ୍ତ ହୋଇ ଅଘଟଣ ଘଟାଇବାକୁ ପଛାଉ ନାହାନ୍ତି। ପରିବାରରେ ବଚସା କାରଣରୁ ବେଙ୍ଗାଲୁରୁରେ ଜଣେ ସ୍ୱାମୀ ସ୍ତ୍ରୀଙ୍କ ଉପରକୁ ଟଏଲେଟରେ ବ୍ୟବହାର ହେଉଥିବା ଏସିଡ୍ କ୍ଲିନର ଢାଳି ଦେଇଛନ୍ତି। ଗୁରୁତର ଅବସ୍ଥାରେ ମହିଳାଙ୍କୁ ପଡ଼ୋଶୀମାନେ ହସ୍ପିଟାଲରେ ଭର୍ତ୍ତି କରିଥିବାବେଳେ ଅଭିଯୁକ୍ତ ସ୍ୱାମୀ ଫେରାର ହୋଇଯାଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ମିଳିଥିବା ସୂଚନାନୁସାରେ, ବେଙ୍ଗାଲୁରୁରେ ରହୁଥିବା ୪୪ବର୍ଷୀୟା ସିଦେଦାହାଲି ଜଣେ ବ୍ୟୁଟିସିଆନ୍ ଭାବେ କାମ କରନ୍ତି। ସେ ତାଙ୍କ ସ୍ୱାମୀଙ୍କ ସହ ରୁହନ୍ତି। ଗତ ୧୯ତାରିଖ ରାତିରେ ସ୍ୱାମୀ ମଦ୍ୟପାନ କରିବା ପାଇଁ ସିଦେଦାହାଲିଙ୍କୁ ଟଙ୍କା ମାଗିଥିଲେ। ହେଲେ ଟଙ୍କା ଦେବାକୁ ସ୍ତ୍ରୀ ମନା କରିଦେଇଥିଲେ। ପରେ ସ୍ତ୍ରୀଙ୍କ ଠାରୁ କୌଣସି ପ୍ରକାରେ ଟଙ୍କା ନେବାରେ ସ୍ୱାମୀ ସଫଳ ହୋଇ ବାହାରକୁ ଯାଇଥିଲେ। କିଛି ସମୟପରେ ମଦ୍ୟପାନ କରି ଘରକୁ ଫେରିଥିଲେ। ବିଳମ୍ବିତ ରାତିରେ ଘରେ ମୋବାଇଲ ଫୋନ୍‌ରେ ଅଧିକ ସାଉଣ୍ଡ ବା ଶବ୍ଦ ଦେଇ ଗୀତ ଶୁଣିବାରୁ ସ୍ତ୍ରୀ ଏହାକୁ ବିରୋଧ କରି ଶବ୍ଦ ପ୍ରଦୂଷଣ ନ କରିବାକୁ କହିଥିଲେ। ହେଲେ ଏଥିରେ ସ୍ୱାମୀ ରାଜି ନ ହୋଇ ଜୋରରେ ସାଉଣ୍ଡ ଦେଇ ଗୀତ ଶୁଣିଥିଲେ, ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସ୍ୱାମୀ ବାଥ୍‌ରୁମ୍‌ରେ ଥିବା ଟଏଲେଟ କ୍ଲିନର ଏସିଡ୍ ଆଣି ସ୍ତ୍ରୀଙ୍କ ମୁହଁରେ ଢାଳି ଦେଇଥିଲେ। ସିଦେଦାହାଲି ଯନ୍ତ୍ରଣାରେ ଛଟପଟ ହୋଇ ସହାୟତା ପାଇଁ ଚିତ୍କାର କରୁଥିବାବେଳେ ତାଙ୍କୁ ସହଯୋଗ ନ କରି ସ୍ୱାମୀ ଘରୁ ଫେରାର ହୋଇଯାଇଥିଲେ। ପରେ ପଡ଼ୋଶୀ ସିଦେଦାହାଲିଙ୍କ ପାଟି ଶୁଣି ତାଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପୋଲିସ ଏନେଇ ଏକ ମାମଲା ରୁଜୁ କରି ସିଦେଦାହାଲିଙ୍କ ସ୍ୱାମୀଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ସହ ତଦନ୍ତ ଜାରି ରଖିଥିବା ସୂଚନା ଦେଇଛି।

# ଭଡ଼ାଟିଆଙ୍କ ପାଖରେ ରଖିଥିଲେ ୫୫ ଲକ୍ଷ ଟଙ୍କା, ୧.୪ କେଜି ସୁନା

## ଆର୍‌ଆଣ୍ଡ୍‌ବି କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ସେଠୀ ଗିରଫ

■୩୪୭% ଅଧିକ ଆୟବହିର୍ଭୂତ ସମ୍ପତ୍ତି ଠାବ

ଭୁବନେଶ୍ୱର,୨୪।୫(ସତ୍ୟଜିତ୍ ରାଉତ)



ନୂଆପଡା ଜିଲା ଖରିଆରସ୍ଥିତ ରାସ୍ତା ଓ ଗୃହ ବିଭାଜନର କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ସେଠୀଙ୍କୁ ଗୁରୁବାର ଭିଜିଲାନ୍ସ ଗିରଫ କରିଛି। ସୁଶାନ୍ତଙ୍କ ଠାରୁ ଠାବ ହୋଇଥିବା ସମ୍ପତ୍ତି ତାଙ୍କ ପ୍ରକୃତ ଆୟଠାରୁ ୩୪୭% ଅଧିକ ହେବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ଭିଜିଲାନ୍ସ ସେଲ୍ ପୋଲିସ ଷ୍ଟେଶନ ଥାନାରେ ସୁଶାନ୍ତଙ୍କ ବିରୋଧରେ ମାମଲା ନଂ.୫/୨୦୨୫ ରୁଜୁ କରାଯାଇଛି। ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିବାରେ ସୁଶାନ୍ତଙ୍କୁ ସହଯୋଗ କରିଥିବାରୁ ତାଙ୍କ ସ୍ତ୍ରୀଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ଅଭିଯୁକ୍ତ ସୁଶାନ୍ତଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଭିଜିଲାନ୍ସ ଯାଞ୍ଚବେଳେ ଆଉ ଏକ ବଡ଼ ଘଟଣା ସାମ୍ନାକୁ ଆସିଛି। ସୁଶାନ୍ତଙ୍କ ସ୍ତ୍ରୀ ଗଙ୍ଗୋତ୍ରୀ ବିହାରରେ ରହୁଥିବା ଭଡ଼ାଟିଆଙ୍କ ବିରୋଧରେ ଧଉଳି ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଭଡ଼ାଟିଆଙ୍କୁ ୫୫ଲକ୍ଷ ଟଙ୍କା ଓ ୧.୪ କେ.ଜି. ସୁନା ଦେଇଥିବାବେଳେ ସେମାନେ ଫେରାଉ ନ ଥିବା ନେଇ ଏତଲାରେ ଦର୍ଶାଯାଇଥିଲା। ଏହାକୁ ନେଇ ଧଉଳି ପୋଲିସ ୨୦୨୪ ଏପ୍ରିଲ ୧୩ରେ ଏକ ମାମଲା (ନଂ.୯୩/୨୦୨୪) ରୁଜୁ କରିଥିଲା। ତେବେ ଏହି ଦସ୍ତାବିଜ ମିଳିବା ପରେ ଏହା ଦୁର୍ନୀତି ଟଙ୍କା ବୋଲି ସନ୍ଦେହ କରି ଭିଜିଲାନ୍ସ ଅଧିକ ତଦନ୍ତ କରୁଛି। ସେତେବେଳେ ଭିଜିଲାନ୍ସରେ ଅଭିଯୋଗ ହୋଇଥିବା ଜାଣିବା ପରେ ଚଢ଼ାଉ ଆଶଙ୍କାରେ ସୁଶାନ୍ତ ଓ ତାଙ୍କ ସ୍ତ୍ରୀ ବିପୁଳ ଟଙ୍କା ଓ ସୁନା ଭଡ଼ାଟିଆଙ୍କ ଘରେ ଲୁଚାଇ ରଖିଥିବା କୁହାଯାଉଛି। ତେବେ ଏନେଇ ଧଉଳି ଥାନା ଆଇଆଇସି ପ୍ରଦୀପ୍ତ କୁମାର ମିଶ୍ର କହିଛନ୍ତି, ଏଯାଏ କୌଣସି ପ୍ରମାଣ ମିଳିନାହିଁ। ଭିଜିଲାନ୍ସର ତଥ୍ୟ ଅନୁଯାୟୀ ସୁଶାନ୍ତଙ୍କର ଭୁବନେଶ୍ୱର ଲିଙ୍ଗିପୁର ଗଙ୍ଗୋତ୍ରୀନଗରସ୍ଥିତ ପ୍ଲଟ୍ ନଂ.୧୦ରେ ୬୫୦୦ ବର୍ଗଫୁଟରେ ଏକ ୩ ମହଲା କୋଠା ଓ ପ୍ଲଟ୍ ନଂ.୧୦/୩୯୨୦ରେ ପ୍ରାୟ ୧୫୦୦ ବର୍ଗଫୁଟରେ ଏକ ନିର୍ମାଣାଧୀନ କୋଠା ରହିଛି। ସେହିପରି ପୁରୀ ଜିଲା ପିପିଲି ବିଲିପଡାସ୍ଥିତ ପ୍ଲଟ୍ ନଂ. ୭୪୯ରେ ୧ ଏକର ଜାଗାରେ ଗୋଟିଏ ଫାର୍ମ ହାଉସ୍ ଓ ବିଭିନ୍ନ ସ୍ଥାନରେ ୯ଟି ମୂଲ୍ୟବାନ୍ ପ୍ଲଟ୍ ଏବଂ ବହୁ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଛି। ଏଥିସହ ସୁଶାନ୍ତଙ୍କ ବ୍ୟାଙ୍କ ଓ ଜୀବନବୀମା ଜମା ୫୫ ଲକ୍ଷ ଟଙ୍କା ଥିବା ଭିଜିଲାନ୍ସ ଟିମ୍ ଜାଣିବାକୁ ପାଇଛି।

# ରାଜା ଚକ୍ର, ୨ ସହଯୋଗୀ କୋର୍ଟରେ ହାଜର



ପୋଲିସ କଡ଼ା ସୁରକ୍ଷା ବଳୟରେ ରାଜା ଚକ୍ରଙ୍କୁ କୋର୍ଟକୁ ନେଉଛି।

## ବଟି ମାଗିବା, ଲୋଡର ଛଡ଼ାଇ ନେଇ ବିକ୍ରି ଘଟଣା

## ଜାମିନ ଆବେଦନ ଖାରଜ

କେନ୍ଦୁଝର,୨୪।୫(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଏସ୍‌ଡିଜେଏମ୍ କୋର୍ଟରେ ରାଜା ଚକ୍ର ଓ ଅନ୍ୟ ୨ ସହଯୋଗୀ ହାଜର ହୋଇଥିଲେ। ରାଜା ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଦୁର୍ନୀତି ମାମଲାରେ ଗିରଫ ହୋଇ ଜେଲରେ ଥିବା ବେଳେ ସଦର ଥାନାରେ ବନ୍ଧୁକ ଦେଖାଇ ବଟି ମାଗିବା ଓ ଲୋଡ୍‌ର ମେଶିନ ଛଡ଼ାଇନେଇ ଜାଲ୍ ଦସ୍ତଖତ କରି ବିକ୍ରି କରିଦେବା ଭଳି ଏକ ସଙ୍ଗିନ ଅଭିଯୋଗ ହୋଇଥିଲା। ଉକ୍ତ ମାମଲା ମଧ୍ୟ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। କୋର୍ଟଙ୍କ ରିମାଣ୍ଡ ଅନୁଯାୟୀ ଉକ୍ତ ମାମଲାରେ ଶନିବାର ରାଜା ଚକ୍ରଙ୍କ ସହ ମାନସ ବାରିକ ଓ ଉତ୍କଳ ଦାସଙ୍କୁ କଡ଼ା ସୁରକ୍ଷା ବ୍ୟବସ୍ଥାରେ ହାଜର କରାଯାଇଥିଲା। ଅନ୍ୟପକ୍ଷରେ ରାଜାଙ୍କ ଓକିଲ ଉକ୍ତ ମାମଲାରେ ଜାମିନ ଆବେଦନ କରିଥିଲେ। ମାତ୍ର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଇ ଦିଆଯାଇଥିଲା।

ସୂଚନାଥାଉ କି, ବହୁଚର୍ଚ୍ଚିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ଅନେକ କୋଟି ଟଙ୍କାର ଦୁର୍ନୀତି ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା ରାଜା ଚକ୍ର ଏବଂ ତାଙ୍କର ଅନ୍ୟ ୩ ସହଯୋଗୀଙ୍କୁ ଗିରଫ କରିଥିଲା। ଗିରଫ ପରେ ସମସ୍ତ ଅଭିଯୁକ୍ତ ଜାମିନ ପାଇଁ ନିମ୍ନ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ସେଠାରୁ ଜାମିନ ଖାରଜ ହେବା ପରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ମାମଲାରେ ସମସ୍ତ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ଅଭିଯୁକ୍ତମାନେ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ହୋଇଥିବାରୁ ଜାମିନ୍‌ରେ ବାହାରିଲେ। ତଦନ୍ତ ପ୍ରଭାବିତ ହେବାର ଆଶଙ୍କା ଥିବାରୁ ହାଇକୋର୍ଟ ଆବେଦନକୁ ଖାରଜ କରିଥିଲେ। ସେବେଠାରୁ ରାଜା ଜେଲରେ ଅଛନ୍ତି।

ଅନ୍ୟପକ୍ଷେ ରାଜା ଚକ୍ର ଓ ତାଙ୍କର ଅନ୍ୟ ୮ ଜଣ ସହଯୋଗୀ ଦାଦାବଟି ମାଗିବା, ଧମକ ଚମକ ଏବଂ ଲୋଡର ମେଶିନ ଛଡ଼ାଇ ନେଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ଶୁଆକାଟି ଅଞ୍ଚଳର ସୁଶାନ୍ତ ବାରିକ କେନ୍ଦୁଝର ସଦର ଥାନାରେ ୨୬ ଏପ୍ରିଲ ୨୦୨୫ରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ରାଜାଙ୍କ ସମେତ ୮ ଜଣଙ୍କ ବିରୋଧରେ ମାମଲା (ନଂ.୧୮୪/ ୨୦୨୫) ରୁଜୁ କରିଥିଲା। ଅଭିଯୋଗ ମୁତାବକ, ଘଟଣା ୨୬ ମାର୍ଚ୍ଚ ୨୦୨୪ରେ ଘଟିଥିଲା। ମାତ୍ର ମାମଲା ୨୬ ଏପ୍ରିଲ ୨୦୨୫ ଅର୍ଥାତ ବର୍ଷକ ପରେ ରୁଜୁ ହେବା ଘଟଣାକୁ ନେଇ ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ଠିକ୍ ତଦନ୍ତ କରି କୋର୍ଟକୁ ସବିଶେଷ ରିପୋର୍ଟ ଦେବା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ମତପ୍ରକାଶ ପାଉଛି।

# ରଣପୁର ତତ୍କାଳୀନ ଥାନାଧିକାରୀ ଓଏଚ୍‌ଆର୍‌ସିରେ ଦଣ୍ଡିତ

ଭୁବନେଶ୍ୱର/ ରଣପୁର,୨୪।୫
(ସତ୍ୟଜିତ୍ ରାଉତ/ ସୁକାନ୍ତ କିଶୋର ଡାକୁଆ)

## ୪ ମାସରେ ୩ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ



ରଶ୍ମିରଞ୍ଜନ ଦାସ

ଓଡ଼ିଶା ମାନବ ଅଧିକାର କମିଶନ(ଓଏଚ୍‌ଆର୍‌ସି)ଙ୍କ କୋର୍ଟରେ ରଣପୁର ଥାନାର ପୂର୍ବତନ ଆଇଆଇସି ରଶ୍ମିରଞ୍ଜନ ଦାସ ଦଣ୍ଡିତ ହୋଇଛନ୍ତି। ୪ମାସ ମଧ୍ୟରେ ୩ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ରଶ୍ମିରଞ୍ଜନଙ୍କୁ ନିର୍ଦ୍ଦେଶ ହୋଇଛି। ଏକ ମରଣାନ୍ତକ ଆକ୍ରମଣ ମାମଲାରେ ଆକ୍ରମଣକାରୀଙ୍କଠାରୁ ଲାଞ୍ଚ ନେଇ ଅନୁଗ୍ରହ ଦେଖାଇବା, ୧୭ଦିନ ଭିତରେ ଚାର୍ଜଶିଟ ଦେବା, ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଥିଲେ ହେଁ ଦଫା ୩୦୭ ନ ଲଗାଇ ଅଭିଯୁକ୍ତଙ୍କ ବିରୋଧରେ କୋହଳ ଦଫା ଲଗାଇ ଥାନାରୁ ବେଲ୍ ଦେବା ପରି ଘଟଣାରେ କମିଶନ କୋର୍ଟ ଭର୍ତ୍ସନା କରି ଆଇଆଇସିଙ୍କୁ ଦଣ୍ଡିତ କରିଛନ୍ତି।

ମିଳିଥିବା ସୂଚନାନୁସାରେ, ନୟାଗଡ଼ ଜିଲା ରଣପୁର ଥାନା ଗୋପାଳପୁର ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାମରେ ୨୦୨୦ ଜୁନ୍ ୫ରେ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଦିଲୀପ ବାରିକ ଓ ରବୀନ୍ଦ୍ର ବାରିକଙ୍କୁ ସେହି ଗ୍ରାମର କେତେଜଣ ଲୋକ କଟୁରି, ଫାର୍ସା ଆଦି ମାରଣାସ୍ତ୍ରରେ ଆକ୍ରମଣ କରି ହତ୍ୟା ଉଦ୍ୟମ କରିଥିଲେ। ଦିଲୀପ ଓ ରବୀନ୍ଦ୍ର ଉଭୟେ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ହସ୍ପିଟାଲରେ ୧୫ଦିନ ଧରି ଚିକିତ୍ସିତ ହେବା ପରେ ସୁସ୍ଥ ହୋଇଥିଲେ। ଏହି ଘଟଣାରେ ରବୀନ୍ଦ୍ରଙ୍କ ସ୍ତ୍ରୀ ପ୍ରତିମା, ପୁଅ ନଣ୍ଡା ବାରିକ ଏବଂ ଝିଅ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଏନେଇ ରବୀନ୍ଦ୍ରଙ୍କ ସାନଭାଇ ସୁରେନ୍ଦ୍ର ସାମନ୍ତରାୟ ଓରଫ ବାରିକ ରଣପୁର ଥାନାରେ ଲିଖିତ ଅଭିଯୋଗ କରିବାପରେ ତତ୍କାଳୀନ ଆଇଆଇସି ରଶ୍ମିରଞ୍ଜନ ଦାସ ଆଇପିସି ଦଫା ୩୨୩, ୩୨୪, ୩୫୪, ୫୦୬ ଏବଂ ୩୪ରେ ଏକ ମାମଲା (ନଂ.୨୫୧/୨୦) ରୁଜୁ କରିଥିଲେ। ତେବେ ମରଣାନ୍ତକ ଆକ୍ରମଣ ହୋଇଥିବା ସତ୍ତ୍ୱେ ଦଫା ୩୦୭ ନ ଲଗାଇ ଆକ୍ରମଣକାରୀଙ୍କୁ ଥାନାରୁ ଜାମିନ ପ୍ରଦାନ କରାଯାଇଥିଲା। ଏପରି କି ମାତ୍ର ୧୭ଦିନ ଭିତରେ ମାମଲାର ଚାର୍ଜଶିଟ୍ କୋର୍ଟରେ ଦାଖଲ ହୋଇଥିଲା। ଥାନାରୁ ନ୍ୟାୟ ନ ପାଇବାରୁ ସୁରେନ୍ଦ୍ର ଓଏଚ୍‌ଆର୍‌ସିଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଆକ୍ରମଣକାରୀଙ୍କଠାରୁ ଲାଞ୍ଚ ନେଇ ମାମଲାକୁ ଚପାଇଦେବାକୁ ତତ୍କାଳୀନ ଆଇଆଇସି ରଶ୍ମିରଞ୍ଜନ ଚେଷ୍ଟା କରିଥିଲେ ବୋଲି ଅଭିଯୋଗ ହୋଇଥିଲା। କମିଶନର ଅଭିଯୋଗକୁ ଗ୍ରହଣକରି ଏକ ମାମଲା(ନଂ.୨୮୭୭/୨୦୨୦) ରୁଜୁ କରି ବିଚାର ଆରମ୍ଭ କରିଥିଲେ। ଗତ ଏପ୍ରିଲ ୨୨ରେ କମିଶନ ଏହି ରାୟ ପ୍ରକାଶ କରିଥିବା ଜଣାପଡ଼ିଛି। ରଶ୍ମିରଞ୍ଜନ ଏବେ ଜଗତ୍‌ସିଂହପୁର ଜିଲା କୃଷ୍ଣାନନ୍ଦପୁର ଥାନା ଅଧିକାରୀଭାବେ କାର୍ଯ୍ୟରତ ଥିବାବେଳେ ତାଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# ଗୋଡ଼ାଇ ଗୋଡ଼ାଇ ଟାଙ୍ଗିଆରେ ହାଣି ହତ୍ୟା

ରେଢ଼ାଖୋଲ, ୨୪।୫
(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ବୁର୍ଡା ପଞ୍ଚାୟତ ବଡ଼ମାଳ ଗ୍ରାମରେ ଶନିବାର ପୂର୍ବାହ୍ନ ୧୦ଟାବେଳେ ଜମିବାଡ଼ି ବିବାଦକୁ ନେଇ ହତ୍ୟାକାଣ୍ଡ ଘଟିଛି। ଗ୍ରାମର ପ୍ରଫୁଲ୍ଲ ନାଏକ (୬୦)ଙ୍କୁ ସେହି ଗ୍ରାମର ବିଭୂତି ପ୍ରଧାନ ଗୋଡ଼ାଇ ଗୋଡ଼ାଇ ଟାଙ୍ଗିଆରେ ଆକ୍ରମଣ କରିବାରୁ ତାଙ୍କର ମୃତ୍ୟୁ ହୋଇଛି। ଖବରପାଇ ରେଢାଖୋଲ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ରେଢାଖୋଲ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ବିଭୂତି ପ୍ରଧାନଙ୍କୁ ଗିରଫ କରିବା ସହ ଟାଙ୍ଗିଆ ଜବତ କରିଛି।

ପ୍ରଫୁଲ୍ଲ ଏକ ଜେସିବି ମେଶିନ ନେଇ ପୂର୍ବାହ୍ନରେ ତାଙ୍କ ଚାଷ ଜମିରେ ମାଟିକାମ କରୁଥିଲେ। ତେବେ କିଛି ମାଟି ପାଖରେ ଥିବା ବିଭୂତିଙ୍କ ଜମିରେ ପଡ଼ିଯାଇଥିଲା। ଏହି ଜମିକୁ ନେଇ ଉଭୟ ପରିବାର ମଧ୍ୟରେ ପୂର୍ବରୁ ବିବାଦ ରହିଥିଲା। ମାଟି ବିଭୂତିଙ୍କ ଜମିରେ ପଡ଼ିଥିବା ଜାଣି ବିଭୂତିଙ୍କ ସହ ତାଙ୍କ ଭାଇ ଓ ଅନ୍ୟ ପରିବାରବର୍ଗ ଯାଇ ପ୍ରଫୁଲ୍ଲଙ୍କ ସହ ପାଟିତୁଣ୍ଡ କରିଥିଲେ। ତେବେ ଏହାକୁ ନେଇ ବିଭୂତି ଉତ୍ତ୍ୟକ୍ତ ହୋଇ ଏକ ଟାଙ୍ଗିଆ ଧରି ପ୍ରଫୁଲ୍ଲଙ୍କୁ ଚାଷଜମିରେ ମାରିବାକୁ ଉଦ୍ୟମ କରିଥିଲେ। ପ୍ରଫୁଲ୍ଲ ଜୀବନ ବିକଳରେ ଦୌଡି ପଳାଇବାକୁ ଚେଷ୍ଟା କରିଥିଲେ। ହେଲେ ବିଭୂତି ଗୋଡାଇ ଗୋଡାଇ ପ୍ରଫୁଲ୍ଲଙ୍କ ବେକରେ ଟାଙ୍ଗିଆ ଚୋଟ ମାରିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ଥାନା ଅଧିକାରୀ ଚନ୍ଦ୍ରମୋହନ ସିଂ କହିଛନ୍ତି। ଏ ନେଇ ପ୍ରଫୁଲ୍ଲଙ୍କ ବଡ଼ପୁଅ ତରଣୀ ସେନ ନାଏକ ରେଢାଖୋଲ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ପୋଲିସ ଏକ ହତ୍ୟା ମାମଲା (ନଂ. ୧୨୭/୨୦୨୫) ରୁଜୁ କରି ଘଟଣାର ତଦନ୍ତ କରୁଛି।

# ୩୮.୮୮ ଲକ୍ଷ ସାଇବର ଠକେଇ ମାମଲାରେ ୧୨ ଗିରଫ

ବଡ଼ବିଲ,୨୪।୫(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଞ୍ଚଳର ଜଣେ ବ୍ୟବସାୟୀଙ୍କଠାରୁ ସାଇବର ଠକେଇ ଘଟଣାରେ କେନ୍ଦୁଝର ସାଇବର ପୋଲିସ ଆଉ ୧୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଦେବଗଡ ଜିଲା ଖଜୁରିଖିମାନ ଗ୍ରାମର ଅମଲ ନାଏକ, ଅନୁଗୋଳ ଜିଲା ତାଳଚେର ଥର୍ମାଲ ଅଞ୍ଚଳର ଅବିନାଶ ନାଏକ, ବଲାଙ୍ଗୀର ଅମିତ ଗୋଚ୍ଛାୟତ, ଜଗନ୍ନାଥପୁରର ଶୁଭେନ୍ଦୁ ବେହେରା, ବଲାଙ୍ଗୀର ଜିଲା ଟାଉନ ଥାନା ଅଧୀନ ବିବେକାନନ୍ଦ ଯାଦବ, ମୁରିବାହାଲ ଥାନା ଅଧୀନ ଗଁରେଇ ଗ୍ରାମର ଆକାଶ ବାଗ, ଭଦ୍ରକ ଜିଲା ଚଡ଼କ ମହୋଲ୍ଲା ଅଞ୍ଚଳର ଜାମିଲ ଅଖତାର, ସେଖ୍ ମୁସ୍ତାକିନ, ପୁରୁଣା ବଜାର ଅଞ୍ଚଳର ସେଖ୍ ସୈଫ କାଦ୍ରି, ଉତ୍ତରପ୍ରଦେଶ ଧାନୌରା ଥାନା ଅଧୀନ ଖାୱଡ ଗ୍ରାମର ପୁନିତ କୁମାର, ପୂର୍ବଦିଲ୍ଲୀସ୍ଥିତ ନରିମାନ ବିହାର ଥାନା ଅଧୀନ ଏଫ୍-୬୪ ଅଞ୍ଚଳରେ ରହୁଥିବା ଏମ୍‌ଡି ଅନୱର ଏବଂ ବିହାର ଘନଶ୍ୟାମପୁର ଥାନା ଅଧୀନ ପାଲି ଗ୍ରାମର ସାଦ୍ରେ ଆଲମ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

ସୂଚନା ଅନୁଯାୟୀ, ୨୦୨୪ ଅକ୍ଟୋବରରେ ବଡ଼ବିଲ ସୁନ୍ଦରାବସ୍ତି ଅଞ୍ଚଳରେ ରହୁଥିବା ପ୍ରଦୀପ ଦୁବେ ନାମକ ବ୍ୟବସାୟୀଙ୍କ ମୋବାଇଲକୁ ହ୍ୱାଟ୍‌ସଆପ୍ ଜରିଆରେ ଜେପ ମୋରଜେନ କମ୍ପାନୀରୁ ଅନ୍‌ଲାଇନ ଟ୍ରେଡିଂ କରିବାକୁ ଲିଙ୍କ୍ ଆସିଥିଲା। ଟ୍ରେଡିଂ ନିମନ୍ତେ ପ୍ରଦୀପ ସେହି ଲିଙ୍କ୍ ଜରିଆରେ ପଞ୍ଜୀକରଣ କରି କମ୍ପାନୀ ଦ୍ୱାରା ପ୍ରଦତ୍ତ ଆକାଉଣ୍ଟ ନମ୍ବରରେ ବିଭିନ୍ନ କିସ୍ତିରେ ୨୦୨୪ ନଭେମ୍ବର ୬ ତାରିଖଠାରୁ ମୋଟ ୩୮.୮୮ ଲକ୍ଷ ଟଙ୍କା ଜମା କରିଚାଲିଥିଲେ। ତେବେ ୩୮.୮୮ ଲକ୍ଷ ଟଙ୍କା ପ୍ରଦାନ ପରେ ପ୍ରଦୀପଙ୍କର କୌଣସି କାରଣରୁ ଟଙ୍କାର ଆବଶ୍ୟକ ହେବାରୁ ଜମା କରିଥିବା ଟଙ୍କା ଉଠାଣ କରିବାକୁ ଅନ୍‌ଲାଇନ ଜରିଆରେ ଡିସେମ୍ବରରେ ଅନୁରୋଧ କରିଥିଲେ। ପ୍ରତ୍ୟୁତ୍ତରରେ ଆହୁରି ୩୦ ପ୍ରତିଶତ ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଆସିବାରୁ ପ୍ରଦୀପଙ୍କ ମନରେ ସନ୍ଦେହ ଜାତ ହୋଇଥିଲା। ଏ ନେଇ ଏ ନେଇ ପ୍ରଦୀପ କେନ୍ଦୁଝରସ୍ଥିତ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ପାଇ ସାଇବର ଥାନା ପୋଲିସ ୫ ଡିସେମ୍ବର ୨୦୨୪ରେ କେନ୍ଦୁଝର ସାଇବର କ୍ରାଇମ ଆଣ୍ଡ ଇକୋନୋମିକ ଅଫେନ୍ସ ମାମଲା(ନଂ ୩୧/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୂର୍ବରୁ ଏହି ମାମଲରେ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ଏବେ ଗିରଫଙ୍କ ସଂଖ୍ୟା ୧୫ରେ ପହଞ୍ଚିଛି। ଆହୁରି ଅନେକ ସମ୍ପୃକ୍ତ ଥିବା ସନ୍ଦେହ କରାଯାଇଥିବା ବେଳେ ସାଇବର ପୋଲିସ ତଦନ୍ତ ଜାରିରଖିଥିବା କହିଛି।


**पूर्व तट रेलपथ** — ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ସଂ. 10-SBP-TRD-OT-2025-26, ତା.19.05.2025ରିଖ

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ TRR, TSR ଏବଂ CTR କାର୍ଯ୍ୟର ସମ୍ବନ୍ଧରେ ବୋଣ୍ଡିଙ୍ଗ୍ (Bonding) କାର୍ଯ୍ୟ।

ଆନୁମାନିକ ମୂଲ୍ୟ : ₹ 34,30,647.32, EMD : ₹ 68,600/-, ଶେଷ ହେବା ଅବଧି: 08 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.06.2025ରିଖ 1530 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-160/Q/25-26



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-13, ତା.19.05.2025ରିଖ

କାର୍ଯ୍ୟର ନାମ: ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳରେ ଟ୍ରାକ୍ସନ ବିତରଣ ପ୍ରବନ୍ଧନ ପ୍ରଣାଳୀ (TDMS) ଏବଂ ୟୁଜର ଡିପୋ ମଡ୍ୟୁଲ (UDM) ପାଇଁ ଇନ୍‌ଫ୍ରାଷ୍ଟ୍ରକ୍‌ଚର ର ବ୍ୟବସ୍ଥା ସମ୍ବନ୍ଧରେ ସମ୍ବଲପୁର ମଣ୍ଡଳର 13 ସଂଖ୍ୟକ ଡିପୋ (ବଇଣ୍ଡା, ରେଢ଼ାଖୋଲ, ସମ୍ବଲପୁର ସିଟୀ, ରେଙ୍ଗାଲି, ବରଗଡ଼ ରୋଡ଼, ବଲାଙ୍ଗୀର, ଟିଟିଲାଗଡ଼, ରୁପ୍ରା ରୋଡ଼, ମୁନିଗୁଡ଼ା, ଭବାନିପାଟଣା, କଣ୍ଟାବାଞ୍ଜି, ଖରିୟାର ରୋଡ଼ ଏବଂ ମହାସମୁନ୍ଦ) ଏବଂ 06 ସଂଖ୍ୟକ PSI ଡିପୋ (ରେଢ଼ାଖୋଲ, ସମ୍ବଲପୁର ସିଟୀ, ଖରିୟାର ରୋଡ଼, ବଲାଙ୍ଗୀର, ଟିଟିଲାଗଡ଼ ଏବଂ ମୁନିଗୁଡ଼ା) ପର୍ଯ୍ୟନ୍ତ ରେଲନେଟ୍ ର ବିସ୍ତାର।

ଟେଣ୍ଡର ମୂଲ୍ୟ : ₹ 68,30,702.89, ବିଡ୍ ସିକ୍ୟୁରିଟୀ: ₹ 1,36,600/-

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.06.2025ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ (ଟେଲି), ସମ୍ବଲପୁର
PR-164/Q/25-26



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETELCONBBST-370E, ତା.21.05.2025ରିଖ

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ବୁଢ଼ାପଙ୍କ-ଜରପଡ଼ା ସେକ୍ସନ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ ସମ୍ବନ୍ଧୀୟ ତାଳଚେର ରୋଡ଼ TSS ନିମନ୍ତେ ଫିଡର ସହିତ ବୁଢ଼ାପଙ୍କ ୟାର୍ଡ, ବୁଢ଼ାପଙ୍କ-ତାଳଚେର ରୋଡ଼ ସେକ୍ସନର ବଳକା ଥିବା କାର୍ଯ୍ୟର ଡିଜାଇନ, ଯୋଗାଣ, ଉତ୍ଥାପନ, ରୂପାନ୍ତରଣ, ପରୀକ୍ଷଣ ଏବଂ ପ୍ରଚଳନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 847.91 ଲକ୍ଷ, EMD : ₹ 5,74,000/-, କାର୍ଯ୍ୟ ଶେଷ ହେବା ଅବଧି : 09 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.12.06.2025ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉଚିତ୍ ଭାବେ ଆକାଉଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B, G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପରୁ-2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-I)/ ଭୁବନେଶ୍ୱର
PR-33/CI/25-26


See Career Appointment on every Wednesday & Saturday


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 12/ET/SBP/ENGG/2025-26, ତା.19.05.2025ରିଖ

(1) ଇ-ଟେଣ୍ଡର ସଂ.17-eT-DENC-SBP-25

କାର୍ଯ୍ୟର ନାମ : ମଣ୍ଡଳ ଯନ୍ତ୍ରୀ (ମଧ୍ୟ)/ସମ୍ବଲପୁର ପରିସୀମା ଅଧିନସ୍ଥ ନ୍ୟୁଲି କମିଶନ (Newly Commissioned) ସୋନପୁର - ବିନ୍ଧୁପାଲି ସେକ୍ସନ ଠାରେ ଶେଷ ସିଭିଲ କାର୍ଯ୍ୟର ସମ୍ପାଦନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 5,89,10,007.97, ବିଡ୍ ସିକ୍ୟୁରିଟୀ : ₹ 4,44,600/-

(2) ଇ-ଟେଣ୍ଡର ସଂ.18-eT-DENC-SBP-25

କାର୍ଯ୍ୟର ନାମ : ମଣ୍ଡଳ ଯନ୍ତ୍ରୀ (ମଧ୍ୟ)/ସମ୍ବଲପୁର ପରିସୀମା ଅଧିନସ୍ଥ ନ୍ୟୁଲି କମିଶନ (Newly Commissioned) ସୋନପୁର - ବିନ୍ଧୁପାଲି ସେକ୍ସନ ଠାରେ KM. 243/27-7 ଏବଂ 245/19-247/6 ଠାରେ ଡିପ୍ କଟିଂର ସ୍ଲୋପ୍ କୁ ସହଜ କରିବା।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 3,11,80,653.62, ବିଡ୍ ସିକ୍ୟୁରିଟୀ : ₹ 3,06,000/-

କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ) ମାସ (ଉଭୟ ଟେଣ୍ଡର ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 11.06.2025, 1500 ଘଟିକା (ଉଭୟ ଟେଣ୍ଡର ପାଇଁ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/ ସମ୍ବଲପୁର
PR-159/Q/25-26



**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T-28: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା୨୬।୦୫।୨୦୨୫ରିଖ ଦିନ ସାବିତ୍ରୀ ଅମାବାସ୍ୟା ଉପଲକ୍ଷେ ରାଜ୍ୟ ସରକାର ଅବକାଶ ଘୋଷଣା କରିଥିବା ପରିପ୍ରେକ୍ଷୀରେ, ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ତା୨୬।୦୫।୨୦୨୫ରିଖ (ସୋମବାର) ପରିବର୍ତ୍ତେ ତା୨୭।୦୫।୨୦୨୫ରିଖ (ମଙ୍ଗଳବାର) ଦିନ ନିର୍ଦ୍ଧାରିତ ସ୍ଥାନରେ ଅନୁଷ୍ଠିତ ହେବ। ଯେଉଁମାନେ ତା୨୬।୦୫।୨୦୨୫ରିଖ ଦିନ ପାଇଁ ପଞ୍ଜୀକରଣ କରିଥିଲେ, ସେମାନଙ୍କୁ ପୁନଃ ପଞ୍ଜୀକରଣ କରିବାର ଆବଶ୍ୟକତା ନାହିଁ। ତା୨୬।୦୫।୨୦୨୫ରିଖ ଦିନ ପାଇଁ ପଞ୍ଜୀକରଣ କରିଥିବା ଜନସାଧାରଣ ସେମାନଙ୍କ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗପତ୍ର ସହ ନିର୍ଦ୍ଧାରିତ ସ୍ଥାନରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇପାରିବେ। ଏତଦ୍ ଭିନ୍ନ ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗପତ୍ର ଗୁଡ଼ିକୁ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ।

ନିର୍ଦ୍ଦେଶକ, ସାଧାରଣ ଅଭିଯୋଗ ତଥା ସ୍ୱତନ୍ତ୍ର ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0127/2526



**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, डालटनगंज**

अल्पकालीन ई–निविदा आमंत्रण सूचना संख्या – 11RII / 2024–25/EE/RWD/DALTONGANJ

कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज द्वारा निम्न विवरण के अनुसार e-procurement पद्धति से पथों का निविदा आमंत्रित की जाती है ।

1. कार्य का नाम : दिनांक–24.05.2025

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (लाख में) अंक में | प्राक्कलित राशि (लाख में) अक्षर में | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| 1 | EE/RWD/ DALTONGANJ /56/2024-25 | कुंभीकला पंचायत भवन से सोहदागखूर्द तक पथ निर्माण कार्य। 2.85कि0मी0 | 313.846 | तीन करोड़ तेरह लाख चौरासी हजार छः सौ रू0 मात्र | 12 माह | द्वितीय |

2. बेवसाईट में निविदा प्रकाशन की तिथि : 28.05.2025
3. ई–निविदा प्राप्ति की अंतिम तिथि एवं समय : 10.06.2025 up to 5.00 PM
4. निविदा खोलने की तिथि एवं समय 12.06.2025 पूर्वाह्न 3.30 बजे
5. निविदा आमंत्रित करने वाले पदाधिकारी का नाम एवं पता : कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज ।
6. ई–निविदा प्रकोष्ठ का दूरभाष सं0 –06562357595

विस्तृत जानकारी के लिए बेवसाईट Jharkhandtenders.gov.in में देखा जा सकता है ।

कार्यपालक अभियंता
ग्रामीण कार्य विभाग, कार्य प्रमंडल, डालटनगंज
PR 353449 Rural Development(25-26).D



**DIRECTORATE OF GROUND WATER DEVELOPMENT : ODISHA**
**Office of The Deputy Director, GWD Division-II, Bhubaneswar**
A/2, Unit-V, Bhubaneswar
[e-mail:srgeologistrsbbsr@gmail.com]

**INVITATION FOR BIDS (IFB)**

e- Procurement Notice : 363 Date : 23.05.2025

Bid Identification No. 05/GWRSD/CHHATA/2025-26,
(Single-Envelope Bidding Process)

No.A- : Deputy Director, Geology, GWD Division-II ,Plot-A/2, Unit-V, Bhubaneswar on behalf of Governor of Odisha invites bids from bidders Class "D" & "C" (As per latest OPWD codal provisions) registered with the State Governments and bidders of equivalent Grade/Class registered with Central Government/ MES /Railways for the construction of following Work.

Bids must be submitted online on or before 04/06/2025 at 11.00 Hrs IST (system server time). Proposals will be opened online on 04/06/2025 at 12.30 hours. In the event of the date specified for proposal opening being declared as a closed holiday for the purchaser's office, the due date for opening of bid will be the following working day at the appointed time. Details of the Tender will be available in the procurement portal 'www.tendersodisha.gov.in".

| Sl. No. | Description | Details |
|---|---|---|
| 1. | Name of the Work | Construction of 02 nos. RRHS in Nayagarh ULB area of Nayagarh district for FY-2025-26 |
| 2. | Start Date of availability of Bid document online (bid download) | 26.05.2025 from 11.00 Hrs |
| 3. | Last Date of availability of bid document online (bid download) | 04.06.2025 up to 11.00 Hrs |
| 4. | Last date and time for receipt of bid document (Bid Submission End date & Time) | 04.06.2025 up to 11.00 Hrs |
| 5. | Date & Time of opening of bid document (bid Opening date) | 04.06.2025 at 12.30 Hrs |

Sd./- Deputy Director, Geology
GWD Division-II, Bhubaneswar
OIPR-32462/11/0013/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୬୦ କୋଟିରୁ ଊର୍ଦ୍ଧ୍ୱ ଭାରତୀୟଙ୍କ ହାତରେ ସ୍ମାର୍ଟଫୋନ୍

## ଚାହିଦାରେ ଫିଚର ଫୋନ୍

**ଭୁବନେଶ୍ୱର,୨୪।୫**

ବର୍ତ୍ତମାନ ସମୟରେ ସବୁବର୍ଗର ଲୋକ ସ୍ମାର୍ଟଫୋନ୍ ବ୍ୟବହାର କରୁଛନ୍ତି। ଏପରିକି ନିଜର ଆବଶ୍ୟକତା ହେଉ କିମ୍ବା ଟେକ୍ନୋଲୋଜିର ବ୍ୟବହାର ପାଇଁ ଅଧିକାଂଶ ଲୋକ ଅତ୍ୟାଧୁନିକ ସ୍ମାର୍ଟଫୋନ୍ ବ୍ୟବହାରକୁ ଗୁରୁତ୍ୱ ଦେଉଛନ୍ତି। କାରଣ ସ୍ମାର୍ଟଫୋନ୍ ଜରିଆରେ ବ୍ୟବହାରକାରୀମାନେ ସେମାନଙ୍କର ଜରୁରୀ ସୂଚନା ଓ ଇ ସେବା ସହଜରେ ପାଇପାରୁଛନ୍ତି।

ସେହିଭଳି ଭାରତୀୟ ବଜାରରେ ବର୍ତ୍ତମାନ ୨ଜି, ୪ଜି ଏବଂ ୫ଜି ଫୋନ୍‌ର ବ୍ୟବହାର ହେଉଥିବାବେଳେ ସ୍ମାର୍ଟଫୋନ (୪ଜି ଏବଂ ୫ଜି ) ଗ୍ରାହକଙ୍କ ସଂଖ୍ୟା ୬୦ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଲାଭା ଇଣ୍ଟରନ୍ୟାଶନାଲର ପ୍ରଡକ୍ଟ ହେଡ୍(ଉତ୍ପାଦ ମୁଖ୍ୟ) ସୁମିତ ସିଂହ କହିଛନ୍ତି। ସେହିପରି ବର୍ଷକୁ ୧୫୦ ମିଲିୟନ ଫୋନ ଭାରତୀୟ ବଜାରରେ



ବିକ୍ରି ହେଉଥିଲାବେଳେ ମାସିକ ପ୍ରାୟ ୧୨.୫ ମିଲିୟନ ଫୋନ ବିକ୍ରି କରାଯାଉଛି। ଏପରିକି ସେଗ୍‌ମେଣ୍ଟ ୱାଇଜ୍ (ବିଭାଗୀୟ କ୍ଷେତ୍ର)ରେ ସ୍ମାର୍ଟଫୋନ୍‌ର ମୂଲ୍ୟଭିତ୍ତିକ ଫୋନ୍‌ର ଡିମାଣ୍ଡ ଥିଲାବେଳେ ଫିଚର ଫୋନ୍‌ର ଚାହିଦା ବର୍ତ୍ତମାନ ମଧ୍ୟ ବଜାରରେ ଜାରି ରହିଛି। ଅପରପକ୍ଷରେ ପ୍ରାୟ ୧୦,୦୦୦ ଟଙ୍କାର ସ୍ମାର୍ଟଫୋନ୍ ୧୯% ଗ୍ରାହକ ବ୍ୟବହାର କରୁଥିଲାବେଳେ ୧୦ରୁ ୨୦ ହଜାର ଟଙ୍କାର ମୂଲ୍ୟର ସ୍ମାର୍ଟଫୋନ୍ ୪୩% ଗ୍ରାହକ ବ୍ୟବହାର କରୁଛନ୍ତି। ଏପରିକି ୨୦ରୁ ୩୦ ହଜାର ଟଙ୍କାର ମୂଲ୍ୟର ସ୍ମାର୍ଟଫୋନ୍ ୪୩% ଗ୍ରାହକ ବ୍ୟବହାର କରୁଥିଲାବେଳେ ୩୦,୦୦୦ରୁ ଊର୍ଦ୍ଧ୍ୱ ମୂଲ୍ୟର ସ୍ମାର୍ଟଫୋନ ୧୫% ଗ୍ରାହକ ବ୍ୟବହାର କରୁଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୪-୨୫ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୮୫%ରୁ ଅଧିକ ଲୋକ ସ୍ମାର୍ଟଫୋନ୍ ବ୍ୟବହାର କରୁଥିଲାବେଳେ ୪ଜି ଏବଂ ୫ଜିର ପରିମାଣ ୬୦% ଏବଂ ୪୦% ରହିଛି। ଏହି ପରିମାଣ ୨୦୨୫-୨୬ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହି ସଂଖ୍ୟା ପରିବର୍ତ୍ତନ ହୋଇ ୧୦% ଏବଂ ୯୦%ରେ ପହଞ୍ଚିବ ବୋଲି ମୋବାଇଲ ଶିଳ୍ପ ପକ୍ଷରୁ ଆକଳନ କରାଯାଇଛି। ଅପରପକ୍ଷରେ ୨୦୨୪-୨୫ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୫୦% ଲୋକ ଫିଚର ଫୋନ୍ ବ୍ୟବହାର କରୁଥିଲାବେଳେ ୨୦୨୫-୨୬ ଆର୍ଥିକ ବର୍ଷ ଶେଷ ବେଳକୁ ମଧ୍ୟ ସାମାନ୍ୟ ହ୍ରାସ ଘଟିପାରେ ବୋଲି ଶିଳ୍ପ ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି।

## ବଜାରରେ ଲାଭାର ନୂତନ ଉତ୍ପାଦ

**ଭୁବନେଶ୍ୱର,୨୪।୫**

ଲାଭା ଇଣ୍ଟରନ୍ୟାଶନାଲ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂତନ ସାର୍କ ୫ଜି ସ୍ମାର୍ଟଫୋନ୍ ଓ ସାର୍କ ସିରିଜ୍‌ର ଶୁଭାରମ୍ଭ ଭୁବନେଶ୍ୱରରେ ହୋଇଯାଇଛି। ଏପରିକି ଏହି ମେଗା ଉନ୍ମୋଚନ ସହ ବିଭିନ୍ନ ବର୍ଗରେ ବ୍ରାଣ୍ଡ୍ ଭାରତୀୟ ଉପଭୋକ୍ତାଙ୍କ ପାଇଁ ନେକ୍ସଟ-ଜେନ୍ ଟେକ୍ନୋଲୋଜିକୁ ଅଧିକ ପହଞ୍ଚଯୋଗ୍ୟ କରିବା ପାଇଁ ଲାଭାର ବିଦ୍ୟମାନ ପ୍ରୟାସଗୁଡ଼ିକରେ ଆଉ ଏକ ସଫଳତାକୁ ଚିହ୍ନିତ କରୁଛି, ଯାହା ଭାରତରେ ସ୍ମାର୍ଟଫୋନ୍‌ଗୁଡ଼ିକୁ ଡିଜାଇନ ଓ ଉତ୍ପାଦନ କରିବା ପ୍ରତି ବ୍ରାଣ୍ଡର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ସେହିଭଳି ବ୍ରାଣ୍ଡ ନୂତନ ସାର୍କ ୫ଜି ସ୍ମାର୍ଟଫୋନ୍ ୭୯୯୯ ଟଙ୍କା ମୂଲ୍ୟର କ୍ରୟ ପାଇଁ ରିଟେଲ ଆଉଟ୍‌ଲେଟ୍ ଓ ଲାଭା ଇ-ଷ୍ଟୋର୍‌ରେ ଉପଲବ୍ଧ ହେବ।

# ଓଡ଼ିଆରେ ମାଲାବାରର ପ୍ରଥମ ଅଭିଯାନ

**ଭୁବନେଶ୍ୱର,୨୪।୫ (ଅଭୟ ଦାଶ)**

ମାଲାବାର ଗୋଲ୍‌ଡ ଆଣ୍ଡ ଡାଇମଣ୍ଡସ୍‌ର ବହୁ ପ୍ରତୀକ୍ଷିତ ତଥା ଓଡ଼ିଆ ଭାଷାରେ ବ୍ରାଣ୍ଡର ପ୍ରଥମ ଅଭିଯାନ 'ଆମର ପରମ୍ପରା ଆମର ମାଲାବାର' ର ଶୁଭାରମ୍ଭ କରିଛି। ଏଥିରେ ଓଡ଼ିଶାର ଲୋକପ୍ରିୟ ସୁପରଷ୍ଟାର ସବ୍ୟସାଚୀ ମିଶ୍ରଙ୍କୁ ସାମିଲ କରାଯାଇଛି। ଏପରିକି ଓଡ଼ିଆ ପରମ୍ପରାରେ ସୁନାର ଭାବପ୍ରବଣ ଏବଂ ସାଂସ୍କୃତିକ ଗୁରୁତ୍ୱକୁ ଜୀବନ୍ତ କରିବା ସହ ଏହି ଅଭିଯାନ ଜଣେ ଝିଅର ଜନ୍ମରୁ କନ୍ୟା ହେବା ପର୍ଯ୍ୟନ୍ତ ଯାତ୍ରାକୁ ଦର୍ଶାଉଛି, ଯାହା ପୂଜା, ଅନ୍ନପ୍ରାସନ, ରଜ ପର୍ବ ଏବଂ ବିବାହ ଭଳି ଓଡ଼ିଶାର ପ୍ରଚଳିତ ପ୍ରଥା ମାଧ୍ୟମରେ ସମ୍ପନ୍ନ ହୋଇଥାଏ।




ସେହିଭଳି ଏହି ଅଭିଯାନ ଟିଭି ଚ୍ୟାନେଲ, ଡିଜିଟାଲ ପ୍ଲାଟ୍‌ଫର୍ମ, ସିନେମା ଏବଂ ଭିଜୁଆଲ ମାଧ୍ୟମରେ ବ୍ୟାପକ ଭାବେ ଚାଲିଛି। ଏହି ଅଭିଯାନର ଲକ୍ଷ୍ୟ ହେଉଛି ମାଲାବାର ଗୋଲ୍‌ଡ ଆଣ୍ଡ ଡାଇମଣ୍ଡସ୍‌କୁ ପସନ୍ଦିତ ବର ଅଳଙ୍କାର ସହ ଓଡ଼ିଶା ଏବଂ ଦେଶ ବାହାରେ ରହୁଥିବା ଓଡ଼ିଆ ପ୍ରବାସୀମାନଙ୍କ ମଧ୍ୟରେ ସବୁଠାରୁ ବିଶ୍ୱସ୍ତ ଏବଂ ଦାୟିତ୍ୱପୂର୍ଣ୍ଣ ଅଳଙ୍କାର ବ୍ରାଣ୍ଡ୍ ଭାବରେ ସ୍ଥାନିତ କରିବା। ଏ ନେଇ ସବ୍ୟସାଚୀ ମିଶ୍ର କହିଥିଲେ, ମାଲାବାର ଗୋଲ୍‌ଡ ଆଣ୍ଡ ଡାଇମଣ୍ଡସ୍‌ର ଏହି ଉତ୍କୃଷ୍ଟ ବ୍ରାଣ୍ଡ୍ ଅଭିଯାନରେ ଓଡ଼ିଶାର ସମୃଦ୍ଧ ପରମ୍ପରାକୁ ପ୍ରତିନିଧିତ୍ୱ କରିଥିବାରୁ ମୁଁ ନିଜକୁ ସମ୍ମାନିତ ଅନୁଭବ କରୁଛି। ପ୍ରତ୍ୟେକ ଓଡ଼ିଆଙ୍କ ଘରେ ସୁନାର ଏକ ସ୍ୱତନ୍ତ୍ର ସ୍ଥାନ ଅଛି। ଏହା ଆମର ଆଶୀର୍ବାଦ, ଆମର ପ୍ରାର୍ଥନା, ଜୀବନରେ ଆମର ମୂଲ୍ୟବାନ୍ ମୁହୂର୍ତ୍ତର ଏକ ଅଂଶ ହୋଇଥିଲାବେଳେ ସ୍ୱଚ୍ଛତା ଏବଂ ନୈତିକ କାରିଗରିର ବ୍ରାଣ୍ଡର ଦର୍ଶନ ଉପରେ ଗୁରୁତ୍ୱାରୋପ କରିବା ସହିତ ଆମର ସାଂସ୍କୃତିକ ନୀତିରେ ଗଭୀର ଭାବରେ ନିହିତ ଏହି ଅଭିଯାନ ରାଜ୍ୟ ଏବଂ ବାହାରର ଓଡ଼ିଆ ସମ୍ପ୍ରଦାୟ ସହ ନିଶ୍ଚିତ ଭାବରେ ପ୍ରତିଧ୍ୱନିତ କରିବ। ସେହିପରି ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଥିଲେ, ବ୍ରାଣ୍ଡ୍ ଅଭିଯାନ ହେଉଛି ଏହାର ସର୍ବୋଚ୍ଚ ସାଂସ୍କୃତିକ ଏବଂ କଳାତ୍ମକ ଐତିହ୍ୟ ପାଇଁ ଜଣାଶୁଣା ଓ ଓଡ଼ିଶା ପ୍ରତି ଏକ ଶ୍ରଦ୍ଧାଞ୍ଜଳି। ସବ୍ୟସାଚୀ ମିଶ୍ର ଏହି ଅଭିଯାନ ନିମନ୍ତେ ଆମ ପାଇଁ ଏକ ସ୍ୱାଭାବିକ ପସନ୍ଦ, କାରଣ ଓଡ଼ିଶାବାସୀଙ୍କ ମଧ୍ୟରେ ତାଙ୍କର ସ୍ଥାୟୀ ଆକର୍ଷଣ ଏବଂ ସେ ଯେଉଁ ମୂଲ୍ୟବୋଧ ପାଇଁ ଠିଆ ହୋଇଛନ୍ତି, ତାହା ପବିତ୍ରତା ଏବଂ ବିଶ୍ୱାସ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ଅଭିଯାନ ଜୀବନର ସବୁଠାରୁ ମୂଲ୍ୟବାନ୍ ମୁହୂର୍ତ୍ତଗୁଡ଼ିକର ଯାତ୍ରାକୁ ସୁନ୍ଦର ଭାବେ କଏଦ କରିଛି ଏବଂ ସବ୍ୟସାଚୀ ଏହି ବର୍ଣ୍ଣନାର ନେତୃତ୍ୱ ନେବା ସହ ଆମେ ଓଡ଼ିଶାର ପରମ୍ପରାକୁ ସମ୍ମାନ କରିଥିବାରୁ ମୁଁ ବେଶ୍ ଗର୍ବିତ।

# ସ୍ମାର୍ଟ ବଜାରର ମେଗା ସାବିତ୍ରୀ ଅଫର

**ଭୁବନେଶ୍ୱର,୨୪।୫**

ରିଲାଏନ୍ସ ରିଟେଲ୍‌ର ପ୍ରମୁଖ ପ୍ଲାଟ୍‌ଫର୍ମ ତଥା ସ୍ମାର୍ଟ ବଜାରର ବହୁ ପ୍ରତୀକ୍ଷିତ ମେଗା ସାବିତ୍ରୀ ଅଫରର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷ କରି ଓଡ଼ିଶା ବଜାରରେ ଏହି ସ୍ୱତନ୍ତ୍ର ପାର୍ବଣ ଅଫର ପ୍ରଦାନ କରାଯାଉଛି। ଏହି ଅଫର ୨୦୨୫ ମେ ୨୬ ପର୍ଯ୍ୟନ୍ତ ଉପଲବ୍ଧ। ଏହି ସ୍ୱତନ୍ତ୍ର କ୍ୟାମ୍ପେନକୁ ଶପିଙ୍ଗ୍ ଅନୁଭୂତିରେ ମୂଲ୍ୟ, ସୁବିଧା ଓ ଷ୍ଟାଇଲକୁ ଯୋଗକରିବା ସହ ପରମ୍ପରାକୁ ସମ୍ମାନ ଜଣାଇବା ପାଇଁ ପରିକଳ୍ପନା କରାଯାଇଛି। ଓଡ଼ିଶାରେ ବ୍ୟାପକ ରୂପେ ପାଳନ କରାଯାଉଥିବା ସାବିତ୍ରୀ ବ୍ରତ ହେଉଛି ବିଶ୍ୱାସ, ଭକ୍ତି ଓ ସାଂସ୍କୃତିକ ମହତ୍ତ୍ୱର ପର୍ବ। ଏହି ଶୁଭ ଅବସରକୁ ପାଳନ କରିବା ପାଇଁ ସ୍ମାର୍ଟ ବଜାର ପକ୍ଷରୁ ମହିଳାଙ୍କ ଏଥ୍‌ନିକ ୱେର ଓ ଜରୁରୀ ପୂଜା ସାମଗ୍ରୀ ଉପରେ ସ୍ୱତନ୍ତ୍ର




ଅଫର ପ୍ରଦାନ କରାଯାଉଛି।

ସେହିଭଳି ଏହି ଅଫର ଅନୁଯାୟୀ ସ୍ମାର୍ଟ ବଜାରରେ ଫାର୍ମ-ଫ୍ରେଶ୍ ଫ୍ରୁଟ୍ ଆମ୍ବ କେବଳ ୫୯ ଟଙ୍କା ଓ ତରଭୁଜ ୧୮ ଟଙ୍କା ଏବଂ ପୂଜା ସାମଗ୍ରୀ ଗୁଡ୍ ଲାଇଫ ସାଗୁ ୫୦୦ ଗ୍ରାମ ପିଚ୍ଛା କେବଳ ୩୫ ଟଙ୍କାରେ ଉପଲବ୍ଧ ହେଉଛି। ସେହିପରି ୪୯୯ ଟଙ୍କା ଓ ତା'ଠାରୁ ଅଧିକ ମୂଲ୍ୟର ମହିଳାଙ୍କ କୁର୍ତ୍ତା ଉପରେ ଫ୍ଲାଟ୍ ୨୦% ରିହାତି, ଅଗରବତି (୧୨୦ଗ୍ରାମ ଓ ତା'ଠାରୁ ଅଧିକ) ଉପରେ ବାଏ ୧ ଗେଟ୍ ୧ ଭଳି ଅଫର ରହିଛି। ଏପରିକି ଫ୍ୟାଶନ, ପୂଜା ସାମଗ୍ରୀ, ଫଳ ଓ ରୋଷେଇ ସାମଗ୍ରୀ ଆଦି ଉପରେ ସ୍ମାର୍ଟ ବଜାର ପକ୍ଷରୁ ଆକର୍ଷଣୀୟ ରିହାତି ଉପଲବ୍ଧ ହେଉଛି। ତେଣୁ ଅଧିକ ସଞ୍ଚୟ କରିବା ଓ ଘରକୁ କମ୍ ମୂଲ୍ୟରେ ଦୁଇଗୁଣ ସାମଗ୍ରୀ ନେବା ପାଇଁ ଗ୍ରାହକମାନେ ସ୍ମାର୍ଟ ବଜାରରେ ସ୍ମାର୍ଟ ଶପିଂ କରିପାରିବେ।

# ମାଷ୍ଟର କ୍ରାଫ୍ଟର୍ସ ପ୍ରଦର୍ଶନୀ ଉଦ୍‌ଘାଟିତ

**ଭୁବନେଶ୍ୱର,୨୪।୫**

ଓଡ଼ିଶା କ୍ରାଫ୍ଟସ୍ କାଉନସିଲର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଏକ ୨ଦିନିଆ ପ୍ରଦର୍ଶନୀ 'ମାଷ୍ଟର କ୍ରାଫ୍ଟର୍ସ' ଶନିବାର ଭୁବନେଶ୍ୱର କ୍ଲବ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଏହିଅବସରରେ ହସ୍ତତନ୍ତ, ବସ୍ତ୍ର ଏବଂ ହସ୍ତଶିଳ୍ପ ବିଭାଗର ଆୟୁକ୍ତ ଏବଂ ସଚିବ ପୁନମ ଗୁହା ତାପସ କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ।

ଏ ନେଇ ପୁନମ କହିଛନ୍ତି, ସରକାର ରାଜ୍ୟର କାରୁଶିଳ୍ପ ଖାତାକୁ ଉନ୍ନତ କରିବାକୁ ସୃଜନିକା ଅଧୀନରେ ଏକ କ୍ଲଷ୍ଟର ବିକାଶ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି। ଏହି କାର୍ଯ୍ୟକ୍ରମ ଅଧୀନରେ ଆମେ ପଟ୍ଟଚିତ୍ର, ଡୋକ୍ରା, ସୁନା ଘାସ, ସାବାଇ ଘାସ ଭଳି କାରୁକଳା ପାଇଁ ବିଭିନ୍ନ କ୍ଲଷ୍ଟର ବିକାଶ କରିବୁ। ଏହା କେବଳ ଉତ୍ପାଦର ବ୍ରାଣ୍ଡିଂରେ ସାହାଯ୍ୟ କରିବ ନାହିଁ, ବରଂ ଏହି କାରୁକଳା ପାଇଁ ଆବଶ୍ୟକୀୟ ମାର୍କେଟିଂ ଏବଂ ମାର୍କେଟିଂ ଲିଙ୍କେଜ୍ ମଧ୍ୟ ପ୍ରଦାନ କରିବ। ସେହିଭଳି ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ୨୦ ଜଣ ମାଷ୍ଟର କାରିଗର ଅଂଶଗ୍ରହଣ କରିଛନ୍ତି। ଯେଉଁଥିରେ ଓଡ଼ିଶାର ବିଭିନ୍ନ ପ୍ରକାର ହସ୍ତଶିଳ୍ପ ପ୍ରଦର୍ଶନ ସହ ପଟ୍ଟଚିତ୍ର, ତାଳପତ୍ର ଖୋଦାଇ, ଟେରାକୋଟା, ପଥର ଏବଂ କାଠ ଖୋଦାଇ, ଆପ୍ଲିକ୍, ସୁନା ଘାସ, ସାବାଇ ଘାସ, ରୂପା ଫିଲିଗ୍ରି, ସାମୁଦ୍ରିକ ଶଙ୍ଖ କଳା, ଡୋକ୍ରା କାଷ୍ଟିଂ, ଆଦିବାସୀ ଚିତ୍ରକଳା, ଏବଂ ହାତେ ବୁଣା ଇକତ୍ ଭଳି କଳା ପ୍ରଦର୍ଶିତ ଏବଂ ବିକ୍ରୟ ପାଇଁ ଉପଲବ୍ଧ ରହିବ। ଅପରପକ୍ଷରେ ଓଡ଼ିଶା କ୍ରାଫ୍ଟସ୍ କାଉନସିଲ୍‌ର ଅଧ୍ୟକ୍ଷ ସନ୍ତୋଷ କୁମାର ମହାପାତ୍ର କହିଥିଲେ, ଏହା ଏକ ବିଶେଷ ପ୍ରକାରର ପ୍ରଦର୍ଶନୀ ହୋଇଥିଲାବେଳେ ଦ୍ୱିତୀୟ ସଂସ୍କରଣର ଶୁଭାରମ୍ଭ ହୋଇଯାଇଛି।


# Classified Everyday

0674-2580101, 9692975378



MATRIMONIAL

## BRIDE WANTED

1989 born Niari/Kaibarta boy B.Sc. (Hons), MBA wanted to marry a fair colour beautiful graduate onwards girl. First preference Niari/ Kaibarta Caste then other caste. Contact No.- 9437969051, 9620107499. D-626

Handsome Khandayat Boy 1990, 5'9", B.Tech, Serving Data Scientist MNC Bangalore. "SUNASANSAR". 9937512659. D-76271

Bride wanted Brahmin 32 network Engineer (HFCL). 7008123336. D-694

## GROOM WANTED

Beautiful Brahmin Girl 31+, M.Sc/ Govt. Class-II Officer. 9938199964, 9090486408. D-636

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



REAL ESTATE

## SALE

Gharabari Plot- 25 Decimal available for sale near Kujanga, Paradeep, Dist.- Jagatsinghpur. 9438713093. D-535

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266

**3BHK Flats at 99 Lakhs near 200ft road at Sundarpur Patia for early buyers. Contact: 9437095996, 8018461579.** D-76827

**Sale of personal plot 60x80= 4800sft. Nearer to Phulanakhara, 11 K.M. from BBSR @ 1500per sft. with big compound wall, beautiful road, touching to a building. 7809525452.** D-76458

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପଦୂରତାରେ 1500sqft.- 5,55,000/- ପ୍ଲଟ୍ ବିକ୍ରିହେବ। 9348232008. D-76265

**Sthitiban plot sale near IIT Argul, Khurdha, Bhubaneswar. Immediate registration/ possesion sqft.- 350/-. 8328868883.** D-76270



CONSTRUCTION

Do you want to construct a building on your own plot please contact K.K. Construction. 7008268129, 9439143273. D-71397




14 Rooms with attached Bathroom, Ground Floor, Chandrasekharpur, Bhubaneswar. 9437008388. D-74730

10,500 sqft. house on Patia Infocity Road and 3,500 Sqft. house near Lemon Hotel, Maitrivihar main road for rent for Office Commercial purpose. Contact: 9435193999, 8658527440. D-688

Rent for PG (Gents) Service holder at Oldtown, Bhubaneswar. 9938679679, 8637266862. D-76459

**Email** ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




Positively health benefits spa expert female therapist homely atmosphere. 9114559860. D-542

**Relax, Refresh your body, Mind at Saikrupa Spa with best therapies. 7848011468.** D-568

## AFFIDAVIT

I, Suresh Kumar Pedina, S/o- Late Pedina Ananta Rao, resident of At- Dera Sahi, Gudari, Ward No.- 5, P.O/P.S.- Gudari, Dist.- Rayagada, Odisha, PIN- 765026 declare by this affidavit No.- 480, dated 21.05.2025 that now onwards I shall be known as Suresh Kumar Pedina for all future purposes. D-696

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

By virtue of an affidavit sworn before Executive Magistrate, Bhubaneswar, dated 23.05.2025, I, Pinaki Prasad Sahoo, Address: At- Sriram Nagar, Odagaon, P.O./P.S.- Odagaon, Dist.- Nayagarh, PIN- 752081, Odisha declare that I have changed my daughter's name from Samparna Sahoo to Shree Samparna Sahoo. Henceforth, she shall be known as Shree Samparna Sahoo for all purposes.
Pinaki Prasad Sahoo
D-693

